• Vol.- 46, Issue No. 184
• Saturday, 03 October 2026
• ଶନିବାର,୦୩ ଅକ୍ଟୋବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







ଏସୀୟ କ୍ରୀଡ଼ା: ୪୪ ବର୍ଷ ଅପେକ୍ଷାର ଅନ୍ତ, ହାରିଲା ଚୀନ୍

# ଭାରତୀୟ ମହିଳା ହକି ଟିମ୍‌କୁ ସ୍ୱର୍ଣ୍ଣ

### ବିଜୟୀ ଟିମ୍‌ରେ ଓଡ଼ିଆ ଝିଅ ସୁନେଲିତା

### ଟିମ୍ ଅର୍ଜନ କଲା ୨୦୨୮ ଲସ୍ ଆଞ୍ଜେଲେସ ଅଲିମ୍ପିକ୍ସ ଯୋଗ୍ୟତା

### 'ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ': ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨।୧୦: ଦୀର୍ଘ ୪୪ ବର୍ଷ ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିଛି। ଜାପାନରେ ୨୦୨୬ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ନୂଆ ଇତିହାସ ରଚିଛି। ଏସିଆନ ଗେମ୍ସର ଡିଫେଣ୍ଡିଂ ଚାଇନାକୁ ୧-୦ରେ ହରାଇ ଦଳ ସ୍ୱର୍ଣ୍ଣ ପଦକ ଜିତିବାକୁ ସକ୍ଷମ ହୋଇଛି। ଭାରତ ଶେଷ ଥର ୧୯୮୨ ଦିଲ୍ଲୀରେ ଆୟୋଜିତ ଏସିଆନ ଗେମ୍ସର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା। ଏବେ ୪୪ ବର୍ଷ ପରେ ଲାରେମସିଆମିଙ୍କ ଏକମାତ୍ର ଗୋଲ ଭାରତକୁ ବିଜୟ ଭେଟି ଦେଇଛି। ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ଚାମ୍ପିୟନ ହେବା ମାତ୍ରେ ସିଧାସଳଖ ୨୦୨୮ ଲସ୍ ଆଞ୍ଜେଲେସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛି। ନିକଟରେ ଶେଷ ହୋଇଥିବା ମହିଳା ହକି ବିଶ୍ୱକପରେ ଭାରତ ପଞ୍ଚମ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲା। ହେଲେ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ୍‌ର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିପାରିଛି। ଚୀନ ଡିଫେଣ୍ଡିଂ ଚାମ୍ପିୟନ ହୋଇଥିଲେ ହେଁ ଭାରତୀୟ ମହିଳା ଦଳ ଗୋଲ ସ୍କୋର କରି ଖାତା ଖୋଲିଥିଲା। ମ୍ୟାଚ୍‌ର ୧୦ମ ମିନିଟ୍‌ରେ ନିଜର ୨୦୦ତମ ମ୍ୟାଚ୍ ଖେଳୁଥିବା ଲାରେମସିଆମି ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ। ପ୍ରଥମ କ୍ୱାର୍ଟର ଭାରତ ନିୟନ୍ତ୍ରଣରେ ରହିଥିଲା। ହେଲେ ଦ୍ୱିତୀୟ କ୍ୱାର୍ଟର ଠାରୁ ଚୀନ ଘନଘନ ଆକ୍ରମଣ କରିଥିଲା। ଭାରତ କେବଳ ଡିଫେନ୍ସରେ ଅଧିକ ଧ୍ୟାନ ଦେଇଥିଲା।ଭାରତ ଶେଷ କ୍ୱାର୍ଟରରେ ପୂରା ଡିଫେନ୍ସିଭ ଆଭିମୁଖ୍ୟ ଦେଖାଇଥିଲା। ସଲିମା ଟେଟଙ୍କ ଟିମ ଇତିହାସ ରଚିବା ଲକ୍ଷ୍ୟରେ ଥିଲା। ଅଭିଜ୍ଞ ନେହା ଓ ନବନୀତ କୌରଙ୍କ ସମେତ ଓଡ଼ିଶାର ସୁନେଲିତା ଟପୋ ଚୀନର ସବୁ ଆକ୍ରମଣକୁ ପଣ୍ଡ କରି ଦେଇଥିଲେ। ଆଉ ଭାରତକୁ ୪୪ ବର୍ଷ ପରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଭେଟି ଦେଇଥିଲେ। ୧୯୮୨ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଡେବ୍ୟୁ କରିବା ସହ ରାଉଣ୍ଡ ରବିନ ଫର୍ମାଟରେ ଅପରାଜେୟ ରହି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ଆଜି ଯାଏଁ ଭାରତୀୟ ମହିଳା ଦଳର ଏକମାତ୍ର ଏସୀୟ ସ୍ୱର୍ଣ୍ଣ ଥିଲା। ଦୀର୍ଘ ଚାରି ଦଶନ୍ଧି ପରେ ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବାକୁ ପ୍ରଧାନମନ୍ତ୍ରୀ ମୋଦୀ ଏକ 'ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ' ବୋଲି ବର୍ଣ୍ଣନା କରିଛନ୍ତି। ଏହି ସଫଳତା ଉତ୍କୃଷ୍ଟ ଦକ୍ଷତା,ଦୃଢ଼ ନିଷ୍ଠା ଏବଂ ଚମତ୍କାର ଦଳଗତ କାର୍ଯ୍ୟର ଫଳ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡେଲରେ ଏନେଇ ପୋଷ୍ଟ କରାଯାଇଛି।

# ଲଦାଖର ୨୮ ସ୍ଥାନ ମାନଚିତ୍ରରେ ଚିହ୍ନିତ

ନୂଆଦିଲ୍ଲୀ, ୨।୧୦: କେନ୍ଦ୍ର ସରକାର ଭାରତୀୟ ସର୍ବେକ୍ଷଣର ସରକାରୀ ମାନଚିତ୍ରରେ ଲଦାଖର ୨୮ଟି ସ୍ଥାନକୁ ମାନକ ଏବଂ ଭୌଗୋଳିକ ଢାଞ୍ଚାଗତ ନାମ ସହିତ ଚିହ୍ନିତ କରିଛନ୍ତି। ଏଥିରେ ରଣନୈତିକ ସ୍ଥାନଗୁଡ଼ିକର ଆନୁଷ୍ଠାନିକ ଚିହ୍ନଟ ଏବଂ ସେଗୁଡ଼ିକର ଭୌଗୋଳିକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ। ଏଥିରେ ଗୋଗ୍ରା ଏବଂ ହଟ୍ ସ୍ପ୍ରିଙ୍ଗସ୍ ଭଳି ଲାଇନ୍ ଅଫ୍ ଆକ୍ଟୁଆଲ୍ କଂଟ୍ରୋଲ୍ (ଏଲ୍. ଏ. ସି.) ରେ ଥିବା ପ୍ରମୁଖ ସୀମା ବିବାଦ ପଏଣ୍ଟ ଅନ୍ତର୍ଭୁକ୍ତ। ଶୁକ୍ରବାର ଗୃହ ମନ୍ତ୍ରଣାଳୟ କହିଛି ଯେ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ଲଦାଖର ମାନଚିତ୍ରରେ ଆନୁଷ୍ଠାନିକ ଭାବରେ ଚିହ୍ନିତ ହେବାର ଉଦ୍ଦେଶ୍ୟ ହେଉଛି ସେମାନଙ୍କର ସଠିକ୍ ଚିହ୍ନଟକୁ ସହଜ କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଉନ୍ନତ ସଚେତନତା ସୃଷ୍ଟି କରିବା। ମନ୍ତ୍ରଣାଳୟ କହିଛି ଯେ ଅତିଶା ଗିରି (ଶିଖର), ବ୍ରାଙ୍ଗସା ଲ୍ୟାଣ୍ଡ (କ୍ଷେତ୍ର), ଚାପ୍ସିଙ୍ଗାଲ ପାସ୍ (ପାସ୍), କନିଷ୍କ ଶିଖର (ଶିଖର), କରୁଣ ପୀର (ପର୍ବତ)। କୁକ୍ସେଲ ଲ୍ୟାଣ୍ଡ (କ୍ଷେତ୍ର), ମାର୍ତାଣ୍ଡ ଗିରି (ଶିଖର), ୮ ପାର୍ଫିକ (ଗ୍ଲେସିୟର), ସ୍କାମ୍ରି ଗ୍ଲେସିୟର (ଗ୍ଲେସିୟର), ଶଟମିର୍କ ପାସ୍ (ପାସ୍), ଶାକୋର୍ଗା ଉପତ୍ୟକା (ଉପତ୍ୟକା), ଜୋରାୱାର ଶିଖର (ଶିଖର), ଦେହରା କମ୍ପାସ ଲ୍ୟାଣ୍ଡ (କ୍ଷେତ୍ର), ଡ୍ରାକ୍ କାର୍ପୋ (ପର୍ବତ), ଗୋଗ୍ରା ଲ୍ୟାଣ୍ଡ (କ୍ଷେତ୍ର), ଜୋଲମୋରୀ (ପର୍ବତ), କୁମାରାୟଣ ପଏଣ୍ଟ ଲ୍ୟାଣ୍ଡ (କ୍ଷେତ୍ର), ପାଙ୍ଗଙ୍ଗ ଲ୍ୟାଣ୍ଡ (କ୍ଷେତ୍ର), ରିଂଚେନ ଜାଙ୍ଗପୋ (ଶିଖର), ସାକ୍ୟାଶ୍ରୀ ଗିରି (ଶିଖର), ଗୁରୁ



ରିନପୋଚେ (ହ୍ରଦ), ଶାମାଲ ଲୁଙ୍ଗପା ଲ୍ୟାଣ୍ଡ (କ୍ଷେତ୍ର), ୟାଙ୍ଗପା ନଦୀ (ନଦୀ), ଗରମ ଝରଣା ଜଳ (ଶରୀର), ମାର୍ପା ଲୋଟସାୱା ରି (ଶିଖର), ମିଲାରେପା କାଂଗ୍ରି (ଶିଖର), ଶିବ ରି (ଶିଖର), ମହେଶ୍ୱର ରି (ଶିଖର)।ଏହା ଉଲ୍ଲେଖ କରାଯାଇପାରେ ଯେ କିଛି ସମୟ ପୂର୍ବରୁ ଅରୁଣାଚଳ ପ୍ରଦେଶରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମାନ ଆନୁଷ୍ଠାନିକ ନାମକରଣ ପ୍ରବର୍ତ୍ତନ କରାଯାଇଥିଲା।

# ପୂଜା ପୂର୍ବରୁ ଦିଆଯିବ ବନ୍ୟା କ୍ଷତିପୂରଣ

ଭୁବନେଶ୍ୱର, ୨।୧୦(ନିପ୍ର): ପୂଜା ପୂର୍ବରୁ ୧୦ ତାରିଖ ସୁଦ୍ଧା ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ସମୟ ପୂର୍ବରୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ୨୬୧ କୋଟି ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ଦିଆଯାଇଛି। ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଟଙ୍କା ଦିଆଯାଇଛି। ଯେତେଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ କ୍ଷତିପୂରଣ ଯୋଗାଇ ଦିଆଯିବ। ବନ୍ୟା ସମୟରେ ଅବହେଳା ପାଇଁ ଚାନ୍ଦବାଲି ବିଡିଓ ନିଲମ୍ବିତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ଅକ୍ଷମଣୀୟ।

# ଆରମ୍ଭ ହେଲା 'ସୁଜଳ' ଅଭିଯାନ

- ରାଜ୍ୟବ୍ୟାପୀ ୧୬ ପର୍ଯ୍ୟନ୍ତ ଚାଲିବ
- ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ କରାଯିବ ଉତ୍ସାହିତ
- ଅଭିଯୋଗ ସମାଧାନ ପାଇଁ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୫୫୩୫୯

ଭୁବନେଶ୍ୱର, ୨।୧୦: ଭୁବନେଶ୍ୱରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର 'ସୁଜଳ' ଅଭିଯାନର ଆଜି ଉଦ୍ଘାଟନ କରିଛନ୍ତି । ୧୬ ତାରିଖ ପର୍ଯ୍ୟନ୍ତ ଏହା ରାଜ୍ୟବ୍ୟାପୀ ଚାଲିବ । ବିଭାଗ ଅଧୀନସ୍ଥ ୱାଟକୋ ଦ୍ୱାରା ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା। "ଜଳ ସଂରକ୍ଷଣ - ଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ିର ଭାଗ୍ୟ" ବାର୍ତ୍ତାକୁ ଆଧାର କରି ଏହି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯିବ । ନିରାପଦ ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇ ଅଭିଯାନରେ "ଦୂଷିତ ଜଳ ବିଭିନ୍ନ ରୋଗର କାରଣ" ବାର୍ତ୍ତା ପ୍ରଚାର କରାଯିବ। ଦୂଷିତ ଜଳ ବ୍ୟବହାର ଦ୍ୱାରା ଝାଡ଼ାବାନ୍ତି, ଆମାଶୟ, ଟାଇଫଏଡ୍ ଓ ଜଣ୍ଡିସ୍ ଭଳି ରୋଗ ହେବାର ଆଶଙ୍କା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ । ପାନୀୟ ଜଳକୁ ପରିଷ୍କାର ଓ ଘୋଡଣୀ ଯୁକ୍ତ ପାତ୍ରରେ ରଖିବା, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଘରୋଇ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଜଳ ସଂରକ୍ଷଣକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ନାଗରିକମାନଙ୍କୁ କେତେକ ସରଳ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ନ ଥିବା ସମୟରେ ଟ୍ୟାପ୍ ବନ୍ଦ ରଖିବା, ଜଳ ଯୋଗାଣ ପାଇପ୍‌ରେ ଲିକେଜ୍ ହେଲେ ତୁରନ୍ତ ମରାମତି କରିବା ଏବଂ ନଦୀ, ପୋଖରୀ, ନଳକୂପ ଆଦି ଜଳଉତ୍ସ ନିକଟରେ ଆବର୍ଜନା ନ ପକାଇବା ଏହି ପଦକ୍ଷେପ ଗୁଡ଼ିକର ଅନ୍ତର୍ଭୁକ୍ତ । ଏଥିସହ ବର୍ଷାଜଳ ଅମଳ ଓ ଏହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା, ଘରର ଓଭରହେଡ୍ ଜଳଟାଙ୍କି ଓ ଭୂତଳ ଜଳ ସଂରକ୍ଷଣ ଟାଙ୍କିକୁ ନିୟମିତ ସଫା କରିବା ଏବଂ ପାନୀୟ ଜଳର ଗୁଣବତ୍ତା ବଜାୟ ରଖିବା ଉପରେ ମଧ୍ୟ ସଚେତନ କରାଯିବ । ଏହାଦ୍ୱାରା ଜଳର ଅପଚୟ ହ୍ରାସ ପାଇବା ସହ ଜଳ ଦୂଷିତ ହେବାର ଆଶଙ୍କା ମଧ୍ୟ କମିବ । ଜଳ ଯୋଗାଣ ସମ୍ପର୍କିତ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ ନାଗରିକମାନେ ବିଭାଗର ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୫୫୩୫୯ ଏବଂ ୧୮୦୦-୧୨୧୬-୮୩୩ରେ ଯୋଗାଯୋଗ କରିପାରିବେ। ଏହି ଅବସରରେ ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।



# ପକେଟକୁ ମହଙ୍ଗାମାଡ଼: ୪ରୁ ଓମଫେଡ୍ ଦୁଗ୍ଧ ଦର ବୃଦ୍ଧି



ଭୁବନେଶ୍ୱର, ୨।୧୦: ଆସନ୍ତା ୪ ତାରିଖରୁ ଦୁଗ୍ଧ ଦର ବୃଦ୍ଧି କରିବ ଓମଫେଡ୍। ଟୋନ୍ଡ ଦୁଗ୍ଧ ଲିଟର ପ୍ରତି୪ ଟଙ୍କା ବୃଦ୍ଧି ହୋଇ ଲିଟର ୫୪ ଟଙ୍କାରୁ ବୃଦ୍ଧି ପାଇ ହେବ ୫୮ ଟଙ୍କା । ଟୋନ୍ଡ ଦୁଗ୍ଧ ପ୍ୟାକେଟ୍ (୫୦୦ମି.ଲି) ୨ ଟଙ୍କା ବୃଦ୍ଧି ହେବ । ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ । ଲିଟର ୫୮ ଟଙ୍କାରୁ ବୃଦ୍ଧିପାଇ ହେବ ୬୦ ଟଙ୍କା । ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍(୫୦୦ମି.ଲି) ୧ ଟଙ୍କା ବୃଦ୍ଧି, ଗୋଲ୍ଡ ପ୍ଲସ୍‌ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହୋଇ ଲିଟର ୬୪ଟଙ୍କାରୁ ବୃଦ୍ଧି ପାଇ ହେବ ୬୬ ଟଙ୍କା ।ଗୋଲ୍ଡ ପ୍ଲସ୍ ଦୁଗ୍ଧ ପ୍ୟାକେଟ୍(୫୦୦ ମି.ଲି) ୧ ଟଙ୍କା ବୃଦ୍ଧି ହେବ।

# ୧୨ରେ ଘୂର୍ଣ୍ଣିବଳୟ, ୧୩ରେ ଲଘୁଚାପ !



ଭୁବନେଶ୍ୱର, ୨।୧୦:ଆନ୍ଧ୍ର-ଓଡ଼ିଶା ଉପକୂଳମୁହାଁ ହେଉଛି ଘୂର୍ଣ୍ଣିବଳୟ। ଭାରତୀୟ ପାଣିପାଗ ବିଭାଗର ଏହି ପୂର୍ବାନୁମାନ ପରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଚିନ୍ତା ବଢ଼ିବାରେ ଲାଗିଛି। ଅକ୍ଟୋବର ଆରମ୍ଭରୁ ପୁଣିଥରେ ବଙ୍ଗୋପସାଗରରେ ପ୍ରକୃତିର ରୂପ ବଦଳିବାରେ ଲାଗିଛି। ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆରମ୍ଭ ହୋଇସାରିଥିବା ବେଳେ ପାଣିପାଗ ବିଭାଗର ଏହି ଆକଳନ ଚିନ୍ତା ବଢ଼ାଇ ଦେଇଛି। ପୂର୍ବାନୁମାନ ଅନୁଯାୟୀ, ଅକ୍ଟୋବର ୧୨ ତାରିଖରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ନୂତନ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଅକ୍ଟୋବର ୧୩ ବେଳକୁ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମଶଃ ଏହା ଅଧିକ ଘନୀଭୂତ ହୋଇ ଅକ୍ଟୋବର ୧୫ ତାରିଖ ବେଳକୁ ଦକ୍ଷିଣ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବାର ଆକଳନ କରାଯାଇଛି।

# ତେଜିଲା ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

## ଜନ୍ତର ମନ୍ତରରେ ବିରୋଧୀ ଦଳର ବିକ୍ଷୋଭ, ୧୧୦୦ରୁ ଅଧିକ ଅଟକ



ନୂଆଦିଲ୍ଲୀ, ୨।୧୦: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସଆଇଆର) ପ୍ରକ୍ରିୟା ବନ୍ଦ କରିବା ଦାବିରେ ଶୁକ୍ରବାର ଦିଲ୍ଲୀର ଜନ୍ତର ମନ୍ତରରେ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାମପନ୍ଥୀ ଦଳ, କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି (ଆପ୍) ସମେତ ବିଭିନ୍ନ ସଂଗଠନର କର୍ମୀ ଓ ସମର୍ଥକମାନେ ଧାରଣାରେ ବସିଥିବା ବେଳେ ପୁଲିସ ଅନେକ ପ୍ରଦର୍ଶନକାରୀଙ୍କୁ ଅଟକ ରଖିଛି ।ଗାନ୍ଧୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ରେ ଜନ୍ତର ମନ୍ତରରେ ପ୍ରଦର୍ଶନ କରିବାକୁ ବିଭିନ୍ନ ଛାତ୍ର ସଂଗଠନ ଆହ୍ୱାନ ଦେଇଥିଲେ। ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀ ଏବଂ ଭୋଟର ତାଲିକା ସମ୍ବନ୍ଧୀୟ ମାମଲା ପରିଚାଳନାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ପୁଲିସର କହିବା ଅନୁଯାୟୀ ପ୍ରଦର୍ଶନ ପାଇଁ ଅନୁମତି ଦିଆଯାଇନଥିଲା। ଏହା ସତ୍ତ୍ୱେ ସାମାଜିକ କର୍ମୀ ଓ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇସା), ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସଏଫଆଇ), ଏନଏସୟୁଆଇ ଏବଂ ଡେମୋକ୍ରାଟିକ୍ ୟୁଥ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଡିୱାଇଏଫଆଇ) ପକ୍ଷରୁ ପ୍ରଦର୍ଶନ ପାଇଁ ଆହ୍ୱାନ ଦିଆଯାଇଥିଲା। ଅଞ୍ଚଳରେ ନିଷେଧାଜ୍ଞା ଲାଗୁ ହୋଇଥିବାରୁ ବିନା ଅନୁମତିରେ ଭିଡ଼ ଜମା ହେବାକୁ ରୋକିବା ପାଇଁ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଜନ୍ତର ମନ୍ତର ଓ ଏହାର ଆଖପାଖ ଅଞ୍ଚଳରେ ଅତିରିକ୍ତ ପୁଲିସ ବଳ ମୁତୟନ କରାଯାଇଥିଲା। ଜନ୍ତର ମନ୍ତରକୁ ଯିବା ପାଇଁ ସୁବିଧାଜନକ ଥିବା ଦିଲ୍ଲୀର ପ୍ରାୟ ୧୧ଟି ମେଟ୍ରୋ ଷ୍ଟେସନକୁ ସକାଳୁ ବନ୍ଦ ରଖାଯାଇଥିବା ଜଣାପଡ଼ିଛି। ଏଥିସହ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଯାଇଥିଲା। ପ୍ରଦର୍ଶନ ସମୟରେ ଆମ୍ ଆଦମୀ ପାର୍ଟିର ନେତା ଆତିଶୀ, ସୌରଭ ଭରଦ୍ୱାଜ ଓ ସଞ୍ଜୟ ସିଂହଙ୍କ ସମେତ ୧୧୦୦ରୁ ଅଧିକ ପ୍ରଦର୍ଶନକାରୀଙ୍କୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନର ଜାତୀୟ ସଭାପତି ନେହା ବୋରାଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏହାଛଡ଼ା ଯୋଗେନ୍ଦ୍ର ଯାଦବ ଏବଂ ଆରଜେଡି ନେତା ମନୋଜ ଝାଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଜନ୍ତର ମନ୍ତର ଅଭିମୁଖେ ଯାଉଥିବା ବେଳେ ନର୍ଥ ଆଭେନ୍ୟୁ ନିକଟରେ ପୁଲିସ ତାଙ୍କୁ ଅଟକାଇଥିଲା।

# ମୁମ୍ବାଇରେ ସିଜେପିର 'ଜେଲ ଭରୋ ଆନ୍ଦୋଳନ'

ମୁମ୍ବାଇ, ୨।୧୦: କକ୍ରୋଚ ଜନତା ପାର୍ଟି (ସିଜେପି) ମୁମ୍ବାଇରେ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ 'ଜେଲ ଭରୋ ଆନ୍ଦୋଳନ' ପ୍ରଦର୍ଶନ ଆରମ୍ଭ କରିଛି। ମହାରାଷ୍ଟ୍ର ସରକାର ଶିବାଜୀ ପାର୍କରେ ପ୍ରଦର୍ଶନ ପାଇଁ ଅନୁମତି ନ ଦେବା ପରେ ସିଜେପି ଶିବାଜୀ ପାର୍କ ବାହାରେ ପ୍ରଦର୍ଶନ ଆରମ୍ଭ କରିଥିଲା ।ଗୁରୁବାର ମୁମ୍ବାଇରେ ଦିପକେ ଦଳର ଯୁକ୍ତି ଉପସ୍ଥାପନ କରିଥିଲେ। ସେ ପ୍ରଶ୍ନ କରିଥିଲେ, '୨୦୨୪ ଲୋକସଭା ନିର୍ବାଚନରେ ବିଜେପି ୪୮ଟି ଆସନ ମଧ୍ୟରୁ ମାତ୍ର ନଅଟି ଆସନ ଜିତିଥିଲା। କିନ୍ତୁ ଛଅ ମାସ ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଗଲା। ଏହି ପରିବର୍ତ୍ତନ କିପରି ହେଲା ?ଏହି ପରିପ୍ରେକ୍ଷୀରେ ହିଁ ଆମେ ମୁମ୍ବାଇରୁ ଆନ୍ଦୋଳନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛୁ।' ସିଜେପିର ପ୍ରଦର୍ଶନକୁ ସମର୍ଥନ କରି ବହୁ ସଂଖ୍ୟାରେ ଲୋକ ଏକଜୁଟ ହୋଇଥିବାବେଳେ ବଲିଉଡର ବର୍ଷୀୟାନ ଅଭିନେତା ନସିରୁଦ୍ଦିନ ଶାହ ମଧ୍ୟ ନିଜ ସମର୍ଥନ ଜଣାଇ ପହଞ୍ଚି ଥିଲେ। ଶାହ ମଧ୍ୟ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଦୀପକେଙ୍କ ସହ ଏହି ସାକ୍ଷାତର ଭିଡିଓ ସେୟାର କରିଛନ୍ତି ।ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ କକ୍ରୋଚ୍ ଜନତା ପାର୍ଟି ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରତିବାଦ ଉପରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ସେ ସମଗ୍ର ଘଟଣାକୁ ଏକ ମିଥ୍ୟା କାହାଣୀ ପ୍ରସାର କରିବାର ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି। ଆପ୍ ନେତା ତଥା ଏଆଇଏସଏ, ଏସଏଫଆଇ, ଏନଏସୟୁଆଇ ଏବଂ ଅନ୍ୟାନ୍ୟ ଛାତ୍ର ଓ ଯୁବ ସଂଗଠନର ସଦସ୍ୟଙ୍କୁ ନେଇ ଗଠିତ ବିକ୍ଷୋଭକାରୀମାନେ ଭୋଟର ତାଲିକାର 'ସ୍ୱତନ୍ତ୍ର ଘନିଷ୍ଠ ସଂଶୋଧନ' ପ୍ରକ୍ରିୟାରେ କଥିତ ଅନିୟମିତତା ଏବଂ ବ୍ୟାପକ ଭାବେ ଭୋଟରଙ୍କ ନାମ ବାଦ୍ ଦିଆଯିବା ଘଟଣାକୁ ନେଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ମଧ୍ୟ କରିଛନ୍ତି।

# ଅଷ୍ଟମୀ ଶ୍ରାଦ୍ଧ



ପିତୃପକ୍ଷ ବା ମହାଳୟ ପକ୍ଷ ସମୟରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରୀତିନୀତି। ଯେଉଁ ପିତୃପୁରୁଷମାନେ ଶୁକ୍ଳ ପକ୍ଷ କିମ୍ବା କୃଷ୍ଣ ପକ୍ଷର ଅଷ୍ଟମୀ ତିଥିରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ଆତ୍ମାର ଶାନ୍ତି ଓ ସଦଗତି ପାଇଁ ଏହି ଦିନ ଶ୍ରାଦ୍ଧ କରାଯାଏ।

ଚଳିତ ପିତୃପକ୍ଷ କ୍ୟାଲେଣ୍ଡର ଅନୁଯାୟୀ, ଅଷ୍ଟମୀ ଶ୍ରାଦ୍ଧ ଅକ୍ଟୋବର ୩, ଶନିବାର (ଆସନ୍ତାକାଲି) ଦିନ ପାଳିତ ହେବ। ଓଡ଼ିଆ ପରମ୍ପରାରେ ଅଷ୍ଟମୀ ଶ୍ରାଦ୍ଧର ମୁଖ୍ୟ ରୀତିନୀତି ଓଡ଼ିଶାରେ ପିତୃପକ୍ଷ ଶ୍ରାଦ୍ଧ ପାରମ୍ପରିକ ଓଡ଼ିଆ **ଶ୍ରାଦ୍ଧ ପଦ୍ଧତି ଅନୁସାରେ ସମ୍ପୂର୍ଣ୍ଣ ନିଷ୍ଠା ଓ ଶୁଦ୍ଧତାର ସହ କରାଯାଏ:**

**ଶ୍ରାଦ୍ଧ କର୍ତ୍ତାଙ୍କ ଶୁଦ୍ଧତା:**

ଘରର ବଡ଼ପୁଅ କିମ୍ବା କର୍ତ୍ତା ସକାଳୁ ସ୍ନାନ ସାରି ଶୁଦ୍ଧ ଅରୁଆ ବସ୍ତ୍ର ପରିଧାନ କରନ୍ତି। ଶ୍ରାଦ୍ଧ ଶେଷ ନହେବା ପର୍ଯ୍ୟନ୍ତ କର୍ତ୍ତା ଉପବାସ ରୁହନ୍ତି।

**ଦକ୍ଷିଣାଭିମୁଖୀ ସଙ୍କଳ୍ପ:** କର୍ତ୍ତା ପବିତ୍ର କୁଶ ଘାସ, ଜଳ, ଗଙ୍ଗାଜଳ ଏବଂ କଳାତିଳ ହାତରେ ଧରି ଦକ୍ଷିଣ ଦିଗକୁ ମୁହଁ କରି ବସନ୍ତି। ପିତୃପୁରୁଷଙ୍କ ନାମ ଓ ଗୋତ୍ର ସ୍ମରଣ କରି ଶ୍ରାଦ୍ଧର ସଙ୍କଳ୍ପ କରାଯାଏ।

**ତିଳ ତର୍ପଣ:** ତମ୍ବା ପାତ୍ରରେ ରଖାଯାଇଥିବା ଜଳରେ କଳାତିଳ ଓ କୁଶ ମିଶାଇ ଅଞ୍ଜଳି ଦ୍ୱାରା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଜଳଦାନ (ତର୍ପଣ) କରାଯାଏ, ଯାହା ସେମାନଙ୍କ ଆତ୍ମାକୁ ତୃପ୍ତ କରିଥାଏ।

**ମହାଳୟା ପିଣ୍ଡ ଦାନ:** ଅରୁଆ ଅନ୍ନ, ଘିଅ, ମହୁ ଏବଂ କଳାତିଳକୁ ମିଶାଇ ଗୋଲାକାର 'ପିଣ୍ଡ' ପ୍ରସ୍ତୁତ କରାଯାଏ। ଓଡ଼ିଆ ଘରେ ଏହାକୁ ଏକ ସ୍ୱତନ୍ତ୍ର ପବିତ୍ର ସ୍ଥାନରେ କଦଳୀ ପତ୍ର ଉପରେ ରଖି ପୂଜାର୍ଚ୍ଚନା କରାଯାଏ।



ଅଷ୍ଟମୀ ଶ୍ରାଦ୍ଧର ସାତ୍ତ୍ୱିକ ଭୋଗ ଓ ବ୍ରାହ୍ମଣ ଭୋଜନ
ଏହି ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ନିରାମିଷ ଓ

**ସାତ୍ତ୍ୱିକ ମହାପ୍ରସାଦ ଶୈଳୀର ଅନ୍ନ ପ୍ରସ୍ତୁତ କରାଯାଏ:**

**ନିଷେଧ ସାମଗ୍ରୀ:** ରୋଷେଇରେ ପିଆଜ, ରସୁଣ, ମସୁର ଡାଲି, କାଙ୍କଡ଼, କାଳିଆ ସରିଷା ଏବଂ ସାଧାରଣ ଲୁଣ (ସୈନ୍ଧବ ଲବଣ ବ୍ୟବହାର କରାଯାଏ) ସମ୍ପୂର୍ଣ୍ଣ ବାରଣ ହୋଇଥାଏ।

**ପାରମ୍ପରିକ ଖାଦ୍ୟ:** ଅରୁଆ ଅନ୍ନ, ଓଡ଼ିଆ ହବିଷ ଡାଲମା (ସାରୁ, କନ୍ଦମୂଳ, କଞ୍ଚାକଦଳୀ ପଡ଼ିଥିବା), ଶାଗ ଭଜା, ଏବଂ ଗାଈ କ୍ଷୀରରେ ପ୍ରସ୍ତୁତ ସୁଆଦିଆ ପାୟସ (ଖିରି) ରନ୍ଧାଯାଏ।




**ପଞ୍ଚ ବଳି ଓ ବ୍ରାହ୍ମଣ ସେବା:** ବ୍ରାହ୍ମଣ ଭୋଜନ ପୂର୍ବରୁ ଗୋମାତା, ଶ୍ୱାନ (କୁକୁର) ଏବଂ ବିଶେଷ କରି କାଉ (ବାୟସ ଅନ୍ନ) ଙ୍କୁ ଶ୍ରାଦ୍ଧାନ୍ନ ଅର୍ପଣ କରାଯାଏ। ଓଡ଼ିଆ ବିଶ୍ୱାସ ଅନୁଯାୟୀ, କାଉ ଅନ୍ନ ଗ୍ରହଣ କଲେ ପିତୃଲୋକ ସନ୍ତୁଷ୍ଟ ହୁଅନ୍ତି। ଏହାପରେ ବ୍ରାହ୍ମଣଙ୍କୁ ଭୋଜନ କରାଇ ଦକ୍ଷିଣା ଓ ବସ୍ତ୍ର ଦାନ କରାଯାଏ।

# ସମୟର ଶିକ୍ଷା



ମହାଭାରତ ଯୁଦ୍ଧ ପରେ ଯୁଧିଷ୍ଠିର ରାଜା ହେଲେ। ଥରେ ଜଣେ ଗରିବ ବ୍ୟକ୍ତି ତାଙ୍କୁ ଭେଟିବାକୁ ଆସିଲା। ସେ ରାଜାଙ୍କୁ ଭେଟି ନିଜ ସମସ୍ୟା ବିଷୟରେ ଜଣାଇଲା, କିନ୍ତୁ ଯୁଧିଷ୍ଠିର ଭାରି ବ୍ୟସ୍ତ ଥିଲେ। ସେ ତା'କୁ ପରଦିନ ଆସିବା ଲାଗି କହିଲେ। ଗରିବ ବ୍ୟକ୍ତି ଉଦାସ ମନରେ ଫେରିଯାଉଥିଲା, ଠିକ୍ ଏହି ସମୟରେ ରାସ୍ତାରେ ସେ ଭୀମଙ୍କୁ ଭେଟିଲା। ଭୀମ ତା'ଠାରୁ ସବୁକଥା ଶୁଣିବା ପରେ ଜଣେ ସୈନିକଙ୍କୁ ଆଦେଶ ଦେଇ କହିଲେ ଯିଏ ତୁରନ୍ତ ବିଜୟ ଉଦ୍‌ଘୋଷ କରୁଥିବା ବାଜା ବଜାଅ। ବାଜା ଶବ୍ଦ ଶୁଣି ଯୁଧିଷ୍ଠିର ବାହାରକୁ ଆସିଲେ। ସେ ଭୀମଙ୍କୁ ପଚାରିଲେ ଯେ ବିଜୟ ବାଦ୍ୟ କାହିଁକି ବାଜୁଛି ? ଭୀମ ତୁରନ୍ତ ଉତ୍ତର ଦେଲେ ଯେ ଠିକ୍ ଏବେ ମୁଁ ଜାଣିବାକୁ ପାଉଛି ଯେ ଆପଣ କାଳ ଉପରେ ବିଜୟ ପ୍ରାପ୍ତ କରିନେଇଛନ୍ତି। ଯୁଧିଷ୍ଠିର ଏକଥା ଶୁଣି ଚକିତ ହେଲେ। ଭୀମ କହିଲେ ଆପଣ ଆସନ୍ତାକାଲି ମଧ୍ୟ ଜୀବିତ ରହିବେ ବୋଲି ଭଲଭାବେ ଜାଣିଛନ୍ତି, ସେଥିପାଇଁ ତ' ଆପଣ ଜଣେ ଗରିବ ଲୋକର ସମସ୍ୟା ସମାଧାନ କରିବା ବଦଳରେ ତା'କୁ ଫେରାଇଦେଲେ। ଏହାପରେ ଯୁଧିଷ୍ଠିର ନିଜ ଭୁଲ ବୁଝିପାରିଲେ। ସେ ତୁରନ୍ତ ସେହି ବ୍ୟକ୍ତିକୁ ସାହାଯ୍ୟ କଲେ। ବର୍ତ୍ତମାନର ଏହି କ୍ଷଣ ଆମର, ସେଥିପାଇଁ କୌଣସି କାର୍ଯ୍ୟ ଆସନ୍ତାକାଲିକୁ ଟାଳିବା ଉଚିତ୍ ନୁହେଁ।

# ପଞ୍ଚବଳି ବିନା ପିତୃପକ୍ଷ ଶ୍ରାଦ୍ଧ ସଂପୂର୍ଣ୍ଣ ହୁଏ ନାହିଁ









ଆଶ୍ୱିନ ମାସ ପ୍ରଥମ ପକ୍ଷକୁ ପିତୃପକ୍ଷ କୁହାଯାଏ । ପ୍ରତିପଦରୁ ଆରମ୍ଭ ହୋଇ ଏହା ଅମାବାସ୍ୟାରେ ସମାପ୍ତ ହୋଇଥାଏ । ଅନେକେ ପିତୃପକ୍ଷ ଭାଦ୍ରପଦ ପୂର୍ଣ୍ଣିମାରୁ ଆରମ୍ଭ ହୁଏ ବୋଲି ମତ ରଖନ୍ତି । ପିତୃପକ୍ଷକୁ ଅପରପକ୍ଷ କିମ୍ବା ଶ୍ରାଦ୍ଧପକ୍ଷ ମଧ୍ୟ କୁହାଯାଏ । ପରଲୋକଗତ ତିନିପିଢ଼ିର ପୂର୍ବଜ ପିତା, ପିତାମହ ଓ ପ୍ରପିତାମହଙ୍କ ଶାନ୍ତି ଓ ମୁକ୍ତି ପାଇଁ ଅପରପକ୍ଷରେ ତର୍ପଣ, ପିଣ୍ଡଦାନ ଓ ଶ୍ରାଦ୍ଧ କର୍ମ କରାଯାଇଥାଏ । ବ୍ରାହ୍ମଣ ଭୋଜନର ଆୟୋଜନ ହୁଏ। ଦକ୍ଷିଣା ଦିଆଯାଏ । ବସ୍ତ୍ରାଦି ଦାନ କରାଯାଏ । ଏହାଦ୍ୱାରା ମୃତ୍ୟୁଲୋକରେ ଅବସ୍ଥାନ କରୁଥିବା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଶ୍ରାଦ୍ଧ ଆସ୍ଥାର ବିଷୟ । ଶ୍ରଦ୍ଧାର ସହିତ ପାଳିତ ହେଉଥିବାରୁ ଏହା ଶ୍ରାଦ୍ଧ । ପଞ୍ଚବଳି ପିତୃପକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ବିଧି, ମହତ୍ତ୍ୱପୂର୍ଣ୍ଣ କାମ । କୁହାଯାଏ ପିତୃପକ୍ଷରେ ଆମର ପିତୃ ପୃଥିବୀକୁ ଆସି ଆମକୁ ଆଶୀର୍ବାଦ ଦିଅନ୍ତି । ଜୀବିତ ଲୋକଙ୍କ ଭଳି ସେମାନଙ୍କ ସ୍ଥୂଳ ଶରୀର ନ ଥାଏ । ସୂକ୍ଷ୍ମ କାୟାଧାରୀ ପିତର ପଶୁପକ୍ଷୀଙ୍କ ମାଧ୍ୟମରେ ଆମ ନିକଟକୁ ଆସନ୍ତି । ଗାଈ, କୁଆ, କୁକୁର ଓ ପିମ୍ପୁଡ଼ି ମାଧ୍ୟମରେ ଭୋଜନ ଗ୍ରହଣ କରନ୍ତି । ଶ୍ରାଦ୍ଧ ବେଳେ ପିତୃପୁରୁଷଙ୍କୁ ଅର୍ପିତ କରିବାକୁଥିବା ଶୁଦ୍ଧ ଶାକାହାରୀ ଭୋଜନର କିଛିଅଂଶ କାଢ଼ି ଗାଈ, କୁକୁର, ପିମ୍ପୁଡ଼ି ଓ ଦେବତାଙ୍କ ପାଇଁ ପତ୍ରରେ ଏବଂ କୁଆ ପାଇଁ ଭୂମିରେ ଅଲଗା ଅଲଗା ରଖାଯାଏ । ପ୍ରଥମ ପିଢ଼ି ପୂର୍ବଜଙ୍କ ଦେହାନ୍ତ ତିଥିରେ ବ୍ରାହ୍ମଣ କିମ୍ବା ଦରିଦ୍ର ଭୋଜନ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଭୋଜନର ତିନି ଆହୁତି ଅଗ୍ନିଙ୍କୁ ସମର୍ପଣ କରାଯାଏ । ତତ୍ପରେ ଅଲଗା ଅଲଗା ବଢ଼ାଯାଇଥିବା ପାଞ୍ଚ ଭାଗ ଭୋଜନ ପଶୁପକ୍ଷୀ ଓ ଦେବତାଙ୍କୁ ସଶ୍ରଦ୍ଧ ଅର୍ପଣ କରାଯାଏ । ଏହାକୁ ପଞ୍ଚବଳି କୁହାଯାଏ । ପିତୃପୁରୁଷଙ୍କୁ ଏମାନଙ୍କ ମାଧ୍ୟମରେ ଭୋଜନ ଗ୍ରହଣ କରିବାକୁ ପ୍ରାର୍ଥନା କରାଯାଇଥାଏ । ପିତର ପଶୁପକ୍ଷୀଙ୍କ ମାଧ୍ୟମରେ ଭୋଜନ କରି ତୃପ୍ତ ହୁଅନ୍ତି । ପ୍ରସନ୍ନ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି । ପରେ ପିତୃଦେବଙ୍କୁ ଅର୍ପିତ ଭୋଜନ ଏକତ୍ର କରି ଗାଈକୁ ଖାଇବାକୁ ଦିଆଯାଇପାରେ କିମ୍ବା କୁଆ ପାଇଁ ଛାତ ଉପରେ ଓ ପିମ୍ପୁଡ଼ି ପାଇଁ ଗଛମୂଳେ ଦିଆଯାଇପାରେ । କୌଣସି ପରିସ୍ଥିତିରେ ପିତୃଭୋଗ ପିଙ୍ଗାଫୋପଡା ଅଥବା ନଷ୍ଟ କରିବା କଥା ନୁହଁ । ଏଠି ପ୍ରଶ୍ନ ଉଠେ ଗାଈ, କୁଆ, କୁକୁର, ପିମ୍ପୁଡ଼ି ଓ ଦେବତାଙ୍କୁ କାହିଁକି ପିତୃପୁରୁଷଙ୍କ ଭୋଜନର ମାଧ୍ୟମ ଭାବେ ବଛାହେଲା ? ଅନ୍ୟ ପଶୁପକ୍ଷୀଙ୍କୁ କାହିଁକି ନୁହଁ ? କୁକୁର, କୁଆ, ପିମ୍ପୁଡ଼ି, ଗାଈ ଓ ଦେବତା ଯଥାକ୍ରମେ ଜଳ, ବାୟୁ, ଅଗ୍ନି, ପୃଥିବୀ ଓ ଆକାଶ ତତ୍ତ୍ୱର ପ୍ରତୀକ ଅଟନ୍ତି । ଏମାନଙ୍କୁ ଭୋଜନ କରାଇ ଆମେ ପଞ୍ଚତତ୍ତ୍ୱ ପ୍ରତି ଆମର କୃତଜ୍ଞତା ଜ୍ଞାପନ କରିଥାଉ । ଗୋମାତା ଏକମାତ୍ର ପ୍ରାଣୀ ଯାହାଙ୍କ ପାଖରେ ଏକାସଙ୍ଗେ ପଞ୍ଚତତ୍ତ୍ୱ ସମାହିତ । ସେଥିଯୋଗୁଁ ପିତୃପକ୍ଷରେ ଗୋସେବା ବିଶେଷ ଫଳଦାୟୀ ଅଟେ । ବ୍ରାହ୍ମଣ ଭୋଜନ ଓ ଦାନ ଦକ୍ଷିଣାର ସାମର୍ଥ୍ୟ ନ ଥିଲେ କେବଳ ଗୋସେବାରେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି । ତୃପ୍ତି ଲାଭ କରନ୍ତି । ଗୋମାତାକୁ ତାଜା ସବୁଜ ଘାସ ଅର୍ପଣ ବ୍ରାହ୍ମଣ ଭୋଜ ସହିତ ସମକକ୍ଷ । ଶକ୍ତି ଅନୁସାରେ ଗାଈକୁ ଗୁଡ଼ ଫଳ ଆଦି ଭୋଜନ କରାଇଲେ ଅଶେଷ ପୁଣ୍ୟଫଳ ପ୍ରାପ୍ତ ହୁଏ । କେବଳ ମାତ୍ର ଗୋସେବାରେ ପିତୃଶ୍ରାଦ୍ଧ ସମ୍ପନ୍ନ ହୋଇଥାଏ । ନିଜକୁ ଶାନ୍ତି ଓ ସନ୍ତୋଷ ଏବଂ ପିତୃପୁରୁଷଙ୍କୁ ମୁକ୍ତି ଓ ମୋକ୍ଷ ମିଳିଥାଏ । ପିତୃପକ୍ଷରେ ପଞ୍ଚଗବ୍ୟ ଯଥା କ୍ଷୀର, ଦହି, ଘିଅ, ଗୋମୂତ୍ର ଓ ଗୋବରର ଭିନ୍ନ ଭିନ୍ନ ପ୍ରୟୋଗ ଦ୍ୱାରା ପିତୃଦୋଷରୁ ମୁକ୍ତି ମିଳେ । ଗୋଦାନ ସମସ୍ତ ଋଣରୁ ମୁକ୍ତି ଦିଏ । ଏମିତି ତ ପିତୃପକ୍ଷ ବର୍ଷକୁ ପନ୍ଦର ଦିନ ପାଇଁ ଆସେ । କିନ୍ତୁ ପ୍ରତି ମାସର ଅମାବାସ୍ୟା ତିଥି ପୂର୍ବପୁରୁଷଙ୍କ ତିଥି । ବର୍ଷତମାମ ପୂର୍ବଜଙ୍କୁ ସ୍ମରଣ କରିନପାରିଲେ ସୁଦ୍ଧା ଅମାବାସ୍ୟାରେ ସବୁଜ ଚାରାହାର ପ୍ରଦାନ କଲେ ପିତୃପୁରୁଷ ଶାନ୍ତ ହୁଅନ୍ତି । ପିତୃପକ୍ଷରେ ଦାନର ମହତ୍ତ୍ୱ ଖୁବ ଅଧିକ । ସାଧ୍ୟମତେ ପନ୍ଦର ଦିନ ପ୍ରତ୍ୟହ ଦାନ କଲେ ସୁଫଳ ମିଳିଥାଏ । ପ୍ରତିଦିନ ଚାଉଳ, ଅଟା କିମ୍ବା ଗହମ ଦାନ ସହିତ ପିତୃଶ୍ରାଦ୍ଧ ତିଥିରେ ଚାଉଳ, ଡାଲି, ତଟକା ସବୁଜ ପନିପରିବା, ଲୁଣ, ଲଙ୍କା ଏବଂ ଫଳ ଦାନ କରିବା ଉଚିତ । ପିତୃପକ୍ଷରେ ପଞ୍ଚବଳି, ଗୋସେବା, ପଞ୍ଚଗବ୍ୟର ବ୍ୟବହାର, ବ୍ରାହ୍ମଣ ଭୋଜନ, ଦାନ, ଦକ୍ଷିଣା ଇତ୍ୟାଦି ପିତୃପୁରୁଷଙ୍କୁ ଶାନ୍ତି ଓ ମୁକ୍ତି ପ୍ରଦାନ କରେ । କର୍ତ୍ତାର ମନୋବାଞ୍ଛା ପୂର୍ଣ୍ଣ ହୁଏ । ପୁଣ୍ୟ ମିଳେ । ରିଷ୍ଟ ଖଣ୍ଡନ ହୁଏ । ଅଜ୍ଞାତ ବାଧାବିଘ୍ନ ଦୂରେଇ ଯାଏ । ପଞ୍ଚବଳି ବିନା ପିତୃଶ୍ରାଦ୍ଧ ସଂପୂର୍ଣ୍ଣ ହୁଏନାହିଁ । ଅସମ୍ପୂର୍ଣ୍ଣ ରୁହେ ।



# ମା' ଦୁର୍ଗାଙ୍କ ୯ ରୂପର ମହତ୍ତ୍ୱ

**ଶକ୍ତି, ସାହସ, ଧୈର୍ଯ୍ୟ ଓ ନ୍ୟାୟର ପ୍ରତୀକ ମା' ଦୁର୍ଗା। ନବରାତ୍ରିର ୯ ଦିନରେ ଦେବୀଙ୍କ ୯ଟି ରୂପର ଆରାଧନା କରାଯାଏ। ଏହି ନବରୂପ ମିଶ୍ରଣକୁ 'ନବଦୁର୍ଗା' ବୋଲି କୁହାଯାଏ। ଧାର୍ମିକ ଆସ୍ଥା ସହିତ ଜଡ଼ିତ ଏହି ନବରୂପଗୁଡ଼ିକୁ ଜୀବନର ବିଭିନ୍ନ ମୂଲ୍ୟବୋଧର ପ୍ରତୀକ ସହ ଜଡ଼ିତ। ନବରାତ୍ରିର ପ୍ରଥମ ଦିନଠାରୁ ନବମ ଦିନ ପର୍ଯ୍ୟନ୍ତ ମା'ଙ୍କ ପ୍ରତ୍ୟେକ ରୂପର ରହିଛି ଭିନ୍ନ ମହତ୍ତ୍ୱ। କେଉଁ ରୂପ ଦୃଢ଼ତାର ବାର୍ତ୍ତା ଦିଏ, ତ ଆଉ କେଉଁ ରୂପ ଧୈର୍ଯ୍ୟ, ମମତା, ସାହସ ଓ ଆତ୍ମସଂଯମର ପ୍ରତୀକ ଭାବେ ପରିଚିତ।**



**ମା' ଶୈଳପୁତ୍ରୀ:**
ନବରାତ୍ରିର ପ୍ରଥମ ଦିନ ମା' ଶୈଳପୁତ୍ରୀଙ୍କୁ ପୂଜା କରାଯାଏ। ପୌରାଣିକ ପରମ୍ପରାରେ ସେ ପର୍ବତରାଜ ହିମାଳୟଙ୍କ କନ୍ୟା ଭାବେ ବର୍ଣ୍ଣିତ। ତାଙ୍କ ରୂପ ସ୍ଥିରତା ଓ ଦୃଢ଼ତା ସହ ଯୋଡ଼ି ହୋଇଥାଏ। ଜୀବନର ପ୍ରତ୍ୟେକ ନୂଆ ଆରମ୍ଭ ପାଇଁ ଏକ ଦୃଢ଼ ଭିତ୍ତିର ଆବଶ୍ୟକତା ରହିଥାଏ। ଏହି ବାର୍ତ୍ତା ଏହି ରୂପ ସହ ଜଡ଼ିତ।

**ମା' ବ୍ରହ୍ମଚାରିଣୀ:**
ଦ୍ୱିତୀୟ ଦିନ ମା' ବ୍ରହ୍ମଚାରିଣୀଙ୍କ ଆରାଧନା କରାଯାଏ। ତପସ୍ୟା, ସଂଯମ ଓ ଧୈର୍ଯ୍ୟର ପ୍ରତୀକ ଭାବେ ତାଙ୍କୁ ସ୍ମରଣ କରାଯାଏ। ଜୀବନରେ ଲକ୍ଷ୍ୟ ହାସଲ କରିବାକୁ ତତ୍କ୍ଷଣାତ୍ ସଫଳତା ଅପେକ୍ଷା ଧୈର୍ଯ୍ୟ ଓ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଥାଏ।

**ମା' ଚନ୍ଦ୍ରଘଣ୍ଟା:**
ନବରାତ୍ରିର ତୃତୀୟ ଦିନ ମା' ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଏ। କପାଳରେ ଘଣ୍ଟା ଆକୃତିର ଚନ୍ଦ୍ର ଧାରଣ କରିଥିବା ଏହି ରୂପ ସାହସ ଓ ଶାନ୍ତିର ପ୍ରତୀକ ଭାବେ ପରିଚିତ। ଜୀବନରେ ଅନେକ ଆହ୍ୱାନ ଆସିଲେ ମଧ୍ୟ ମନର ଶାନ୍ତି ବଜାୟ ରଖି ସାହସର ସହ ତାହାର ମୁକାବିଲା କରିବାର ବାର୍ତ୍ତା ଏହି ରୂପ ଦିଏ।

**ମା' କୁଷ୍ମାଣ୍ଡା:**
ଚତୁର୍ଥ ଦିନ ମା' କୁଷ୍ମାଣ୍ଡାଙ୍କ ଆରାଧନା କରାଯାଏ। ପୌରାଣିକ ମାନ୍ୟତାରେ ତାଙ୍କୁ ସୃଷ୍ଟିଶକ୍ତି ସହ ଯୋଡ଼ାଯାଇଛି। ଏହି ରୂପ ସୃଜନଶୀଳତା ଓ ସକାରାତ୍ମକତାର ପ୍ରତୀକ ଭାବେ ଦେଖାଯାଏ। ଜୀବନରେ ଛୋଟ ଛୋଟ ସକାରାତ୍ମକ ପଦକ୍ଷେପ ମଧ୍ୟ ବଡ଼ ପରିବର୍ତ୍ତନ ଆଣିପାରେ।

**ମା' ସ୍କନ୍ଦମାତା:**
ପଞ୍ଚମ ଦିନ ମା' ସ୍କନ୍ଦମାତାଙ୍କ ପୂଜା କରାଯାଏ। ସେ କାର୍ତ୍ତିକେୟ ବା ସ୍କନ୍ଦଙ୍କ ମାତା ଭାବେ ପରିଚିତ। ମାତୃତ୍ୱ, ମମତା ଓ ଦାୟିତ୍ୱର ଭାବନା ତାଙ୍କ ରୂପ ସହ ଜଡ଼ିତ। ପରିବାର ଓ ସମ୍ପର୍କର ମହତ୍ତ୍ୱକୁ ଏହି ରୂପ ମନେ ପକାଇ ଦିଏ।

**ମା' କାତ୍ୟାୟନୀ:**
ନବରାତ୍ରିର ଷଷ୍ଠ ଦିନ ମା' କାତ୍ୟାୟନୀଙ୍କ ଆରାଧନା କରାଯାଏ। ଶକ୍ତି, ସାହସ ଓ ନିର୍ଭୀକତାର ପ୍ରତୀକ ଭାବେ ତାଙ୍କୁ ସ୍ମରଣ କରାଯାଏ। ଜୀବନର କଠିନ ପରିସ୍ଥିତିରେ ଦୃଢ଼ ନିଷ୍ପତ୍ତି ନେବା ଓ ଭୟକୁ ସାମ୍ନା କରିବାର ସାହସ ଏହି ରୂପ ସହ ସମ୍ପର୍କିତ।

**ମା' କାଳରାତ୍ରୀ:**
ସପ୍ତମ ଦିନ ମା' କାଳରାତ୍ରୀଙ୍କ ପୂଜା କରାଯାଏ। ଦେବୀଙ୍କ ଏହି ରୂପ ଭୟଙ୍କର ହୋଇଥିଲେ ମଧ୍ୟ ଅଶୁଭ ଶକ୍ତିର ବିନାଶ ସହ ଜଡ଼ିତ। ଅନ୍ଧକାର ଓ ଭୟକୁ ସାମ୍ନା କରି ଆଗକୁ ବଢ଼ିବାର ଆଧ୍ୟାତ୍ମିକ ବାର୍ତ୍ତା ଏହି ରୂପରୁ ମିଳେ।

**ମା' ମହାଗୌରୀ:**
ଅଷ୍ଟମ ଦିନ ମା' ମହାଗୌରୀଙ୍କ ଆରାଧନା କରାଯାଏ। ଶାନ୍ତି, ପବିତ୍ରତା ଓ ସରଳତା ସହ ଏହି ରୂପକୁ ଯୋଡ଼ି ଦେଖାଯାଏ। ବାହ୍ୟ ଚମକ ଅପେକ୍ଷା ମନର ଶାନ୍ତି ଓ ସରଳତାର ମହତ୍ତ୍ୱ ଏହି ରୂପ ମାଧ୍ୟମରେ ପ୍ରତିଫଳିତ ହୁଏ।

**ମା' ସିଦ୍ଧିଦାତ୍ରୀ:**
ନବରାତ୍ରିର ନବମ ତଥା ଶେଷ ଦିନ ମା' ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ଧାର୍ମିକ ପରମ୍ପରାରେ ସେ ସିଦ୍ଧି ପ୍ରଦାନକାରିଣୀ ଦେବୀ ଭାବେ ପରିଚିତ। ଏହି ରୂପ ସାଧନା, ସଫଳତା ଓ ଆଧ୍ୟାତ୍ମିକ ପୂର୍ଣ୍ଣତା ସହ ଜଡ଼ିତ ବୋଲି ମନେ କରାଯାଏ।

ଦିନଲିପି



## ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା ସମ୍ପର୍କିତ ଦ୍ୱିତୀୟ କର୍ମଶାଳା

ପୁରୀ,(ନିପ୍ର): ପୁରୀର ହୋଟେଲ ହଲିଡେ ରିସର୍ଟଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ ଏବଂ 'ପାଥ୍'ର ମିଳିତ ସହଭାଗିତାରେ 'ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା' (ସିଟି ହେଲଥ୍ ଆକ୍ସନ୍ ପ୍ଲାନ) ସମ୍ବନ୍ଧୀୟ ଦ୍ୱିତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିକାଶ ପାଇଁ ସମସ୍ତ ବିଭାଗର ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁକାନ୍ତ ଚନ୍ଦ୍ର ରଥ ଏବଂ ଏନଏଚଏମର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ନିରୋଦ କୁମାର ସାହୁ ସହରାଞ୍ଚଳ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ବିଭିନ୍ନ ଆହ୍ୱାନ ଏବଂ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ସଫଳ ରୂପାୟନ ବିଷୟରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ପ୍ରାଧାପିକା ଡାକ୍ତର ସବିତା ମହାପାତ୍ର ଓ ପାଥ୍ର ଡାକ୍ତର ଯତୀନ ଢିଙ୍ଗରା ସହରର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ତଥା ଏହି କାର୍ଯ୍ୟ ଯୋଜନାର ଆବଶ୍ୟକତା ଉପରେ ସବିଶେଷ ମତାମତ ରଖିଥିଲେ। ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୁ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଏଡିବି ଓ ଜନ୍ ସ୍ନୋ ଇଣ୍ଡିଆର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

## ଲଗାଣ ବର୍ଷା ଛଡେଇ ନେଲା ବଞ୍ଚିବାର ରାହା

ଭାପୁର,(ନିପ୍ର): ମାସକରେ ଅଧାଦିନ ଭଙ୍ଗା ଘରେ ଉପାସ ରହି ଜୀବନ ଅତିବାହିତ କରୁଥିବା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ କୁଞ୍ଜବନପ୍ରସାଦ (ବାନ୍ଦରା)ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ସ୍ତ୍ରୀ ଅଶାନ୍ତି ଜେନା ୧୩ ବର୍ଷର ଦିବ୍ୟାଙ୍ଗ ଝିଅକୁ ଧରି ଦୁର୍ଦ୍ଦିନରେ ବଞ୍ଚିଛନ୍ତି। ସ୍ୱାମୀ ଗତବର୍ଷ ମୃତ୍ୟୁ ଘଟିଥିବାବେଳେ ଅଶାନ୍ତି ପର ଘରେ ମୂଲ ଲାଗି ଚଳୁଥିଲେ । ଝିଅକୁ ମୁକବଧିର ଆବାସିକ ବିଦ୍ୟାଳୟରେ ଛାଡିଦେଇଥିଲେ। ଗତ ଲଗାଣବର୍ଷାରେ ଅଶାନ୍ତି ବାପ ଘରୁ ଫେରିବା ସମୟରେ କାଦୁଅରେ ଗୋଡ଼ ଖସିଯିବାରୁ ପଡି ଯାଇ ଗୋଡ଼ ଭାଙ୍ଗି ଯାଇଥିଲା । ଘର ଖଣ୍ଡିକ ମଧ ଭାଙ୍ଗି ଯାଇଥିବାରୁ ବେସାହାରା ହୋଇଯାଇଛନ୍ତି। ଫଳରେ ସେ ଚିକିତ୍ସା ଅଭାବରୁ ଗାଁ ମୁଣ୍ଡରେ ଥିବା ବରଗଛ ମୂଳେ ଆଶ୍ରୟ ନେବା ସହିତ ଉପାସ ରେ ରହି ବଂଚିବା ପାଇଁ ସଂଘର୍ଷ କରୁଛନ୍ତି।ନିଃସହାୟ ଅଶାନ୍ତି ଙ୍କ ଚିକିତ୍ସା ପାଇଁ କେହି ସାହା ଭରସା ନାହାନ୍ତି। ବଡ଼ ପରିତାପର ବିଷୟ,ନିଜ ଘର ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଏକ କିମି ଦୂର ହୋଇଥିବାରୁ ସରକାରଙ୍କ ତରଫରୁ ଯୋଗେଇ ଦିଆଯାଉଥିବା ଚାଉଳ ଆଣିବା ପାଇଁ ଅଟୋ ଭଡା ଦେଇ ପାରୁ ନ ଥିବାରୁ ଚାଉଳ କେତେବେଳେ ଆଣୁଛନ୍ତି ତ କେତେବେଳେ ନାହିଁ। ବ୍ଲକ ପ୍ରଶାସନ ତରଫରୁ ଏହି ନିଃସହାୟ ମହିଳାଙ୍କୁ ଚିକିତ୍ସା ସୁବିଧା ଯୋଗେଇଦେବା ସହିତ ଅନ୍ୟାନ୍ୟ ସୁବିଧା ଯୋଗେଇ ଦେବାପାଇଁ ଦାବି ହୋଇଛି।



## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ପୁରୀ(ନିପ୍ର): ବରିଷ୍ଠ ନାଗରିକମାନେ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ସେମାନଙ୍କ ଅଭିଜ୍ଞତା ଓ ଅନୁଭବ ସମାଜକୁ ଦିଗଦର୍ଶନ ଦେଇଥାଏ। ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ। ପୁରୀ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ଠାରେ ପୁରୀ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ମାତା ପିତା ବରିଷ୍ଠ ନାଗରିକ ରକ୍ଷଣ ବ୍ୟକ୍ଷାଣ ଓ କଲ୍ୟାଣ ଅଧିନିୟମ ୨୦୦୭ ଉପରେ ଆଲୋକପାତ କରିଥିଲେ। ପୁରୀ ଜିଲ୍ଲା ବରିଷ୍ଠ କମିଟି ସଦସ୍ୟ ନାଗରିକ ହରିଶଙ୍କର ମିଶ୍ର, ବରିଷ୍ଠ ଆଡଭୋକେଟ ମନୋଜ କୁମାର ଦାସ,ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆଇନ ଜିବୀ ରଞ୍ଜିତା ମହାନ୍ତି,ଡିଏସପି ରଶ୍ମିତା ବେହେରା ,ଡାକ୍ତର ଯଶସ୍ୱୀ ଦାସ ପ୍ରଭୃତି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଜିଲ୍ଲାସ୍ତରେ ଥିବା ବିଭିନ୍ନ ସୁବିଧା ଅସୁବିଧା ତଥା ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

ବାଙ୍କୀ,(ନିପ୍ର): ବାଙ୍କୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ପ୍ରାୟ ୬୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହ ଏକ ଟିଭିଏସ୍ ଜୁପିଟର ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋ ଅଞ୍ଚଳର ମହେନ୍ଦ୍ର କୁମାର ସାହୁଙ୍କୁ ଅବକାରୀ ପୁଲିସ ଗିରଫ କରିଛି। ସୂଚନାନୁଯାୟୀ, ଆଠଗଡ଼ ଅଞ୍ଚଳରୁ ଚୋରା ଦେଶୀ ମଦ ଖୋର୍ଦ୍ଧା ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ବାଙ୍କୀ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଅବକାରୀ ଟିମ୍ କୁଶୁପଙ୍ଗୀ ନିକଟରେ ଚଢ଼ଉ କରି ମଦ ଭର୍ତ୍ତି ଜୁପିଟର ଗାଡ଼ିକୁ ଜବତ କରିବା ସହ ମହେନ୍ଦ୍ରଙ୍କୁ କାବୁ କରିଥିଲା। ଏନେଇ ବାଙ୍କୀ ଅବକାରୀ ଥାନାରେ କେସ୍ ନମ୍ବର ୧୨୪/୨୦୨୬-୨୭ରେ ମାମଲା ରୁଜୁ ହୋଇଛି।

# 'ଆଙ୍ଗନ କା ଉତ୍ସବ': ଶିଶୁଙ୍କ ପୋଷଣ, ପ୍ରାରମ୍ଭିକ ୧୦୦୦ ଦିନର ଗୁରୁତ୍ୱ



କାକଟପୁର/ଭାପୁର,(ନିପ୍ର): ରାଜ୍ୟରେ ଶିଶୁ, ମହିଳା, ଓ କିଶୋରୀମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସଚେତନତା କୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ରାଜ୍ୟରେ ପୋଷଣ ମାସ ପାଳନ କରାଯାଉଛି । କାର୍ଯ୍ୟକ୍ରମ ଅଧୀନରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ୩ ଦିନିଆ ସେପ୍ଟେମ୍ବର ୨୭ ରୁ ୨୯ ପର୍ଯ୍ୟନ୍ତ 'ଆଙ୍ଗନ କା ଉତ୍ସବ' କାକଟପୁର ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ପାଳିତ ହୋଇଯାଇଛି । କାକଟପୁର ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ କାକଟପୁର ଅଙ୍ଗନବାଡି କେନ୍ଦ୍ର -୨ରେ, କର୍ମୀ ମିନାକ୍ଷୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉତ୍ସବ ୩ଦିନ ବ୍ୟାପୀ ପାଳନ କରାଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପୋଷଣ ଓ ଖାଦ୍ୟ ପ୍ରତିଯୋଗିତା, ଯେଉଁଥିରେ ପ୍ରତ୍ୟେକ ଶିଶୁମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଥାଳି, ଓ ପିଠା ପ୍ରଦର୍ଶନ କରାଯାଇଥିଲା । ଦ୍ୱିତୀୟ ଦିନ ଶିଶୁ ଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ, ବିଭିନ୍ନ ଖେଳ ପ୍ରତିଯୋଗିତା, ଜେଜେ ବାପା, ଜେଜେ ମା ଙ୍କ ଦ୍ୱାରା ଗଳ୍ପ ଶୁଣାଇବା ସହିତ ମୋ ବିକାଶ ପତ୍ର ବଣ୍ଟନ କରାଯାଇଥିଲା । ପରେ ପରେ ପିଲାମାନଙ୍କୁ ପୁଷ୍ଟିକର ଲସି,ମାଣ୍ଡିଆ ରେ ପ୍ରସ୍ତୁତ ପିଠା, କେକ,ଓ ଫଳ ମୂଳ ଖାଇବାକୁ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ପିୟୁଷମୟୀ ପଣ୍ଡା, କ୍ଷେତ୍ର ପରିଦର୍ଶିକା ଚାରୁଲତା ତରାଇ, ସରପଞ୍ଚ ଅଭୟ କୁମାର ସେଠୀ,ଆଶା କର୍ମୀ କାମିନୀ ଦେଇ ଯୋଗଦାନ କରି ଉପସ୍ଥିତ ଶିଶୁ ମାନଙ୍କ ପରିବାର ସଦସ୍ୟଙ୍କୁ ପୁଷ୍ଟିକର ଖାଦ୍ୟ ବିଷୟରେ ଆଲୋକପାତ କରାଇଥିଲେ । ତତ୍‌ସହିତ ତୃଣମୂଳ ସ୍ତରରେ ଅଙ୍ଗନବାଡି କର୍ମୀଙ୍କ ସହଯୋଗରେ କିଶୋରୀ, ପ୍ରସୂତି, ଗର୍ଭବତୀ ମହିଳା, ଓ ଶିଶୁ ମାନଙ୍କୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ସଚେତନତାକୁ ଅଗ୍ରାଧିକାର ଦେଇ ପ୍ରତ୍ୟେକ ଦିନ ଖାଦ୍ୟରେ ସେମାନଙ୍କୁ ଆମ ବାଡ଼ି ବଗିଚା ଓ ପାଖରେ ମିଳୁଥିବା ସ୍ୱାସ୍ଥ୍ୟକର ଖାଦ୍ୟକୁ ସାମିଲ କରିବା ଦ୍ୱାରା ଶିଶୁ ତଥା ପରିବାର ସଦସ୍ୟ ସୁସ୍ଥ ରହିପାରିବେ ବୋଲି ପରାମର୍ଶ ଦେଇଥିଲେ ।

ସେହିପରି ଭାପୁର ଅଞ୍ଚଳରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ୧୫୪ ଗୋଟି ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନ କା ଉତ୍ସବ ପାଳିତ ହୋଇଯାଇଛି ।ଶିଶୁମାନଙ୍କ ପୋଷଣ,ପ୍ରାରମ୍ଭିକ ୧୦୦୦ ଦିନର ଗୁରୁତ୍ୱ, ପୁରୁଷ ଭାଗିଦାରୀ,ଜେଜେ ବାପା ମାଆ ଙ୍କ ଗଳ୍ପ କଥନ,ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ଆଦ୍ୱିକ,ସୁଭଦ୍ରା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚେଇବାକୁ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଏହି ଅଙ୍ଗନ କା ଉତ୍ସବ ପାଳିତ ହୋଇଥିଲା।ଏହି ପରିପ୍ରେକ୍ଷୀରେ,ଗତ ୩ ଦିନ ଧରି ରାକମା -୧ ଅଙ୍ଗନବାଡି କେନ୍ଦ୍ରରେ ଏହି ଉତ୍ସବ ପାଳିତ ହୋଇଥିଲା।ପ୍ରଥମ ଦିନରେ ପିଠା ପୋଗ୍ରାମ,ଦ୍ୱିତୀୟ ଦିନରେ ଜେଜେ ବାପା,ମାଆ ମାନଙ୍କୁ ସମ୍ମାନିତ ଓ ତୃତୀୟ ଦିନରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯିବା ସହିତ ରୋଷେଇ ପ୍ରତିଯୋଗିତା ହୋଇଥିଲା । ଶେଷ ଦିନରେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ସନ୍ତୋଷୀ ବେହେରା,ସମ୍ମାନିତ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପୋଷଣ ଟିମ ଆସି ଖାଦ୍ୟ ପରୀକ୍ଷା କରିବା ସହିତ କର୍ମୀ ନମିତା ପଟ୍ଟଯୋଶୀ,ସହାୟିକା ମଞ୍ଜୁଲତା ଷଡ଼ଙ୍ଗୀ ଓ ଆଶା ଦିଦି ନିବାସୀ ବାରିକ ଙ୍କୁ ମାନପତ୍ର ଓ ଉତ୍ତରୀୟ ପୂର୍ବକ ସମ୍ମାନିତ କରିଥିଲେ।

## ରାଣୀତାଲ ପୌଢ଼ା ଆଶ୍ରମରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ଭଦ୍ରକ,(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ରାଣୀତାଲ ପୌଢ଼ା ଆଶ୍ରମ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ସଭାପତିତ୍ୱ କରିଥିଲେ।କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ଅଧିକାର, ମାଗଣା ଆଇନଗତ ସହାୟତା, ସରକାରୀ ଆଇନ ସେବା ଓ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ନିଜର ଅଧିକାର ସୁରକ୍ଷା ପାଇଁ ଆଇନର ଆଶ୍ରୟ ନେବା ସହ ଆବଶ୍ୟକ ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହାୟତା ନେବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ।ଏହି ଅବସରରେ ଅଧିବକ୍ତା ତଥା ଆଇନଗତ ସହାୟକ ପରାମର୍ଶଦାତା ଡକ୍ଟର ତାପସ କୁମାର ମହାନ୍ତି ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ମା' ବିରଜା ପୌଢ଼ ଭବନର ସଭାପତି ଜଗତ ଜୀବନ ପଣ୍ଡା, ଦିଶାର ସଦସ୍ୟ ରୋଟାରିଆନ୍ ଶିଶିର କୁମାର ମିଶ୍ର, ଅଧ୍ୟକ୍ଷ,ଜୟନ୍ତ ସେନାପତି, ସଦସ୍ୟ ରମେଶ ଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ତିଲୋତ୍ତମା ମହାପାତ୍ର, ସକ୍ରିୟ ସଦସ୍ୟ ପଦ୍ମଲୋଚନ ପଣ୍ଡା, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପୌଢ଼ା ଆଶ୍ରମର ଅନ୍ତେବାସୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନଗତ ସହାୟତା ଓ ନିଜ ଅଧିକାର ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ। ଆଇନ ସମ୍ପର୍କରେ ସଚେତନତା ବୃଦ୍ଧି ଦ୍ୱାରା ବରିଷ୍ଠ ନାଗରିକମାନେ ନିଜର ଅଧିକାର ସୁରକ୍ଷା ସହ ନ୍ୟାୟ ପାଇବାରେ ସହାୟତା ପାଇପାରିବେ ବୋଲି ପ୍ରମୁଖ ବକ୍ତା ମାନେ ମତପ୍ରକାଶ କରିଥିଲେ।କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣର କର୍ମୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ପରିଶେଷରେ ସଦସ୍ୟ ଶ୍ରୀ ମହାପାତ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## କାଶୀନଗରରେ ଗାନ୍ଧୀ ଜୟନ୍ତୀ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ସବୁ ଶିକ୍ଷାନୁଷ୍ଠାନମାନଙ୍କରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି. ସେହିପରି ବଂଶଧାରା ପାଠାଗାର ମଧ୍ୟରେ ସଭାପତି ହୃଷିକେଶ ଗୌଡ଼ଙ୍କ ସଭାପତିତ୍ୱ ରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ନାୟକ, ରାଜନୀତିଜ୍ଞ ପିତୁର ଜେନା, ଓ୍ୱେଣୁ ଗୋପାଳ ଓ ମେଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ରଙ୍କ ଉପସ୍ଥିତରେ ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ମହାତ୍ମା ଗାନ୍ଧୀ ଗୁଜରାଟର ପୋରବନ୍ଦରରେ ୨ ଅକ୍ଟୋବର ୧୮୬୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ପିଲାଦିନରୁ ଗାନ୍ଧୀଙ୍କ ଜୀବନରେ ସରଳତା, ଶୃଙ୍ଖଳା ଏବଂ ନୈତିକ ମୂଲ୍ୟବୋଧର ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ସେ ଆଇନ ପଢ଼ିବା ପାଇଁ ଇଂଲଣ୍ଡ ଯାଇଥିଲେ ଏବଂ ଜଣେ ବାରିଷ୍ଟର ହୋଇଥିଲେ। ତଥାପି, ତାଙ୍କ ଜୀବନର ସବୁଠାରୁ ବଡ଼ ମୋଡ଼ ଦକ୍ଷିଣ ଆଫ୍ରିକାରେ ଆସିଥିଲା, ଯେଉଁଠାରେ ବର୍ଣ୍ଣବୈଷମ୍ୟ ଅନୁଭବ କରିବା ପରେ, ସେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବାକୁ ନିଷ୍ପତ୍ତି ନେଇଥିଲେ। ଏହିଠାରେ ସତ୍ୟାଗ୍ରହର ଧାରଣା ରୂପ ନେଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ସଂଗ୍ରାମକୁ ଉଦ୍‌ଜୀବିତ କରିଥିଲା।

## ସାହାଣୀ କପ୍: ବରଗଡ଼ ଓ ସୁବର୍ଣ୍ଣପୁର ଦଳ ବିଜୟୀ



ସୋନପୁର,(ନିପ୍ର): ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର ସୁବର୍ଣ୍ଣପୁର ଜୋନ୍‌ର ସପ୍ତମ ଦିବସରେ ବରଗଡ଼ ଏବଂ ସୁବର୍ଣ୍ଣପୁର ଦଳ ବଡ଼ ବିଜୟ ହାସଲ କରିଛନ୍ତି। ଦିନର ପ୍ରଥମ ମ୍ୟାଚ୍‌ରେ ବରଗଡ଼ ଦଳ ଏକତରଫା ଭାବେ ବୌଦ୍ଧ ଦଳକୁ ୬-୦ ଗୋଲ୍‌ରେ ପରାସ୍ତ କରିଛି। ବରଗଡ଼ ପକ୍ଷରୁ ବିଜନ ବରିହା, ସଞ୍ଜୀବ ଦଣ୍ଡସେନା ଓ ଶୁଭ ବାଗ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ୯ ନମ୍ବର ଜର୍ସିଧାରୀ ଖେଳାଳି ଦୁଇଟି ଚମତ୍କାର ଗୋଲ୍ ସ୍କୋର କରି 'ମ୍ୟାନ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଛନ୍ତି। ବୌଦ୍ଧ ଦଳ ପକ୍ଷରୁ ଏକ ଆତ୍ମଘାତୀ ଗୋଲ୍ ମଧ ବରଗଡ଼ ସପକ୍ଷରେ ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ସୁବର୍ଣ୍ଣପୁର ଦଳ ୧-୦ ଗୋଲ୍‌ରେ ଯାଜପୁର ଦଳକୁ ହରାଇ ବିଜୟୀ ହୋଇଛି। ଦଳ ପକ୍ଷରୁ ୧୩ ନମ୍ବର ଜର୍ସିଧାରୀ ଖେଳାଳି ପାରସ ମହାନନ୍ଦ ଏକମାତ୍ର ନିର୍ଣ୍ଣାୟକ ଗୋଲ୍ ସ୍କୋର କରି 'ମ୍ୟାନ ଅଫ୍ ଦି ମ୍ୟାଚ୍' ପୁରସ୍କାର ପାଇଛନ୍ତି।

## ବନ୍ୟ ପ୍ରାଣୀ ସପ୍ତାହର ଶୁଭାରମ୍ଭ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟ ସଭା ଗୃହରେ ଗୁରୁବାର ଜାତୀୟ ବନ୍ୟପ୍ରାଣୀ ସପ୍ତାହର ଶୁଭାରମ୍ଭ ଉତ୍ସବ ପାଳିତ ହୋଇଯାଇଛି। କୁନ୍ତରା ମହାବିଦ୍ୟାଳୟ ଓ ପଲ୍ଲୀ ଭାରତୀ ଯୁଥ୍ କ୍ଲବର ମିଳିତ ଆନୁକୁଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ତରୁଣ କୁମାର ପୃଷେଠ ସଭାପତିତ୍ୱ କରିଥିଲେ।

# 'ଆବାସ ସ୍ଥଳୀର ସଂଯୋଗୀକରଣ ଓ ସୁସ୍ଥ ବନ୍ୟଜୀବନ' ଆଲୋଚନାଚକ୍ର

ଗଣିଆ,(ନିପ୍ର): ନୟାଗଡ଼ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ସାତକୋଶିଆ ଅଭୟାରଣ୍ୟର ଛାମୁଣ୍ଡିଆ ରେଞ୍ଜ କାର୍ଯ୍ୟାଳୟ ପରିସରରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଏକ ସାମ୍ବାଦିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ମୂଳ ବିଷୟବସ୍ତୁ 'ଆବାସ ସ୍ଥଳୀର ସଂଯୋଗୀକରଣ ଓ ସୁସ୍ଥ ବନ୍ୟଜୀବନ' ଉପରେ ଏହି ବୈଠକରେ ବିସ୍ତୃତ ଆଲୋକପାତ କରାଯାଇଥିଲା । ନୟାଗଡ ବନଖଣ୍ଡ ଅଧିକାରୀ ରାମ ପଦ ଅରବିନ୍ଦ ମିଶ୍ର, ସହକାରୀ ବନ ସଂରକ୍ଷକ ଦେବୀ ପ୍ରସାଦ ରାଉତ ଏବଂ ଛାମୁଣ୍ଡିଆ ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ଭୁତିଆ ଏଥିରେ ଉପସ୍ଥିତ ରହି ସାତକୋଶିଆର ଜୈବ ବିବିଧତା ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ । ଜଙ୍ଗଲ ଖଣ୍ଡ ବିଖଣ୍ଡ ହେବା ଯୋଗୁଁ ବାଘ ଓ ହାତୀ ଭଳି ପ୍ରାଣୀଙ୍କ ଚଳପ୍ରଚଳ ପାଇଁ ସୁରକ୍ଷିତ କରିଡରର ଆବଶ୍ୟକତା ରହିଛି ବୋଲି ବନ ବିଭାଗ ପ୍ରକାଶ କରିଛି । ମଣିଷ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବନଖଣ୍ଡ ଅଧିକାରୀ ମତ ଦେଇଥିଲେ । ଏହି ଅବସରରେ ସାମ୍ବାଦିକମାନେ ଜଙ୍ଗଲ ନିଆଁ ଓ ଅବୈଧ ଶିକାର ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ । ଶେଷରେ ଜଙ୍ଗଲ ଓ ଜୀବଜଗତର ସୁରକ୍ଷା ପାଇଁ ସମସ୍ତେ ମିଳିତ ଭାବେ ସଂକଳ୍ପ ଗ୍ରହଣ କରିଥିଲେ ।

## କାଶୀନଗରରେ ଆଇନ ସଚେତନତା

କାଶୀନଗର,(ନିପ୍ର): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଗଜପତି ପକ୍ଷରୁ ସମୟରେ କାଶୀନଗରସ୍ଥିତ ତ୍ରିନାଥ କଲ୍ୟାଣ ମଣ୍ଡପଠାରେ, ଶ୍ରୀ ଜଗନ୍ନାଥ ହାୟର ସେକେଣ୍ଡାରୀ ସ୍କୁଲ, କାଶୀନଗରର ସହଯୋଗରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ତ୍ରିନାଥ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଥିଲା। ଗଜପତି ଜିଲ୍ଲା ଓ ଦୌରା ଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏବଂ ଗଜପତିର ସଚିବ ବିମଳ ରାଉଳଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୦୧୬, ଦଣ୍ଡ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା,୨୦୧୭ ଆଦି ବିଷୟ ସହିତ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସୁରକ୍ଷା ଏବଂ ସାଇବର ଆଇନ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ନିମ୍ନଲିଖିତ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହି ଉକ୍ତ ବିଷୟଗୁଡ଼ିକ ଉପରେ ଉପସ୍ଥିତ ଜନସମାଗମକୁ ସଚେତନ କରିଥିଲେ— ବିମଳ ରାଉଳ, ସଚିବ, ଗଜପତି ଦୀପ୍ତି ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ, ଭେଙ୍କଟେଶ୍ୱର ଡିଗ୍ରୀ କଲେଜ, କାଶୀନଗର, କର୍ଣ୍ଣମ ବିଜୟ କୁମାର, ଅଧ୍ୟକ୍ଷ, ଜଗନ୍ନାଥ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, କାଶୀନଗର, ତ୍ରିନାଥ ସେଠୀ, ଇନ୍ସପେକ୍ଟର-ଇନ୍-ଚାର୍ଜ, କାଶୀନଗର ଡୋକ୍କା ଈଶ୍ୱର ରାଓ, ସାଇବର ସିକ୍ୟୁରିଟି ଆନାଲିଷ୍ଟ, କ୍ରାଇମ୍ କଣ୍ଟ୍ରୋଲ୍ କାଉନସିଲ୍। ବକ୍ତାମାନେ ଆମ୍ଳ ଆକ୍ରମଣର ଶିକାର ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ଆଇନଗତ ସହାୟତା, କ୍ଷତିପୂରଣ ବ୍ୟବସ୍ଥା, ଦଣ୍ଡ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା, ସୋସିଆଲ ମିଡିଆ ବ୍ୟବହାର ସମୟରେ ଅବଲମ୍ବନ କରିବାକୁ ଥିବା ସୁରକ୍ଷାମୂଳକ ପଦକ୍ଷେପ ଏବଂ ସାଇବର ଅପରାଧରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରିଥିଲେ।

## ସ୍ୱତନ୍ତ୍ର ବାଲୁକା ଆନିମେସନ୍ ଭିଡିଓ ଉନ୍ମୋଚିତ

ପୁରୀ,(ନିପ୍ର): ଗାନ୍ଧୀ ଜୟନ୍ତୀର ପବିତ୍ର ଅବସରରେ, 'ସୁଦାମ ସ୍ୟାଣ୍ଡ ଆର୍ଟ ମ୍ୟୁଜିୟମ୍'ର ପ୍ରତିଷ୍ଠାତା ତଥା ସୁନାମଧନ୍ୟ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ, ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ତାଙ୍କର ଚିରନ୍ତନ ଆଦର୍ଶ ପ୍ରତି ସମର୍ପିତ ଏକ ସ୍ୱତନ୍ତ୍ର ବାଲୁକା ଆନିମେସନ୍ ଭିଡିଓ ଉନ୍ମୋଚନ କରିଛନ୍ତି। ଦୁଇ ଘଣ୍ଟାର ନିରବଚ୍ଛିନ୍ନ ଜୀବନ୍ତ କଳାତ୍ମକ ପ୍ରଚେଷ୍ଟା ଓ ଗଭୀର ନିଷ୍ଠା ମାଧ୍ୟମରେ, ଏହି ବାଲୁକା ଆନିମେସନ୍‌ରେ ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହର ଶକ୍ତିଶାଳୀ ଯାତ୍ରା ଏବଂ ତାଙ୍କର କ୍ରାନ୍ତିକାରୀ ଆନ୍ଦୋଳନଗୁଡ଼ିକୁ ଜୀବନ୍ତ ଭାବରେ ଚିତ୍ରିତ କରାଯାଇଛି। ବାଲିର ଢାଞ୍ଚା ମାଧ୍ୟମରେ ଏହି କଳାକୃତିଟି ଐତିହାସିକ ସଂଗ୍ରାମଗୁଡ଼ିକୁ ପୁନର୍ଜୀବିତ କରିବା ସହ ଆଜିର ସମାଜରେ ସତ୍ୟ, ଅହିଂସା ଓ ଶାନ୍ତିର ଅତୁଳନୀୟ ପ୍ରାସଙ୍ଗିକତାକୁ ପ୍ରଦର୍ଶିତ କରୁଛି।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୬

ଭବାନୀପାଟଣା,(ନି.ପ୍ର): ଆଜି ସ୍ଥାନୀୟ ଟାଉନହଲ ଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୬ ମହା ଉତ୍ସାହ ଓ ଗରିମା ସହିତ ପାଳିତ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ, ଗରିମା, କଲ୍ୟାଣ ଏବଂ ସାମାଜିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା। ଉତ୍ସବର ଅଂଶ ସ୍ୱରୂପ, ସକାଳେ ବରିଷ୍ଠ ନାଗରିକମାନଙ୍କୁ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ଅନୁସରଣ କରିବାକୁ ଉତ୍ସାହିତ କରିବା ପାଇଁ ଏକ ଯୋଗ ସୂତ୍ର ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷାର ଗୁରୁତ୍ୱକୁ ଉଦ୍‌ଘାଟିତ କରିବା ଏବଂ ଅଂଶଗ୍ରାହୀମାନଙ୍କୁ ଅଧିକ ସବୁଜ ଓ ସୁସ୍ଥ ସମାଜ ଗଠନରେ ଅବଦାନ ଦେବାକୁ ପ୍ରେରିତ କରିବା ପାଇଁ 'ଏକ ପେଡ୍ ମାଁ କେ ନାମ' ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

## ଥଣ୍ଡା ପାନୀୟଜଳ ଯନ୍ତ୍ର ଅଚଳ, ମରାମତି ଦାବି




କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ନେଳିଆ ଛକସ୍ଥିତ ଧର୍ମଶାଳା ସମ୍ମୁଖରେ ଦୀର୍ଘ ବର୍ଷ ତଳେ ସ୍ଥାପନ ହୋଇଥିବା ଥଣ୍ଡା ପାନୀୟଜଳ ଯନ୍ତ୍ରଟି ଗତ କିଛି ଦିନ ହେଲା ଅଚଳ ହୋଇ ପଡି ରହିଛି। ଫଳରେ ପାନୀୟଜଳ ଟୋପେ ପାଇବାରୁ ସ୍ଥାନୀୟ ବାସିନ୍ଦା ବଞ୍ଚିତ ହୋଇଥିବା ଜଣାପଡିଛି। ଉକ୍ତ ଧର୍ମଶାଳା ସମ୍ମୁଖସ୍ଥ ସ୍ଥାନଟି ଯାତ୍ରୀବାହି ବସ ରହଣିସ୍ଥଳ ହୋଇଥିବାରୁ ଦୈନିକ ଶହଶହ ସଂଖ୍ୟାରେ ଯାତ୍ରୀ ସେଠାରୁ ବସ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି ।ତେବେ ପାନୀୟଜଳ ଯନ୍ତ୍ରଟି ଅଚଳ ହୋଇ ପଡିଥିବାରୁ ଏବେ ପାଣି ମୁନ୍ଦାଏ ସଂଗ୍ରହ ନିମନ୍ତେ ବସ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କର୍ତ୍ତୃପକ୍ଷ ନତୁବା ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅଚଳ ଅବସ୍ଥାରେ ପଡି ରହିଥିବା ଥଣ୍ଡା ପାନୀୟଜଳ ଯନ୍ତ୍ରୀଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅଚଳ ଅବସ୍ଥାରେ ପଡି ରହିଥିବା ଥଣ୍ଡା ପାନୀୟଜଳ ଯନ୍ତ୍ରଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ନବୀନଙ୍କୁ ଭେଟିଲେ ପୌରାଞ୍ଚଳର ବିଜେଡି ନେତା ଓ କର୍ମୀ



ହିଞ୍ଜିଳିକାଟୁ,(ନି.ପ୍ର): ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାନସଭାର ମାନ୍ୟବର ବିଧାୟକ ନବୀନ ପଟ୍ଟନାୟକଙ୍କୁ ଗୁରୁବାର ହିଞ୍ଜିଳିକାଟୁ ପୌରପରିଷଦ କାଉନସିଲର, ବିଜେଡିର ଯୁବ,ଛାତ୍ର,ମହିଳା, ନେତା ଓ କର୍ମୀ ସାକ୍ଷାତ କରିଥିଲେ। ଏହି ଅବସରରେ ବିରୋଧୀ ଦଳ ନେତା ଆଗାମୀ ପୌର ନିର୍ବାଚନରେ ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରି ପ୍ରସ୍ତୁତ ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ଆପଣମାନେ ଭଲ ଅଛନ୍ତି କି ବୋଲି ସେ ମଧ ପଚାରିଥିଲେ। ସରକାରୀ ଅବହେଳା ଯୋଗୁଁ ମ୍ୟୁନିସପାଲିଟି ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ ସ୍ଥାଣୁ ପାଲଟି ଯାଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଅଧୋଗତି ହୋଇଥିବା ନେଇ ବିଜେଡି ନେତା ଓ କର୍ମୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ଏଥିରେ ସେ ଉଦ୍‌ବେଗ ପ୍ରକାଶ କରିବା ସହ ସମସ୍ତେ ଏକ ହୋଇ ଲୋକଙ୍କ ବିଭିନ୍ନ ଅଭାବ ଅସୁବିଧା ସମୟରେ ସହଯୋଗ ଜାରି ରଖି ସମାଧାନ କରିବା ପାଇଁ ପରସ୍ପର ମଧ୍ୟରେ ସୁସଂଗଠିତ ଓ ସମନ୍ୱୟ ରକ୍ଷା କରି ଦଳକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ହିଞ୍ଜିଳିବାସୀଙ୍କ ସହିତ ମୁଁ ସବୁବେଳେ ରହିଛି ଓ ରହିବି ବୋଲି ସେ ସମସ୍ତ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ସାକ୍ଷାତକାର ସମୟରେ ମାନ୍ୟବର ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ପୌର ସଭାପତି ହୃଦୟାନନ୍ଦ ମହାପାତ୍ର, ପୌରାଧକ୍ଷା ସୁଚିତ୍ରା କୁମାରୀ ପଣ୍ଡା, ବିଭୁ ପ୍ରସାଦ ପଣ୍ଡା,ବସନ୍ତ ବେହେରା,କୃଷ୍ଣ ଚୌଧୁରୀ, କାମରାଜ ଦାସ, ସରୋଜ କୁମାର ପଣ୍ଡା, ଜିତେନ୍ଦ୍ର ସ୍ୱାଇଁ, ସୁନୀଲ ପଟ୍ଟନାୟକ, ଅଜିତ ଗୌଡ, ଭଗବାନ ମହାରଣା, କେଶବ ମହାରଣା, ବରିଷ୍ଠ ନେତା ଓ କର୍ମୀ ସାମିଲ ହୋଇଥିଲେ। ଆଜିର ଏହି ଗ୍ରସ୍ତରେ ବିଜୁ ଜନତା ଦଳ ପ୍ରତି ଯୁବ ନେତା ଚନ୍ଦନ ପାତ୍ରଙ୍କ ନିଷ୍ଠା, ସମର୍ପଣ ଭାବ ଓ ରଣହୁଙ୍କାର ନାରାକୁ ନେଇ ଏବେ ଦଳୀୟ ମହଲରେ ବ୍ୟାପକ ଆଲୋଚନା ଚାଲିଛି।

# ବନ୍ୟାରେ ଫସଲ ଉଜୁଡ଼ିଲା : ଚିନ୍ତାରେ ନଳିତା ଚାଷୀ



ବାଙ୍କୀ,(ନିପ୍ର): ବନ୍ୟା ବିପ୍ରାତରେ ଦୁଃଖରେ ଲଳିତା ଚାଷୀ। ବାରମ୍ବାର ମହାନଦୀର ବନ୍ୟା ଆସିବା ଯୋଗୁଁ ବାଙ୍କୀ ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡ ଦୁର୍ବଳ ହେବାରେ ଲାଗିଛି। ଏଥର ବନ୍ୟାପାଣି ବିଲିପଡ଼ା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଧାନ, ପନିପରିବା ସହ ଲାଭଦାୟକ ଲଳିତା ଚାଷକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ପ୍ରାୟ ୨ ଶହ ଏକର ଜମିରେ ଲଳିତା ଚାଷ କରିଥିବା ଚାଷୀ ଭଲ ଅମଳର ଆଶା ରଖିଥିଲେ। ଝୋଟ ସାଙ୍ଗକୁ କାଉଁରିଆ ଅମଳ କରି ବିକ୍ରି କଲେ ଭଲ ଦୁଇ ପଇସା ରୋଜଗାର ହେବ ବୋଲି ଆଶା କରିଥିଲେ। ହେଲେ ବନ୍ୟା ସେହି ଆଶାରେ ପାଣି ଫେରାଇ ଦେଇଛି। ବିଲିପଡ଼ା, ପଖରାଖାଲ, ଧରସ ଓ ବରପଦନପୁର ଅଞ୍ଚଳର ନଳିତା ଚାଷୀ ବନ୍ୟାରେ ବ୍ୟାପକ କ୍ଷତି ସହିଛନ୍ତି। ଅନେକ ଚାଷଜମିରେ ଏବେ ମଧ ପାଣି ଜମି ରହିଥିବାରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଚିନ୍ତାର ବୋଝ ବଢ଼ିଛି। ଚାଷ ପାଇଁ ଧାର କରିଥିବା ଟଙ୍କା, ସାହୁ-ମହାଜନଙ୍କ ଋଣ ଓ ବ୍ୟାଙ୍କ ଋଣ କିପରି ଶୁଝିବେ, ତାହା ଏବେ ଚାଷୀଙ୍କ ପାଇଁ ବଡ଼ ପ୍ରଶ୍ନ। ଫସଲ ନଷ୍ଟ ହେବାରୁ ପରିବାର ଭରଣପୋଷଣ ନେଇ ମଧ ଚିନ୍ତା ବଢ଼ିଛି। ଚାଷୀଙ୍କ କହିବାନୁଯାୟୀ, ବନ୍ୟାରେ ଯେତିକି କ୍ଷତି ହୋଇଛି, ତାହା ତୁଳନାରେ ଯାହା ଅମଳ ହେବ, ତାହା 'ସମୁଦ୍ରକୁ ଶଙ୍ଖେ'। ଏଭଳି ସ୍ଥିତିରେ ବିଲିପଡ଼ା ସମେତ ଆଖପାଖ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀ ସରକାରୀ ସହାୟତା ଓ ଉଚିତ କ୍ଷତିପୂରଣକୁ ଅପେକ୍ଷା କରିଛନ୍ତି।

ତିଥି :(ସପ୍ତମୀ): (ଆର୍ଦ୍ରା ମିଥୁନ)
ଅମୃତ ବେଳା: ଦିବା ଘ ୬।୨୯ ମଧ୍ୟେ ଘ୭।୧୭ ଗତେ

## ଆଜିର ଅନୁଚିନ୍ତନ

ହେ ଭରତଶ୍ରେଷ୍ଠ ଅର୍ଜୁନ ! ମୁଁ ବଳବାନଙ୍କର କାମ ଓ ରାଗ ବିବର୍ଜିତ ବଳ ଏବଂ ପ୍ରାଣୀମାନଙ୍କ ଠାରେ ଧର୍ମର ଅବିରୁଦ୍ଧ କାମ ଅଟେ।

।।। - ଶ୍ରୀମଦ୍ ଭଗବଦ୍ ଗୀତା

# ଚାଷୀର ମର୍ମବେଦନା

ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଲେଉଟାଣି ଗତ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇସାରିଛି। ଚଳିତ ଅକ୍ଟୋବର ୧୦ ସୁଦ୍ଧା ସମଗ୍ର ଦେଶରୁ ଏହା ପ୍ରତ୍ୟାବର୍ତ୍ତନ କରିବ। ପ୍ରବଳ ବର୍ଷା ପାଇଁ ଜଣାଶୁଣା ମେଘାଳୟରେ ଏଥର ୬୦ ପ୍ରତିଶତରୁ କମ୍ ବର୍ଷା ହୋଇଥିବାବେଳେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ ୧୨.୬ ବା ପ୍ରାୟ ୧୩ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ଦେଶର ପ୍ରାୟ ୪୩ ପ୍ରତିଶତ ଜିଲ୍ଲାରେ ୨୦ରୁ ୭୨ ପ୍ରତିଶତ ପର୍ଯ୍ୟନ୍ତ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଚଳିତ ଥରର ମୌସୁମୀ ଗତ ୧୩ ବର୍ଷ ମଧ୍ୟରେ ସବୁଠୁ ଶୁଷ୍କ ମୌସୁମୀ ଭାବରେ ବିବେଚିତ ହୋଇଛି। ସଂକ୍ଷେପରେ କହିଲେ ଏବର୍ଷ ୨୮୨ ଜିଲ୍ଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି। ତେବେ ଆମ ରାଜ୍ୟରେ ୨୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅଧିକ ବର୍ଷା ହେତୁ ବର୍ଷା ଜଳ ସଂରକ୍ଷଣ କରିବାରେ ଆମ ରାଜ୍ୟ କେତେ ସଫଳତା ଅର୍ଜନ କରିଛି ତାହା ଏଯାବତ୍ ସମୀକ୍ଷା ହୋଇଥିବା ମନେ ହେଉ ନାହିଁ। ବିଶେଷ କରି କୃଷି କ୍ଷେତ୍ର ପାଇଁ ବର୍ଷା ଜଳର ଯଥେଷ୍ଟ ଉପଯୋଗିତା ଥିବାବେଳେ ତାହା କେତେ ଦୂର ଉପଲବ୍ଧ ହୋଇଛି ବା ଚାଷୀ ଉପକୃତ ହୋଇଛନ୍ତି, ସେନେଇ ଜିଜ୍ଞାସା ରହିବ।

ସଦ୍ୟ ଶେଷ ହୋଇଥିବା ମୌସୁମୀ ଅଧିବେଶନରେ ରଖାଯାଇଥିବା ତଥ୍ୟ କହେ ଯେ ଏବର୍ଷର ବନ୍ୟା ଓ ଅତ୍ୟଧିକ ବର୍ଷା ହେତୁ ଚାଷୀକୁଳ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ମୋଟ ୨ଲକ୍ଷ ୧୨ହଜାର ୫୩୩ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି।

ଅତ୍ୟଧିକ ବର୍ଷା ଓ ନିଅଣ୍ଟିଆ ବର୍ଷା ଉଭୟ ଫସଲ ପାଇଁ କ୍ଷତିକାରକ। ଏ ପରିପ୍ରେକ୍ଷୀରେ କୃଷି ବିଶେଷଜ୍ଞଙ୍କ କହିବା କଥା ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ କୃଷିକୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ଜଳସେଚନ ପ୍ରତି ଧ୍ୟାନ ଦେବାକୁ ହେବ। ଶୁଷ୍କାଞ୍ଚଳ କୃଷି ବିକାଶ କରିବାକୁ ହେବ। ଫାର୍ମ, ପୋଖରି ଓ ଆଡ଼ିବନ୍ଧ ନିର୍ମାଣ, ଭୂପୃଷ୍ଠ ଓ ଭୂତଳ ଜଳ ଏକୀକରଣ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ହେବ। ଏପରି ପରାମର୍ଶ ଭିତ୍ତିରେ ସାମ୍ନାକୁ ଆସେ ନଦୀଗର୍ଭ ଜଳ ସଂରକ୍ଷଣ ପ୍ରକଳ୍ପ ବା ଇନ୍‌ଷ୍ଟ୍ରିମ୍-ଷ୍ଟୋରେଜ ଷ୍ଟ୍ରକଚର ବା ଆଇଏସ୍ଏସ୍। ଏହା ସାଙ୍ଗକୁ ଅଣ୍ଡର ଲାଇନ ପାଇପ ଲାଇନ (ୟୁଜିପିଏଲ୍)ପ୍ରକଳ୍ପ, ଯାହାକି ନଦୀଗୁଡ଼ିକର ଉଦ୍‌ବୃତ୍ତ ଜଳରାଶି ସଂରକ୍ଷଣରେ ସହାୟକ ହୋଇଥାଏ। ମାତ୍ର ଗଣମାଧ୍ୟମରୁ ଯାହା ଜଣାପଡ଼ିଛି ସେପ୍ଟେମ୍ବର ତୃତୀୟ ସପ୍ତାହ ସୁଦ୍ଧା ଏହି ଆଧାରିତ ଅଧିକାଂଶ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ ହୋଇନାହିଁ। ଏହା ପଛରେ ସର୍ଭେ, ଡିଜାଇନ ଓ ନକ୍ସା ଅନୁମୋଦନରେ ଟାଳଟୁଳ ନୀତି, ପ୍ରକଳ୍ପ ସ୍ଥଳକୁ ବିଦ୍ୟୁତ୍ ସଂଯୋଗର ବିଳମ୍ବ, ବିଶେଷ କରି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଜଟିଳତା ମୁଖ୍ୟ ବାଧକ ସାଜିଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ନ ସାରିଲେ ସଂପୃକ୍ତ ନିର୍ମାଣକାରୀ ସଂସ୍ଥା ଉପରେ ଜୋରିମାନା ଲଗାଇବାକୁ ରାଜ୍ୟ ଜଳସଂପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସ୍ମରଣ କରାଯାଇପାରେ ଯେ ଏହାର ପୂର୍ବ ମାସ ଅଗଷ୍ଟରେ ଜଳସଂପଦ ଅଧିକାରୀ ଓ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଉଚ୍ଚପଦାଧିକାରୀଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା- କେବଳ ଟଙ୍କା ବ୍ୟୟ ନୁହେଁ, ଯୋଜନାର ସୁଫଳ ଉପରେ ଗୁରୁତ୍ୱ ଦିଅ। ଏପରି ପରାମର୍ଶ ଆଗକୁ କେତେଦୂର କାର୍ଯ୍ୟକାରୀ ହେଉଛି ତାହା କାର୍ଯ୍ୟରେ ଜଣାପଡ଼ିବ ବୋଲି ତଥ୍ୟାଭିଜ୍ଞ ମହଲ ମତ ରଖୁଛନ୍ତି। ଜଳଧାରଣ କଥା ଆସିଲେ ହୀରାକୁଦ ନଦୀ ବନ୍ଧ କଥା ସାମ୍ନାକୁ ଆସେ। ଏହି ନଦୀ ବନ୍ଧର ଜଳଧାରଣ କ୍ଷମତା ୧.୮ ମିଲିୟନ ଏକର ଫୁଟକୁ ହ୍ରାସ ପାଇଥିବା ସଦ୍ୟ ବିଧାନସଭା ଅଧିବେଶନ ସୂତ୍ରରୁ ଜଣାପଡ଼ିଛି।

ସୁତରାଂ ନଦୀ ବନ୍ଧରେ ଜଳଧାରଣ କ୍ଷମତା ବୃଦ୍ଧି ସାଙ୍ଗକୁ ନଦୀଗୁଡ଼ିକରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକଚର ପ୍ରକଳ୍ପଗୁଡ଼ିକ ଶେଷ ହେଲେ ଚାଷୀକୁଳ ଉପକୃତ ହେବେ। ଯେତେ ପ୍ରକଳ୍ପ ଶେଷ ହେବ ସେତେ ଭଲ, କାରଣ ବର୍ଷା ଓ ବନ୍ୟା ଜଳ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଚାଷୀ ହେଉଛନ୍ତି ଅନ୍ନଦାତା। ସେମାନେ ତଥା କୃଷିଭିତ୍ତିଭୂମିକୁ ସର୍ବପ୍ରାଥମିକତା ଦେବାକୁ ହେବ। କୃଷି ଯେ ଆଉ ଲାଭଜନକ ପେସା ହୋଇପାରୁନି ବୋଲି ଉପଲବ୍ଧି କରି ସ୍ୱାମୀନାଥନ୍ କମିଶନଙ୍କ ରିପୋର୍ଟ -୨୦୦୬ରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ତାହା ହେଉଛି , ବିକଳ୍ପ ପାଇଲେ ୪୦ ପ୍ରତିଶତ ଚାଷୀ କୃଷି କାର୍ଯ୍ୟ ଛାଡ଼ିବାକୁ ପ୍ରସ୍ତୁତ। ସୁତରାଂ ଚାଷୀର ମର୍ମବେଦନାକୁ ରାଜ୍ୟ ସରକାର ଉପଲବ୍ଧି କରିବା ଜରୁରୀ।

# ସୁସ୍ଥ ରଖନ୍ତୁ ମନକୁ

**ଡା. ସମ୍ରାଟ କର**

ପ୍ରତିବର୍ଷ ଅକ୍ଟୋବର ୧ରୁ ୮ ଅକ୍ଟୋବର ପର୍ଯ୍ୟନ୍ତ ବିଶ୍ୱ ମାନସିକ ସପ୍ତାହ ଭାବେ ପାଳନ ହୋଇଆସୁଛି। ୧୯୯୨ରେ ପ୍ରଥମର ଥର ପାଇଁ ୱାର୍ଲ୍ଡ ଫେଡେରେସନ ଫର ମେଣ୍ଟାଲ ହେଲଥ ଏହାକୁ ପାଳନ କରିଥିଲା । ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ମାନସିକ ରୋଗ ଏକ ଜଟିଳ ରୋଗ । ଏହି ରୋଗକୁ ଆରମ୍ଭରୁ କେହି ଜାଣି ପାରନ୍ତି । ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ରର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ। କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି। କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି । ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି । ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ । ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ ।

ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ । ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପାଇଁ ଆବଶ୍ୟକ ହୋଇଥାଏ । ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ । ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନପାରିଲେ ମାନସିକ ଭାରସମ୍ୟ ହରାଇଥାଏ ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ । ଫଳରେ ତା ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ । କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ । ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ । ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକଙ୍କୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ । ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା । ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହି ପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଚେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ ।

କଟକ, ଦୂରଭାଷ : ୯୧୩୨୪୩୩୩୩୩

# ବନ୍ଧୁତ୍ୱ: ଜୀବନର ଅମୂଲ୍ୟ ସମ୍ପଦ

**ଇଂ. ଅମର ବେହେରା**

**"ଜୀବନର ବାସ୍ତବତା ହେଉଛି- ଟଙ୍କା, ପଦବୀ, ପ୍ରତିଷ୍ଠା ଓ ସାଂସାରିକ ସଫଳତା ସବୁକିଛି ସମୟ ସହ ବଦଳିଯାଏ; କିନ୍ତୁ ସଚ୍ଚା ବନ୍ଧୁତା ଶେଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହେ । ସମ୍ପର୍କର ଅସଂଖ୍ୟ ବନ୍ଧନ ଭିତରେ ବନ୍ଧୁତା ହେଉଛି ସବୁଠାରୁ ପବିତ୍ର ଓ ନିଷ୍କପଟ । ଏହା କୌଣସି ସ୍ୱାର୍ଥ କିମ୍ବା ବାଧ୍ୟବାଧକତା ଉପରେ ତିଷ୍ଠି ନଥାଏ, ବରଂ ହୃଦୟର ଗଭୀର ନିବିଡ଼ତା ଉପରେ ଗଢ଼ିଉଠିଥାଏ । ଆଜିର ସଂଘର୍ଷମୟ ଓ ବ୍ୟସ୍ତବହୁଳ ଜୀବନରେ ଯଦି ଆପଣଙ୍କ ପାଖରେ କିଛି ଏମିତି ସାଙ୍ଗ ଅଛନ୍ତି, ଯାହାଙ୍କ ଆଗରେ ଆପଣ ନିଜର ମୁଖା ଖୋଲି ମନଖୋଲି ହସିପାରନ୍ତି, ତେବେ ମନେ ରଖନ୍ତୁ— 'ଆପଣ ଏ ସଂସାରର ସବୁଠାରୁ ଧନୀ ବ୍ୟକ୍ତି' । ବନ୍ଧୁତା ହେଉଛି ଜୀବନର ସେହି ଅମୂଲ୍ୟ ସମ୍ପଦ, ଯାହା ବୟସର ସାୟାହ୍ନରେ ବି ମଣିଷକୁ ପୁଣି ଥରେ ଜିଇଁବାର ରାହା ଦେଖାଇଥାଏ ।"**

ସୋସିଆଲ୍ ମିଡିଆର ଅସଂଖ୍ୟ ଭିଡିଓ ଭିତରେ ନିକଟରେ ଗୋଟିଏ ଭିଡିଓ ସମସ୍ତଙ୍କ ହୃଦୟକୁ ଛୁଇଁଯାଇଛି । ୧୯୭୬ ବ୍ୟାଚ୍‌ର କିଛି ସ୍କୁଲ ସାଙ୍ଗ, ଯାହାଙ୍କ ବୟସ ଆଜି ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ, ସେମାନେ ଦୀର୍ଘ ୫୦ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି । ଚୁଟି ସବୁ ପାଚି ଧଳା ପଡ଼ିଯାଇଛି, ଚମ କୁଞ୍ଚିତ ହୋଇଯାଇଛି, ଆଖିରେ ବାର୍ଦ୍ଧକ୍ୟର ଛାପ; କିନ୍ତୁ ବିଦ୍ୟାଳୟର ସେହି ପୁରୁଣା ଆବେଗ ଓ ଜୋସ୍ ସେମାନଙ୍କ ଭିତରେ ସେମାନଙ୍କୁ ପୁଣିଥରେ ସେହି ପୁରୁଣା ଦିନକୁ ଫେରାଇ ନେଇଥିଲା । ସମସ୍ତେ ସ୍କୁଲ ୟୁନିଫର୍ମ ପିନ୍ଧି, ପିଠିରେ ବ୍ୟାଗ୍ ଓ ବାନ୍ଧିଥିବା ପାଣି ବୋତଲ ଧରି ସ୍କୁଲକୁ ଆସିଛନ୍ତି । ପୁରୁଣା ଶ୍ରେଣୀଗୃହରେ ବସି ଶିକ୍ଷକଙ୍କ ପାଠପଢ଼ା ଶୁଣୁଛନ୍ତି, ଆଉ ସ୍କୁଲ ପଡ଼ିଆରେ ଗିଲି-ଦଣ୍ଡା ଖେଳୁଛନ୍ତି । ଏହି ଦୃଶ୍ୟ ଦେଖି ମନରେ ପ୍ରଶ୍ନ ଆସେ— 'ସତରେ କ'ଣ ପୁଣି ଫେରିଆସିଲା ପିଲାଦିନ ?' ସମୟର ସ୍ରୋତରେ ସବୁକିଛି ବହିଯାଏ ସତ, ହେଲେ ପିଲାଦିନର ସ୍ମୃତି ଓ ନିଷ୍କପଟ ବନ୍ଧୁତା କେବେ ମଳିନ ପଡ଼େନାହିଁ । ଜୀବନ ଯେତେ ଆଗକୁ ବଢ଼ୁ, କିଛି ସାଙ୍ଗ ଏମିତି ଥାଆନ୍ତି ଯାହାଙ୍କୁ ଦେଖିଲେ ମଣିଷ ନିଜର ସବୁ ବୟସ, ପଦବୀ ଓ ଆଭିଜାତ୍ୟ ଭୁଲି ସେହି ଧୂଳିଖେଳର ଅବୋଧ ଶିଶୁଟିଏ ପାଲଟିଯାଏ । ସେହି ବୟସ୍କ ସାଙ୍ଗମାନେ ଯେତେବେଳେ ବିଦ୍ୟାଳୟର ଫାଟକ ଭିତରେ ପାଦ ଥାପିଲେ, ସେତେବେଳେ ସେମାନେ ଅଫିସର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲ୍, ଦାୟିତ୍ୱ, ଜୀବନର ସମସ୍ତ ଚିନ୍ତା ଓ ବୋଝକୁ ଗେଟ୍ ବାହାରେ ଛାଡ଼ିଦେଇ ଆସିଥିଲେ। ଯେଉଁ ହାତ ଦିନେ ବଡ଼ ବଡ଼ ସରକାରୀ କିମ୍ବା ବ୍ୟବସାୟିକ ନିଷ୍ପତ୍ତି ନେଉଥିଲା, ସେହି ହାତ ଆଜି ଆନନ୍ଦରେ ଗିଲି-ଦଣ୍ଡା ଧରିଥିଲା । ସେତେବେଳେ ନା କାହାକୁ ଆଣ୍ଠୁ ଦରଜ ମନେପଡୁଥିଲା, ନା ଉଚ୍ଚ ରକ୍ତଚାପର ଭୟ ଥିଲା ।

କ୍ଲାସରୁମ୍ ଭିତରେ ସେମାନେ ପୁଣି ସେହି ପୁରୁଣା ଦୁଷ୍ଟାମି ଆରମ୍ଭ କରିଦେଇଥିଲେ । କିଏ 'ଛୁକ୍ ଛୁକ୍' ରେଳଗାଡ଼ି ଶବ୍ଦ କରୁଥିଲା ତ ଆଉ କିଏ ତାଳି ମାରୁଥିଲା । ସବୁଠାରୁ ମଜାଦାର କଥା ହେଲା, ଶ୍ରେଣୀଗୃହରେ ବାଣ ଫୁଟାଇ କିଏ ଆଲମାରି ପଛରେ ଲୁଚୁଥିଲା ତ ଆଉ କିଏ ବେଞ୍ଚ ପଛରେ ! ଶିକ୍ଷକ ଗୋଡ଼ାଇ ଗୋଡ଼ାଇ ସେମାନଙ୍କୁ ଦଣ୍ଡ ଦେଉଥିଲେ । କିଛି ପିଲା ଶାନ୍ତ ଓ ଆଜ୍ଞାକାରୀ ଥିବା ବେଳେ କିଛି ଦୁଷ୍ଟ ସାଙ୍ଗ ଶିକ୍ଷକଙ୍କ ସହ ମଜାକର ପରିବେଶ ସୃଷ୍ଟି କରୁଥିଲେ । ସତରେ, ବନ୍ଧୁତା ସାମ୍ନାରେ ବୟସର ସୀମାରେଖା ଆପେ ଆପେ ହଜିଯାଏ।

ଏହି ସୋସିଆଲ୍ ମିଡିଆ ଭିଡିଓଟି ଏହି ଲେଖକଙ୍କୁ ନିଜ ଜୀବନର କିଛି ଅଭୁଲା ମୁହୂର୍ତ୍ତକୁ ମନେପକାଇ ଦେଇଥିଲା । ସେଦିନ ଥିଲା ଏକ ରବିବାର ସକାଳ। ପ୍ରତି ଦିନ ପରି, ବିଛଣାରୁ ଉଠୁ ଉଠୁ ମୁଁ ପ୍ରଥମେ ଆମ ଇଞ୍ଜିନିୟରିଂ କଲେଜ ସାଙ୍ଗମାନଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌କୁ ଖୋଲିଲି । ସାରା ସପ୍ତାହର କାମର ଚାପ ପରେ, ଆମ ସାଙ୍ଗ ବିଶ୍ୱ ପ୍ରକାଶ ଗ୍ରୁପ୍‌ରେ ନିଜ ମନର ସବୁ ଅସନ୍ତୋଷ ଓ ବିରକ୍ତିଭାବ ଲେଖିପକାଇଥିଲା । ବିଶ୍ୱ ପ୍ରକାଶ ଆମେରିକାରେ ରହୁଥିବାରୁ ସେଠାରେ ମନକଥା କହିବାକୁ ବେଶି ଲୋକ ନାହାନ୍ତି; ତେଣୁ ଏହି ଗ୍ରୁପ୍‌ଟି ହିଁ ତା'ର ସୁଖ, ଦୁଃଖ ଓ ମନର ଭାବନା ପ୍ରକାଶ କରିବାର ମୁଖ୍ୟ ମାଧ୍ୟମ । ବିଶ୍ୱ ପ୍ରକାଶର ସେହି ମେସେଜ୍ ଦେଖି ଆମର ଅନ୍ୟଜଣେ ସାଙ୍ଗ ପ୍ରଫେସର ଡକ୍ଟର ପାର୍ଥସାରଥୀ ନିଜ ରାଗକୁ ନିୟନ୍ତ୍ରଣ କରିପାରିନଥିଲେ । ସାରା ସପ୍ତାହ ଛାତ୍ରଛାତ୍ରୀଙ୍କୁ ଭଲ କଥା ଶିଖାଉଥିବା ପ୍ରଫେସର ପାର୍ଥସାରଥୀ କିଛି ସମୟ ପାଇଁ ଭୁଲିଗଲେ ଯେ ସେ ଜଣେ



ଶିକ୍ଷକ! ସେ ଆମ କଲେଜ ଦିନର ସେହି କୋଡ୍‌ୱାର୍ଡ ଓ ଗାଳିଗୁଲଜ ଭାଷାରେ ବିଶ୍ୱକୁ ଉତ୍ତର ଦେବା ଆରମ୍ଭ କଲେ । ଏତିକି ବେଳେ ବିନୟ ମଝିରେ ପଶି ନିଜ ଜ୍ଞାନକୋଷରୁ ରାଜନୀତିର 'ମହାଭାରତ' ଆରମ୍ଭ କରିଦେଲା। ୟୁରୋପରେ ରହୁଥିବା ଦୀପ୍ତି ସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରି କହିଲା, ରବିବାର ସକାଳୁ ଏତେ ନକାରାତ୍ମକ କଥା କାହିଁକି ? ଏସବୁ ଭିତରେ ସୌଭାଗ୍ୟ ନିଜ କମ୍ପ୍ୟୁଟର ଭାଷାରେ ପ୍ରଫେସରଙ୍କ 'ସିପିୟୁ'(ମସ୍ତିଷ୍କ)କୁ କୁଲ୍ କରିବାକୁ ଉପଦେଶ ଦେଲା । ରବିବାର ସକାଳ ହୋଇଥିବାରୁ ନିହାର ଓ ମିଳନ୍ ଶନିବାର ରାତିର ଗଭୀର ନିଦରୁ ଡେରିରେ ଉଠି ଆଲୋଚନାରେ ଯୋଗଦେଲେ । ସେମାନେ ପ୍ରଫେସର ପାର୍ଥଙ୍କୁ ଶାନ୍ତ କରିବାକୁ ଚେଷ୍ଟା କଲେ । ମିଳନ୍ କ୍ରିକେଟ୍ ଆଲୋଚନା ଆରମ୍ଭ କରିଦେଲା । ବାସ୍, ସମସ୍ତେ ସେଥିରେ ଏମିତି କୁଦିପଡ଼ିଲେ ସତେ ଯେମିତି ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟ କ୍ରିକେଟ୍‌ର ଜଣେ ଜଣେ ମହାନ କିମ୍ବଦନ୍ତୀ ! କ୍ରିକେଟ୍ ପଡ଼ିଆରେ ଖେଳାଳିମାନେ ଖେଳୁଥିଲେ ସତ, କିନ୍ତୁ ଅସଲ ଗ୍ରାଉଣ୍ଡ ରିପୋର୍ଟ ଆମ ଗ୍ରୁପ୍‌ରୁ ବାହାରୁଥିଲା । କ୍ରିକେଟ୍‌ରୁ ଆରମ୍ଭ ହୋଇ ଆଲୋଚନା ଶେଷରେ ଶେୟାର ମାର୍କେଟ୍‌ରେ ପହଞ୍ଚିଗଲା । ଏହି ସବୁ ହସଖୁସି ଓ ଆଲୋଚନାରେ ଆମ ସାଙ୍ଗ ବିଜୟ ଭାଗ ନ ନେଲେ ବି, ସେ ଆମେରିକାରେ ବିଳମ୍ବିତ ରାତି ହୋଇଥିଲେ ସୁଦ୍ଧା ଗୋଟିଏ ଗୋଟିଏ ମେସେଜ୍ ପଢୁଥିଲା । ଅନେକ ଦିନରୁ ଅଭିମାନ କରି ସେ ଗ୍ରୁପ୍‌ରେ କିଛି ଲେଖୁନାହିଁ, ହେଲେ ଆମ ମେସେଜ୍ ନ ପଢ଼ିଲେ ତାକୁ ଶାନ୍ତିରେ ନିଦ ହୁଏନାହିଁ । ଶେଷରେ ସେହି ଗ୍ରୁପ୍‌ରେ ହିଁ ଝଗଡ଼ା ହୁଏ, ସେଠାରୁ ହିଁ ଓକିଲ ଓ ବିଚାରପତି ବାହାରନ୍ତି, ଆଉ ଫୈସଲା ଶୁଣାଯାଏ । ଶେଷ ନିଷ୍ପତ୍ତି ହେଲା— ଆସନ୍ତା ଡିସେମ୍ବର ମାସରେ ସମସ୍ତେ ଏକାଠି ହୋଇ 'ଗେଟ୍-ଟୁଗେଦର' କରିବେ, ଆଉ ଏହି ନିଷ୍ପତ୍ତିରେ ସମସ୍ତେ ସମ୍ମତି ଜଣାଇଲେ। ସବୁ ସମସ୍ୟାର ସମାଧାନ । ସୋମବାର ଆସିଲେ ପୁଣି ସମସ୍ତେ ରବିବାରର କଥା ଭୁଲି ନିଜ ନିଜ କାମ ଓ ଜୀବନର ଦୌଡ଼ରେ ବ୍ୟସ୍ତ ହୋଇଯାଆନ୍ତି ।

ବାସ୍ତବରେ, ଏହାହିଁ ହେଉଛି ପ୍ରକୃତ ବନ୍ଧୁତା । ଯେଉଁଠି ନିଜ ମନର ସବୁ ଭାବନାକୁ ବିନା ସଙ୍କୋଚରେ ପ୍ରକାଶ କରିହୁଏ । ବନ୍ଧୁତାର ଏହି ପ୍ଲାଟଫର୍ମ ମଣିଷର ମନକୁ ହାଲୁକା ଓ ତାଜା କରିଥାଏ । କେହି ଜଣେ ଦାର୍ଶନିକ କହିଥିଲେ 'ପରିବର୍ତ୍ତନ ଅନ୍ୟ କିଛି ନୁହେଁ, ଏହା ହେଉଛି ମାନସିକ ସତେଜତା ଓ ନୂତନତାର ଏକ ରୂପ ।' ବନ୍ଧୁତା ସତରେ ସେହିପରି ଏକ ମାଧ୍ୟମ, ଯାହା ମଣିଷର କ୍ଲାନ୍ତ ମନରେ ପରିବର୍ତ୍ତନ, ନୂତନ ଉତ୍ସାହ ଓ ସତେଜତା ଭରିଦିଏ ।

ଜୀବନର ବାସ୍ତବତା ହେଉଛି- ଟଙ୍କା, ପଦବୀ, ପ୍ରତିଷ୍ଠା ଓ ସାଂସାରିକ ସଫଳତା ସବୁକିଛି ସମୟ ସହ ବଦଳିଯାଏ; କିନ୍ତୁ ସଚ୍ଚା ବନ୍ଧୁତା ଶେଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହେ । ସମ୍ପର୍କର ଅସଂଖ୍ୟ ବନ୍ଧନ ଭିତରେ ବନ୍ଧୁତା ହେଉଛି ସବୁଠାରୁ ପବିତ୍ର ଓ ନିଷ୍କପଟ । ଏହା କୌଣସି ସ୍ୱାର୍ଥ କିମ୍ବା ବାଧ୍ୟବାଧକତା ଉପରେ ତିଷ୍ଠି ନଥାଏ, ବରଂ ହୃଦୟର ଗଭୀର ନିବିଡ଼ତା ଉପରେ ଗଢ଼ିଉଠିଥାଏ । ଆଜିର ସଂଘର୍ଷମୟ ଓ ବ୍ୟସ୍ତବହୁଳ ଜୀବନରେ ଯଦି ଆପଣଙ୍କ ପାଖରେ କିଛି ଏମିତି ସାଙ୍ଗ ଅଛନ୍ତି, ଯାହାଙ୍କ ଆଗରେ ଆପଣ ନିଜର ମୁଖା ଖୋଲି ମନଖୋଲି ହସିପାରନ୍ତି, ତେବେ ମନେରଖନ୍ତୁ— 'ଆପଣ ଏ ସଂସାରର ସବୁଠାରୁ ଧନୀ ବ୍ୟକ୍ତି' । ବନ୍ଧୁତା ହେଉଛି ଜୀବନର ସେହି ଅମୂଲ୍ୟ ସମ୍ପଦ, ଯାହା ବୟସର ସାୟାହ୍ନରେ ବି ମଣିଷକୁ ପୁଣି ଥରେ ଜିଇଁବାର ରାହା ଦେଖାଇଥାଏ ।

ଭୁବନେଶ୍ୱର
ମୋ: ୯୭୪୨୯୮୨୭୪୧

# ଓଡ଼ିଶାର ଅର୍ଥନୈତିକ ଉଜ୍ଜ୍ୱଳତାର ସତ୍ୟତା !

**ଅସିତ ମହାନ୍ତି**

**"ପ୍ରଦୂଷଣ ଆଉ କେବଳ ବ୍ୟକ୍ତିଗତ ଅସନ୍ତୋଷର ବିଷୟ ନୁହେଁ। ଏହା ଏବେ ସ୍ୱାସ୍ଥ୍ୟ, ପରିବେଶ, ଆଇନ ଓ ନାଗରିକ ଦାୟିତ୍ୱ ସହିତ ଜଡ଼ିତ ଏକ ବଡ଼ ସାମାଜିକ ପ୍ରଶ୍ନ।ଉତ୍ସବ ବନ୍ଦ ହେବା ଦରକାର ନାହିଁ। ସଙ୍ଗୀତ ମଧ୍ୟ ବନ୍ଦ ହେବା ଦରକାର ନାହିଁ। ଆବଶ୍ୟକ ହେଉଛି ଦାୟିତ୍ୱପୂର୍ଣ୍ଣ ଉତ୍ସବ ପାଳନ। ନିର୍ଦ୍ଧାରିତ ଧ୍ୱନିସୀମା ପାଳନ କରିବା, ରାତିର ସମୟସୀମାକୁ ସମ୍ମାନ କରିବା, ହସ୍ପିଟାଲ ଓ ଅନ୍ୟ ନିରବ ଅଞ୍ଚଳ ନିକଟରେ ଧ୍ୱନି ନିୟନ୍ତ୍ରଣ କରିବା ଏବଂ ନିୟମ ଉଲ୍ଲଂଘନ ହେଲେ ପ୍ରଶାସନର ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ସବୁଠାରୁ ବଡ଼ କଥା ହେଉଛି ଆମର ମାନସିକତା ବଦଳିବା ଦରକାର।"**

ଅଗଷ୍ଟ ୨୦୨୬ ସୁଦ୍ଧା ଓଡ଼ିଶାର ମୋଟ ସାର୍ବଜନୀନ ଋଣ ୧,୨୩,୦୯୮ କୋଟିରେ ପହଞ୍ଚିଛି । ୨୦୨୭ ସୁଦ୍ଧା ଏହା ବୃଦ୍ଧି ପାଇ ୧,୪୮,୧୮୭ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ନାଗରିକ ହାରାହାରି ପ୍ରାୟ ୨୬,୦୦୦ ବୋଝ ବହନ କରନ୍ତି। ଏପରି ପରିସ୍ଥିତିରେ, ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି ବୋଲି ସରକାରଙ୍କ ଦାବି ଅଧା ସତ୍ୟ ଏବଂ ଅଧା ପ୍ରତାରଣା ପରି ମନେହୁଏ।

ପ୍ରକୃତ ଋଣ ପରିସ୍ଥିତି – ଓଡ଼ିଶା ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ଋଣ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଏହା ୨୦୨୪ରେ ୯୬,୩୧୦ କୋଟି, ୨୦୨୫ରେ ୧,୨୨,୮୯୩ କୋଟି ଏବଂ ଅଗଷ୍ଟ ୨୦୨୬ ସୁଦ୍ଧା ୧,୨୩,୦୯୮ କୋଟି ଥିଲା। ଆକଳନ କରାଯାଉଛି ଯେ ୨୦୨୭ ସୁଦ୍ଧା ଏହା ୧,୪୮,୧୮୭ କୋଟିରେ ପହଞ୍ଚିବ। ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦର ପ୍ରାୟ ୧୩.୩୮% ହେବ, ଯାହା ବୈଷୟିକ ଭାବରେ ଏଫ୍ଆରବିଏମ୍ ଆଇନର ସୀମା (୨୫%) ତଳେ ଅଛି, କିନ୍ତୁ ସାମାଜିକ ଦୃଷ୍ଟିକୋଣରୁ, ଏହି ବୋଝ ସିଧାସଳଖ ସାଧାରଣ ଜନତାଙ୍କୁ ପ୍ରଭାବିତ କରେ।

ପ୍ରତି ମୁଣ୍ଡପିଛା ଋଣ ଭାର – ସରକାରୀ ତଥ୍ୟ ଦର୍ଶାଉଛି ଯେ ପ୍ରତି ମୁଣ୍ଡପିଛା ଋଣ ଭାର ୨୬,୦୩୭.୭୦। ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ଭାବରେ ଏହି ପରିମାଣ ଋଣ କରିଛନ୍ତି, ବରଂ ଏହା ରାଜ୍ୟର ମୋଟ ଦାୟିତ୍ୱକୁ ଜନସଂଖ୍ୟା ଦ୍ୱାରା ଭାଗ କରି ଗଣନା କରାଯାଇଛି। ତଥାପି, ଏହା ପ୍ରତୀକାତ୍ମକ ଭାବରେ ସୂଚିତ କରେ ଯେ ପ୍ରତ୍ୟେକ ନବଜାତ ଶିଶୁ ମଧ୍ୟ ପ୍ରଥମ ଦିନରୁ ହଜାର ହଜାର ଟଙ୍କାର ବୋଝରେ ବୁଡ଼ି ରହିଛି।

ବିକାଶ ବନାମ ଋଣ – ସରକାର ଦାବି କରୁଛନ୍ତି ଯେ ଏହି ଋଣକୁ ପୁଞ୍ଜି ନିବେଶରେ ବିନିଯୋଗ କରାଯାଉଛି ଏବଂ ରାଜ୍ୟର ଆର୍ଥିକ ସ୍ଥିତି 'ସୁଦୃଢ଼'। ନୀତି ଆୟୋଗ ରିପୋର୍ଟ ଋଣ ପରିଚାଳନାରେ ଓଡ଼ିଶାକୁ ଉଚ୍ଚ ମାର୍କ ଦେଇଛି। କିନ୍ତୁ ଏହା କେବଳ ଅଧା ସତ୍ୟ।

ସତ୍ୟ ହେଉଛି ଯେ ଋଣର ଏକ ବଡ଼ ଅଂଶ ସୁଧ ପରିଶୋଧ ଏବଂ ପରିଶୋଧ ପାଇଁ ଯାଉଛି। ୨୦୨୬-୨୭ ବଜେଟରେ ସୁଧ ପାଇଁ ୮,୨୦୦ କୋଟି ଏବଂ ଋଣ ପରିଶୋଧ ପାଇଁ ୨୨,୦୦୦ କୋଟି ବ୍ୟୟବରାଦ କରାଯାଇଛି। ଏହାର ଅର୍ଥ ହେଉଛି ଯେ ସାଧାରଣ ଟିକସରୁ ପ୍ରାପ୍ତ ରାଜସ୍ୱର ଏକ ବଡ଼ ଅଂଶ ନୂତନ ବିକାଶ ପ୍ରକଳ୍ପ ପାଇଁ ନୁହେଁ, କେବଳ ପୁରୁଣା ଋଣ ପରିଶୋଧ ପାଇଁ ଖର୍ଚ୍ଚ ହେଉଛି।

ଜନସାଧାରଣଙ୍କ ଉପରେ ପ୍ରଭାବ – ଯେତେବେଳେ ସରକାର ଦାବି କରନ୍ତି ଯେ ଋଣ 'ସ୍ଥାୟୀ', ସେତେବେଳେ ଏହା କେବଳ ବୈଷୟିକ ଭାଷାର ଆଶ୍ରୟ ନେଉଛି। ବାସ୍ତବତା ହେଉଛି: ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ବଜେଟ ସୀମିତ। ଗ୍ରାମାଞ୍ଚଳରେ ଭିତ୍ତିଭୂମିର ଅଭାବ ରହିଛି। ସାଧାରଣ ଜନତା ପରୋକ୍ଷ ଭାବରେ ମୁଦ୍ରାସ୍ଫୀତି ଏବଂ ଟିକସ ଆକାରରେ ଋଣର ବୋଝ ବହନ କରନ୍ତି।

ସରକାରଙ୍କ 'ସତ୍ୟ' ଏବଂ 'ମିଛ' – ସରକାର ପ୍ରଚାର କରନ୍ତି ଯେ ଋଣ ନିବେଶ ପାଇଁ ଏକ ଉପକରଣ ଏବଂ ରାଜ୍ୟ ବିକାଶ ପଥରେ ଚାଲିଛି। କିନ୍ତୁ ଯେତେବେଳେ ପ୍ରତ୍ୟେକ ନାଗରିକ ହଜାର ହଜାର ଟଙ୍କାର ବୋଝରେ ବୁଡ଼ିଯାଏ ଏବଂ ବଜେଟର ଏକ ବଡ଼ ଅଂଶ ସୁଧ ପରିଶୋଧ ପାଇଁ ଖର୍ଚ୍ଚ ହୁଏ, ଏହି ଦାବି ଏକ ପ୍ରହସନ।



ଓଡ଼ିଶାରେ ଦାରିଦ୍ର୍ୟ ଏବଂ ବେକାରିର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ସରକାର ବିକାଶ ଏବଂ ନିବେଶ ବିଷୟରେ ବଡ଼ ବଡ଼ କଥା କୁହନ୍ତି, କିନ୍ତୁ ବାସ୍ତବତା ହେଉଛି ଯେ ରାଜ୍ୟର ସମ୍ପତ୍ତି ଘରୋଇ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରାଯାଇଛି, ଏବଂ ସାଧାରଣ ଜନତା ନିଯୁକ୍ତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ମୋଟ ଘରୋଇ ଉତ୍ପାଦ ପ୍ରାୟ ୯.୮୮ ଲକ୍ଷ କୋଟିରେ ପହଞ୍ଚିଛି, ଏବଂ ସରକାର ଏହାକୁ ବିକାଶର ଏକ ସଙ୍କେତ ବୋଲି କହୁଛନ୍ତି। କିନ୍ତୁ ଏହି ଚମତ୍କାର ସଂଖ୍ୟା ପଛରେ ଏକ ଅନ୍ଧକାର ସତ୍ୟ ରହିଛି। ରାଜ୍ୟର ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ସତ୍ତ୍ୱେ, ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସ୍ତର ଉଚ୍ଚ ରହିଛି। ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହାର ଜାତୀୟ ହାର ଅପେକ୍ଷା ଅଧିକ ରହିଛି।

ନିଯୁକ୍ତି ପରିସ୍ଥିତି ଆହୁରି ଭୟଙ୍କର। ଏପ୍ରିଲ-ଜୁନ୍ ୨୦୨୬ର ସଦ୍ୟତମ ପିଏଲ୍ଏଫ୍ଏସ୍ (ପିରିଓଡିକ୍ ଲେବର ଫୋର୍ସ ସର୍ଭେ) ତଥ୍ୟ ଦର୍ଶାଉଛି ଯେ ଓଡ଼ିଶାରେ ଯୁବ ବେକାରୀ ହାର ୧୭.୨ %, ଯାହା ଜାତୀୟ ହାର ୧୫.୯% ଠାରୁ ଅଧିକ। ସହରାଞ୍ଚଳ ମହିଳାଙ୍କ ମଧ୍ୟରେ, ଏହି ହାର ୩୪.୧ % ରେ ପହଞ୍ଚିଛି, ଅର୍ଥାତ୍ ପ୍ରତି ତିନି ଜଣ ଯୁବତୀଙ୍କ ମଧ୍ୟରୁ ଜଣେ ବେକାର। ଏହି ପରିସ୍ଥିତି ସୂଚାଇ ଦିଏ ଯେ ରାଜ୍ୟରେ ଶ୍ରମଶକ୍ତି ଅଂଶଗ୍ରହଣ ହାର ଉଚ୍ଚ ଅଛି, କିନ୍ତୁ ନିଯୁକ୍ତି ସୁଯୋଗର ଅଭାବ ରହିଛି। ଲୋକମାନେ କାମ କରିବାକୁ ଚାହାନ୍ତି, କିନ୍ତୁ ଚାକିରି ଉପଲବ୍ଧ ନୁହେଁ।

ସରକାର ଦାବି କରନ୍ତି ଯେ ଘରୋଇ ନିବେଶ ଶିଳ୍ପ ଏବଂ ସେବାକୁ ବିସ୍ତାର କରିବ। କିନ୍ତୁ, ବାସ୍ତବତା ହେଉଛି ଯେ ଖଣିଜ, ଇସ୍ପାତ, ଆଲୁମିନିୟମ ଏବଂ ଶକ୍ତି ଭଳି କ୍ଷେତ୍ରରେ ନିବେଶ ଘରୋଇ କମ୍ପାନୀଗୁଡ଼ିକର ଲାଭ ପାଇଁ, ଜନସାଧାରଣଙ୍କ ହିତ ପାଇଁ ନୁହେଁ। ଯେତେବେଳେ ରାଷ୍ଟ୍ରାୟତ୍ତ ସମ୍ପତ୍ତି ଘରୋଇ ପୁଞ୍ଜିପତିଙ୍କ ହାତରେ ଦିଆଯାଏ, ସେମାନେ ନିଜ ଲାଭ ପାଇଁ ଉତ୍ପାଦନ ବୃଦ୍ଧି କରନ୍ତି କିନ୍ତୁ ନିଯୁକ୍ତି ସୃଷ୍ଟିକୁ ସୀମିତ କରନ୍ତି। ଫଳସ୍ୱରୂପ, ସାଧାରଣ ଜନତା ପର୍ଯ୍ୟାପ୍ତ ଚାକିରି ପାଆନ୍ତି ନାହିଁ କିମ୍ବା ସେମାନଙ୍କର ଜୀବନଧାରଣ ମାନରେ ଉନ୍ନତି ହୁଏ ନାହିଁ।

ଗ୍ରାମାଞ୍ଚଳରେ କୃଷି ପରିସ୍ଥିତି ମଧ୍ୟ ସନ୍ତୋଷଜନକ ନୁହେଁ। ଯଦିଓ ସରକାର ବାଜରା, ମତ୍ସ୍ୟଚାଷ ଏବଂ ଜଳସେଚନ ଯୋଜନା ବିଷୟରେ କଥାବାର୍ତ୍ତା କରନ୍ତି, ଚାଷୀଙ୍କ ଆୟ ଅସ୍ଥିର ରହିଛି। କୃଷି ଅଭିବୃଦ୍ଧି ମାତ୍ର ୩.୩% ହୋଇଛି, ଯାହା ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହି ଅର୍ଥନୈତିକ ଗଠନର ସବୁଠାରୁ ବଡ଼ ଅସୁବିଧା ହେଉଛି ଜନସାଧାରଣ ଟିକସ ଏବଂ ମୁଦ୍ରାସ୍ଫୀତି ଆକାରରେ ବୋଝ ବହନ କରନ୍ତି, ଯେତେବେଳେ ଲାଭ ଘରୋଇ ଶିଳ୍ପପତିଙ୍କ ପକେଟକୁ ଯାଏ। ସରକାର ପ୍ରଚାର କରନ୍ତି ଯେ ଓଡ଼ିଶା ବିକାଶ ପଥରେ ଅଛି, କିନ୍ତୁ ଯେତେବେଳେ ପ୍ରତ୍ୟେକ ଯୁବକ ବେକାର ଏବଂ ପ୍ରତ୍ୟେକ ପରିବାର ଦାରିଦ୍ର୍ୟ ସହିତ ସଂଘର୍ଷ କରୁଛି, ଏହି ଦାବି ମିଥ୍ୟା ପ୍ରମାଣିତ ହୁଏ।

ଓଡ଼ିଶାର ଋଣ ଭାର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ଆହୁରି ଖରାପ ହୋଇପାରେ। ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି ବୋଲି ସରକାରଙ୍କ ଦାବି କେବଳ ଅଧା ସତ୍ୟ। ବାସ୍ତବତା ହେଉଛି ଯେ ଜନସାଧାରଣ ବିକାଶର ମୂଲ୍ୟ ଦେଉଛନ୍ତି – ପ୍ରତ୍ୟେକ ନବଜାତ ଶିଶୁ ହଜାର ହଜାର ଟଙ୍କାର ଋଣ ବୋଝରେ ବୁଡ଼ି ରହିଛି, ଏବଂ ପ୍ରତ୍ୟେକ ପରିବାର ଟିକସ ଏବଂ ମୁଦ୍ରାସ୍ଫୀତିରେ ବୁଡ଼ି ରହିଛି। ଏହି ପରିସ୍ଥିତି ଦର୍ଶାଉଛି ଯେ ସରକାରଙ୍କ ଆର୍ଥିକ ନୀତି ସ୍ୱଚ୍ଛ ନୁହେଁ ଏବଂ ଜନସାଧାରଣଙ୍କ କାନ୍ଧରେ ଭାରି ବୋଝ ଲଦି 'ବିକାଶ'ର ଦାବି କରାଯାଉଛି।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଆଇନ ସଚେତନତା ଶିବିର

ପୁରୀ, ୨।୧୦ (ନିପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ହୋପ ଇଜ ଲାଇଫ ଚାରିଟେବୁଲ ଟ୍ରଷ୍ଟ , ବେଲଦଳ ,ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ରହିଥିବା ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର , ନ୍ୟାୟ ସଂଯୋଗ , ୧୫୧୦୦ ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ,ସେହି ବିଷୟରେ ଆଲୋଚନା କରିଥିଲେ ।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ

ଖଣ୍ଡପଡା, ୨।୧୦ (ନିପ୍ର); ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଖଳିସାହି ପଞ୍ଚାୟତ ଅଧୀନ ତୋଟା ହନୁମାନଙ୍କ ସାହି ନିକଟସ୍ଥ ସରକାରୀ ଜାଗାରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଥିବା ସୂଚନା ମିଳିଛି। କୋଟପୋଖରୀ ଓ କିସମତ ଇଛାପୁର ଗ୍ରାମର



ସୀମାନ୍ତରେ ଥିବା ସରକାରୀ ଜାଗାକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଜବରଦଖଲ କରି ରଖିଥିବା ନେଇ ସେହି ଅଞ୍ଚଳର ବୈକୁଣ୍ଠ ସାହୁ ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜାଗା ମାପଚୁପ ହୋଇ ସରକାରୀ ଜାଗା ଚିହ୍ନଟ ହେବା ପରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ଉପସ୍ଥିତିରେ ସରକାରୀ ଜାଗାରୁ ଏକ ଜେସିବି ଯୋଗେ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡିଛି ।ପ୍ରକାଶଥାଉକି ଇଛାପୁର ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜାଗାକୁ ଦୀର୍ଘବର୍ଷ ଧରି ଅନଧିକାର ଭାବେ ଜବରଦଖଲ କରି ରଖିଥିବା ନେଇ ଅଭିଯୋଗ ହୋଇଥିଲା ।ସରକାରୀ ଜାଗା ଜବରଦଖଲ ମୁକ୍ତ ହେବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## କାଳିବାହାଲ ରାସ୍ତାରେ ଦୁର୍ଦ୍ଦଶା
### ଆମ୍ବୁଲାନ୍ସ ପାଇଁ ବି ବାଟ ମିଳୁନି

ଝାରସୁଗୁଡ଼ା, ୨।୧୦ (ନିପ୍ର); ଗାଁକୁ ଯିବା ପାଇଁ ରାସ୍ତା ଅଛି, ହେଲେ ସେହି ରାସ୍ତାରେ ଗାଡ଼ି ଚଳାଇବା ଏବେ ବଡ଼ ସମସ୍ୟା। ବର୍ଷା ହେଲେ ଖାଲଖମାରେ ପାଣି ଓ କାଦୁଅ ଭରିଯାଉଛି। ଏଭଳି ଦୟନୀୟ ସ୍ଥିତି ଦେଇ ଗତି କରୁଛି କୋଲାବିରା ବ୍ଲକ ପରମାନପୁର ପଞ୍ଚାୟତ ଅଧୀନ କାଳିବାହାଲ ଗାଁର ମୁଖ୍ୟ ରାସ୍ତା। ରାସ୍ତାର ଅବସ୍ଥା ଏତେ ଖରାପ ଯେ ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ପହଞ୍ଚିବାରେ ଅସୁବିଧା ଭୋଗୁଛି । ଗ୍ରାମବାସୀଙ୍କ ସୂଚନା ଅନୁସାରେ, ୨୦୨୦



ମସିହାରେ ଜଣେ ଗର୍ଭବତୀଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ଏହି ରାସ୍ତାର କାଦୁଅରେ ଫସିଯାଇଥିଲା। ଶେଷରେ ଟ୍ରାକ୍ଟର ସହାୟତାରେ ଆମ୍ବୁଲାନ୍ସକୁ ବାହାର କରିବାକୁ ପଡ଼ିଥିଲା। ଏହାର କିଛି ବର୍ଷ ପରେ ମଧ୍ୟ ସ୍ଥିତିରେ ବିଶେଷ ସୁଧାର ହୋଇନାହିଁ। ପ୍ରାୟ ଦୁଇ ମାସ ତଳେ ଆଉ ଜଣେ ଗର୍ଭବତୀଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ଖରାପ ରାସ୍ତା ଯୋଗୁଁ ସିଧାସଳଖ ଗାଁରେ ପହଞ୍ଚି ପାରିନଥିଲା। ବାଧ୍ୟ ହୋଇ ଅନ୍ୟ ରାସ୍ତା ଦେଇ ଆମ୍ବୁଲାନ୍ସକୁ ବୁଲାଇ ନିଆଯାଇଥିଲା। କେବଳ ଆମ୍ବୁଲାନ୍ସ ନୁହେଁ, ଏହି ରାସ୍ତା ଉପରେ ଗାଁର ଦୈନନ୍ଦିନ ଜୀବନ ମଧ୍ୟ ନିର୍ଭରଶୀଳ। ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ, ବୃଦ୍ଧ, ରୋଗୀ ଓ ସାଧାରଣ ଲୋକେ ପ୍ରତିଦିନ ଏହି ରାସ୍ତା ବ୍ୟବହାର କରୁଛନ୍ତି। ବର୍ଷାଦିନେ ଖାଲଖମାରେ ପାଣି ଜମିବା ସହ କାଦୁଅ ସୃଷ୍ଟି ହେଉଥିବାରୁ ଯାତାୟାତ ଆହୁରି ବିପଦପୂର୍ଣ୍ଣ ହୋଇପଡୁଛି ।ରାସ୍ତାର ଏହି ସମସ୍ୟାକୁ ନେଇ ଆଞ୍ଚଳିକ ବିକାଶ ପରିଷଦ ମଧ୍ୟ ଉଦ୍ ?ବେଗ ପ୍ରକାଶ କରିଛି। ପରିଷଦ ସଭାପତି ଜିତେନ୍ଦ୍ର ଧୁରୁଆ, ସାଧାରଣ ସମ୍ପାଦକ ସମ୍ମିତ ନାଏକ, କୋଷାଧ୍ୟକ୍ଷ ସୁଖି କିଷାନ, ଅରୁଣ ନାଏକ ଓ ସୌଦାଗର ଭୋଇ ପ୍ରମୁଖ ତୁରନ୍ତ ରାସ୍ତା ମରାମତି ଦାବି କରିଛନ୍ତି। ପରିଷଦ ପକ୍ଷରୁ କୁହାଯାଇଛି ଯେ, ଅସ୍ଥାୟୀ ଭାବେ ରାସ୍ତା ମରାମତି କରି ସମସ୍ୟା ଟାଳିବା ପରିବର୍ତ୍ତେ ଏହାର ସ୍ଥାୟୀ ସମାଧାନ ଆବଶ୍ୟକ। ଜିଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ପକ୍କା ରାସ୍ତା ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି।

## ୪୨ ତମ ଗଜଲକ୍ଷ୍ମୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପାରଳାଖେମୁଣ୍ଡି, ୨।୧୦ (ନିପ୍ର); ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ମାର୍ଗ ଠାରେ ୪୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି ମାଁ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚାରିଦଶନ୍ଧି ରୁ ଉର୍ଦ୍ଧ ସମୟ ଧରି ଅନୁଷ୍ଠିତ ହୋଇ ଆସୁଛି । ଆଜି ଗଜଲକ୍ଷ୍ମୀ ପୂଜା ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ଗଜଲକ୍ଷ୍ମୀଙ୍କ ପୂଜାରେ ସବୁ ବେଳେ ଗଜପତି ମାର୍ଗରେ ହେଉଥିବା ଏହି ପୂଜା ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଥାଏ। ଆୟୋଜନ ହେଉଥିବା ଏହି ପୂଜା ମାଁ ଗଜଲକ୍ଷ୍ମୀଙ୍କୁ ଅସ୍ଥାୟୀ ମଣ୍ଡପରେ କୁମାର ପୂର୍ଣ୍ଣିମା ଦିନ ଠାରୁ ପୂଜା କରାଯାଇଥାଏ । ପୂଜା ମଧ୍ୟରେ ପଡୁଥିବା ଗୁରୁବାର ହଜାର ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ସହ ପୂଜା ଚୁଡି ଓ ଦୀପଦାନ, ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ ।

# ସାଂସଦ ଆଦର୍ଶ ଗ୍ରାମ ଯୋଜନା ବାଟବଣା !
## ବିନିଯୋଗ ହୋଇ ନ ପାରି ଫେରିଗଲା ୪୦ ଲକ୍ଷ ଟଙ୍କା,ଗ୍ରାମବାସୀଙ୍କ ଅସନ୍ତୋଷ

ଖଣ୍ଡପଡ଼ା, ୨।୧୦ (ନିପ୍ର): ଖଣ୍ଡପଡ଼ା ବ୍ଲକର ବନମାଳିପୁର ପଞ୍ଚାୟତ ଅଧୀନ ବାହାଡା ଗ୍ରାମକୁ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ଗତ ୨ ବର୍ଷ ତଳେ ସାମିଲ କରାଯାଇଥିଲା। ମାତ୍ର ଖଣ୍ଡପଡ଼ା ବ୍ଲକ ପ୍ରଶାସନର ସ୍ଥାଣୁତା ସାଙ୍ଗକୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବାହାଡା ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଠପ ହୋଇଥିବା ବେଳେ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ଉକ୍ତ ଗ୍ରାମର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ବ୍ଲକ ପ୍ରଶାସନ ଜରିଆରେ କେନ୍ଦ୍ର ସରକାର ମଞ୍ଜୁର କରିଥିବା ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ ହୋଇ ନପାରି ଫେରି ଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି ।ଏ ନେଇ ବାହାଡା ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏ ସଂର୍ପକରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି ।ସୂଚନାଯୋଗ୍ୟ ବାହାଡା ଗ୍ରାମରେ ବାସ କରୁଥିବା ଅନୁସୂଚିତ ଜନଜାତି ବର୍ଗର ଜନସାଧାରଣଙ୍କୁ ସର୍ବନିମ୍ନ ମୌଳିକ



ସୁବିଧାସୁଯୋଗ ଯୋଗାଇ ଦେବାର ଲକ୍ଷ୍ୟ ନେଇ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ନିର୍ଦ୍ଧାରିତ ସମୟରେ ଅନୁଦାନ ଅର୍ଥ ବିନିଯୋଗ ହୋଇ ନପାରି ଫେରିଯିବା ଘଟଣା ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶଥାଉକି ଅନୁଦାନ ଅର୍ଥର ସୁବିନିଯୋଗ ନେଇ ବାହାଡା ଗ୍ରାମରେ ଗ୍ରାମସଭା ଓ ପଲ୍ଲୀସଭା ଅନୁଷ୍ଠିତ ହେବା ପରେ ବିଭିନ୍ନ ପ୍ରକଳ୍ପରେ ଅନୁଦାନ ଅର୍ଥ ବିନିଯୋଗ ନେଇ ବ୍ଲକ ପ୍ରଶାସନ ଜରିଆରେ ନୟାଗଡ ଜିଲ୍ଲାପାଳଙ୍କ ନିକଟକୁ ଚିଠି ପଠା ଯିବା ସହ ଏହା ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକଳ୍ପ ବାବଦରେ ଟଙ୍କା ଟି ଏ ହେଲେ ଅନୁଦାନ ଅର୍ଥ ବିନିଯୋଗ ହୋଇ ପାରି ନଥିଲା ।ବାହାଡା ଗ୍ରାମବାସୀ ଏ ସଂର୍ପକରେ ବାରମ୍ବାର ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି ।

ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଉଦାସୀନତା ଓ ସ୍ଥାନୀୟ ବିଧାୟକଙ୍କ ନୀରବତାକୁ ନେଇ ବାହାଡା ଗ୍ରାମର ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ବାହାଡା ଗ୍ରାମର ୪ ଜଣ ୱାର୍ଡ ସଭ୍ୟଙ୍କ ସମେତ ଜନସାଧାରଣ ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିଦାବିଷ୍ଟୁ ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ଏହି ଗ୍ରାମର ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ବର୍ଷା ଦିନେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି ।ସାମାନ୍ୟ ବର୍ଷାରେ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି ।ତେବେ ବିନିଯୋଗ ହୋଇ ନପାରି ଫେରି ଯାଇଥିବା ଅନୁଦାନ ଅର୍ଥ ପୁର୍ନବାର ମଞ୍ଜୁର ନିମନ୍ତେ ନୟାଗଡ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବାହାଡା ଗ୍ରାମବାସୀ ଦାବି କରିଛନ୍ତି। କଟକ ଲୋକସଭା ସାଂସଦ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ତିନୋଟି ପ୍ରମୁଖ ସ୍ଥାନରେ ଅଣ୍ଡରଗ୍ରାଉଣ୍ଡ ୱେ ନିର୍ମାଣ ପାଇଁ ଦାବି
### ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଲେ ଜନ ସଂଗ୍ରାମ ସମିତି ଓ ଗ୍ରାମବାସୀ

ଗୋଲାମୁଣ୍ଡା, ୨।୧୦ (ନିପ୍ର); କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳର ତିନୋଟି ପ୍ରମୁଖ ସ୍ଥାନରେ ଅଣ୍ଡରଗ୍ରାଉଣ୍ଡ ୱେ ନିର୍ମାଣ କରିବା ଦାବିରେ ଜନ ସଂଗ୍ରାମ ସମିତି କଳାହାଣ୍ଡି ପକ୍ଷରୁ ଗୋଲାମୁଣ୍ଡାଠାରେ ଗଣଧାରଣା ଆରମ୍ଭ ହୋଇଛି। ବାରମ୍ବାର ରାସ୍ତା ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଏବଂ ସ୍ଥାନୀୟ ଲୋକଙ୍କ ଯାତାୟାତରେ ବିଭିନ୍ନ ସମସ୍ୟା ଉପୁଜୁଥିବା ଅଭିଯୋଗ କରି ଏହି ଧାରଣା ଦିଆଯାଇଛି। ହୋଇନଥିବାରୁ ସମିତି ପକ୍ଷରୁ ଏହି ଆନ୍ଦୋଳନ ଆରମ୍ଭ କରାଯାଇଛି। ସମିତି ପକ୍ଷରୁ ଗୋଲାମୁଣ୍ଡା ଅଞ୍ଚଳର ତିନୋଟି ପ୍ରମୁଖ ସ୍ଥାନରେ ଅଣ୍ଡରପାସ ବା ଅଣ୍ଡରଗ୍ରାଉଣ୍ଡ ବ୍ରିଜ୍ ନିର୍ମାଣ ପାଇଁ ଦାବି ରଖାଯାଇଛି। ସେଥିମଧ୍ୟରୁ ପ୍ରଥମଟି ହେଉଛି ଗୋଲାମୁଣ୍ଡା ଝାଙ୍କରପଡ଼ାଠାରୁ ସିନାମାଲ, କେନ୍ଦୁପାଣି, ଫୋଇରିପାଣି, ନକଟିକାନୀ, ଗୁଡୁରୁଘୁମା ଓ ଝୁଲନା ଆଦି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା। ଦ୍ୱିତୀୟଟି ନାଏକପଡ଼ାଠାରୁ ଓଏଭି ସ୍କୁଲକୁ




ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ସମିତି ଓ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଗୁରୁବାର ସକାଳ ୯ଟାରୁ ଗୋଲାମୁଣ୍ଡାସ୍ଥିତ ବିଜୁ ଏକ୍ସପ୍ରେସ୍‌ୱେ ରାସ୍ତାକଡ଼ରେ ଜନ ସଂଗ୍ରାମ ସମିତି କଳାହାଣ୍ଡିର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏହି ଗଣଧାରଣା ଆରମ୍ଭ କରାଯାଇଛି। ଗୋଲାମୁଣ୍ଡା ଅଞ୍ଚଳରେ ଅଣ୍ଡରପାସ ନିର୍ମାଣ ଦାବି ଦୀର୍ଘଦିନ ଧରି ହୋଇଆସୁଥିଲେ ମଧ୍ୟ ଏହାର ସମାଧାନ ଯାଉଥିବା ରାସ୍ତା ଏବଂ ତୃତୀୟଟି ପୁରୁଣା ବ୍ଲକ ଛକଠାରୁ ନୂଆପଡ଼ାକୁ ସଂଯୋଗ କରୁଥିବା ରାସ୍ତା। ଏହି ତିନୋଟି ସ୍ଥାନରେ ଅଣ୍ଡରପାସ ନିର୍ମାଣ ହେଲେ ଅଞ୍ଚଳର ବହୁ ଗ୍ରାମର ଲୋକେ ଉପକୃତ ହେବା ସହ ଦୈନନ୍ଦିନ ଯାତାୟାତରେ ଦେଖାଦେଉଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ସମିତି ଆଶା ପ୍ରକାଶ କରିଛି। ବିଶେଷକରି ଏହି ରାସ୍ତାଗୁଡ଼ିକ ଦେଇ ଛାତ୍ରଛାତ୍ରୀ, ଚାଷୀ, ଶ୍ରମିକ, ବ୍ୟବସାୟୀ ଓ ସାଧାରଣ ଯାତ୍ରୀ ପ୍ରତିଦିନ ଯାତାୟାତ କରୁଥିବା ବେଳେ ରାସ୍ତା କ୍ରସିଂ ସମୟରେ ଦୁର୍ଘଟଣାର ଆଶଙ୍କା ରହୁଛି। ସମିତିର ଅଭିଯୋଗ ଅନୁଯାୟୀ, ଏହି କ୍ରସିଂ ସ୍ଥାନଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷତି ହେଉଛି। ଅଣ୍ଡରପାସ ନିର୍ମାଣ ହେଲେ ଯାତାୟାତ ଅଧିକ ସୁବିଧାଜନକ ହେବା ସହ ରାସ୍ତା ପାର ହେବା ସମୟରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ହ୍ରାସ ପାଇବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ନାଏକପଡ଼ାଠାରୁ ଓଏଭି ସ୍କୁଲକୁ ଯାଉଥିବା ରାସ୍ତାରେ ଅଣ୍ଡରପାସ ନିର୍ମାଣ ହେବା ଦ୍ୱାରା ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଯାତାୟାତ ଅଧିକ ସୁରକ୍ଷିତ ହୋଇପାରିବ ବୋଲି ଦାବି ହୋଇଛି। ସେହିପରି ଅନ୍ୟ ଦୁଇଟି ସ୍ଥାନରେ ଅଣ୍ଡରପାସ ନିର୍ମାଣ ହେଲେ ଗ୍ରାମାଞ୍ଚଳର ଲୋକଙ୍କୁ ଯାତାୟାତ ପାଇଁ ଦୀର୍ଘ ରାସ୍ତା ବୁଲି ଯିବାକୁ ପଡ଼ିବ ନାହିଁ ଏବଂ ଜରୁରୀକାଳୀନ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଯାତାୟାତରେ ସୁବିଧା ହୋଇପାରିବ ବୋଲି ଆନ୍ଦୋଳନକାରୀମାନେ ମତ ପ୍ରକାଶ କରିଛନ୍ତି। ଏହି ଦାବିକୁ ନେଇ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବା ସହ ଆବଶ୍ୟକୀୟ ସର୍ଭେ, ବୈଷୟିକ ଯାଞ୍ଚ ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ କରି ଅଣ୍ଡରପାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜନ ସଂଗ୍ରାମ ସମିତି କଳାହାଣ୍ଡି ଦାବି କରିଛି। ଏଥିସହ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟା ଓ ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଦାବିଗୁଡ଼ିକର ସ୍ଥାୟୀ ସମାଧାନ କରିବାକୁ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଗଣଧାରଣାରେ ସମିତିର କାର୍ଯ୍ୟକର୍ତ୍ତାଙ୍କ ସହ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇ ଅଣ୍ଡରପାସ ନିର୍ମାଣ ଦାବି ଉଠାଇଛନ୍ତି।

## ରାସ୍ତାକଡ଼ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

ଧର୍ମଗଡ଼, ୨।୧୦ (ନିପ୍ର): ଧର୍ମଗଡ଼ ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ବେଆଇନ ମଦ କୋଠି ବଢୁଥିବା ଅଭିଯୋଗ କରି ଏହାକୁ ବନ୍ଦ କରିବାକୁ ଏବଂ ପାରଦେଶ୍ୱର ମନ୍ଦୀର ଯିବା ମୁଖ୍ୟ ରାସ୍ତା କଡରୁ ବିଦେଶୀ ମଦ ଦୋକାନ ଓ ବାରକୁ ହଟାଇବା ପାଇଁ ଧର୍ମଗଡ଼ ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଏନେଇ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭର୍ସିତା ଆଡେସ୍ସୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ ଅଞ୍ଚଳର ବିଭିନ୍ନ ଗାଁଗହଳିରେ ବେଆଇନ ମଦ କାରବାର ଚାଲୁଥିବାରୁ ନିଶାସେବନ ବଢ଼ିବା ସହ ଯୁବପିଢ଼ି ଏଥିରେ ଜଡ଼ିତ ହେଉଛନ୍ତି। ଏହାକୁ କେନ୍ଦ୍ର କରି ମହିଳା ନିର୍ଯାତନା, ଗଣ୍ଡଗୋଳ ଓ ମଦ୍ୟପାନଜନିତ ଦୁର୍ଘଟଣା ମାନ ବଢୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଏପରି କାରବାରକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଓ ଶାସକ ଦଳର ଛତ୍ରଛାୟା ମିଳୁଥିବା ନେଇ



ମଧ୍ୟ ଦରଖାସ୍ତରେ ଅଭିଯୋଗ ରହିଛି। ଏଥିସହ ବସ୍‌ଷ୍ଟାଣ୍ଡ, କେନ୍ଦ୍ରୀୟ ବିଦ୍ୟାଳୟ ଓ ପାରଦେଶ୍ୱର ମନ୍ଦିରକୁ ଯିବା ମୁଖ୍ୟ ରାସ୍ତା କଡ ରେ ଥିବା ମଦ ଦୋକାନ ଓ ବାରକୁ ନିୟମ ଅନୁଯାୟୀ ଯାଞ୍ଚ କରି ସ୍ଥାନାନ୍ତର କରିବା ସହ ବେଆଇନ ମଦ କୋଠି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ଦିଗରେ ପଦକ୍ଷେପ ନନିଆଗଲେ ଆଗାମୀ ଦିନରେ ଗଣଧାରଣା ଦିଆଯିବ ବୋଲି ବିଜେଡ଼ି ବ୍ଲକ ସଭାପତି ଡାକେ ଲହଜଲ ଚେତାବନୀ ଦେଇଛନ୍ତି। ଧର୍ମଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଓ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମହିଳା ସଭାନେତ୍ରୀ ମମତା ରାଣୀ ଗୋପାଳ ଜିଲ୍ଲା ସାଧାରଣ ସମ୍ପାଦକ ଦିବ୍ୟସିଂହ ମହାନ୍ତି, ସଂପାଦକ ଲବଣୀ ରାଉତ ଯାଦବ, ବ୍ଲକ ସାଧାରଣ ସମ୍ପାଦକ ଭବେଶ ଗଇନ୍ତା,ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବତନ ଜନଜାତି ଜୀବିକା ସାଥୀଙ୍କୁ ପୁନଃନିଯୁକ୍ତି ଦାବି

ପାରଳାଖେମୁଣ୍ଡି, ୨।୧୦ (ନିପ୍ର): ପୂର୍ବରୁ ଏମ୍‌ଏମ୍‌ଜେଏମ୍ ଅଧୀନରେ ଜନଜାତି ଜୀବିକା ସାଥୀ ଭାବେ କାର୍ଯ୍ୟ କରିଥିବା ସମସ୍ତଙ୍କୁ ଏମ୍‌ଏମ୍‌ଜେଜେଏମ୍ ୨.୦ରେ ପୁନଃନିଯୁକ୍ତି ଦେବା ସହ ପୂର୍ବ ଅଭିଜ୍ଞତାକୁ ଗୁରୁତ୍ୱ ହୋଇଛି ଏ ନେଇ ଜନଜାତି ଜୀବିକା ସାଥୀମାନେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ଦୁର୍ଗମ ଜନଜାତି ଅଞ୍ଚଳରେ ଜୀବିକା, କୃଷି, ସରକାରୀ ଯୋଜନା, ସର୍ବେକ୍ଷଣ, ତଥ୍ୟ ସଂଗ୍ରହ ଓ ବିଭିନ୍ନ କ୍ଷେତ୍ରସ୍ତରୀୟ କାର୍ଯ୍ୟରେ ଜନଜାତି ଜୀବିକା ସାଥି ମାନେ ଦାୟିତ୍ୱ ତୁଲାଇଥିଲେ । ମାସିକ ୧୨,୫୦୦ ଟଙ୍କା ମାନଦେୟରେ ମଧ୍ୟ ସେମାନେ ଦୁର୍ଗମ ଅଞ୍ଚଳରେ ନିଷ୍ଠାର ସହ କାର୍ଯ୍ୟ କରିଥିବା ଦାବି କରିଛନ୍ତି । ବର୍ତ୍ତମାନ ନୂତନ ବ୍ୟବସ୍ଥାରେ ପ୍ରତି ବ୍ଲକରେ ସୀମିତ ସଂଖ୍ୟକ ନିଯୁକ୍ତି କରାଯିବାର ଚର୍ଚ୍ଚା ଥିବାରୁ ପୂର୍ବରୁ କାର୍ଯ୍ୟ କରିଥିବା ଅନେକ ଅଭିଜ୍ଞ ଜେଜେଏସ୍ କାର୍ଯ୍ୟ ସୁଯୋଗରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ନୂତନ ନିଯୁକ୍ତି ସହ ପୂର୍ବତନ ଜେଜେଏସ୍ ଙ୍କ ଅଭିଜ୍ଞତା, କ୍ଷେତ୍ରଜ୍ଞାନ ଓ ପୂର୍ବ କାର୍ଯ୍ୟଦକ୍ଷତାକୁ ଗୁରୁତ୍ୱ ଦେଇ ଯଥାସମ୍ଭବ ପୁନଃନିଯୁକ୍ତି ସୁଯୋଗ ଦେବାକୁ ସେମାନେ ଅନୁରୋଧ କରିଛନ୍ତି । ଏଥିସହ ଏନଜିଓ/ଏଫ୍‌ଏନଜିଓ ମାଧ୍ୟମରେ କାର୍ଯ୍ୟ ଦେବା ପରିବର୍ତ୍ତେ ଗ୍ରାମସ୍ତରରେ ଜେଜେଏସ୍‌ମାନଙ୍କୁ ସୁଯୋଗ ଦିଆଯିବା, ପୂର୍ବ ଜେଜେଏସ୍‌ଙ୍କ ଅଭିଜ୍ଞତାକୁ ଅଗ୍ରାଧିକାର ଦିଆଯିବା, ପ୍ରତି ବ୍ଲକରେ କେବଳ ୨-୩ ଜଣଙ୍କୁ ନିୟୋଜିତ କରି ବାକି ପୂର୍ବ ଜେଜେଏସ୍ ମାନଙ୍କୁ ବାଦ କରାନଯାଇ ଏମ୍‌ଏମଜେଜେଏମ୍ ୨.୦ ରେ ଯଦି ପଦବୀ ପାଇଁ ପ୍ରାୟ ୧୩,୦୦୦/- ମାସିକ ମାନ ଦେୟ ରହେ, ତେବେ ପୂର୍ବରୁ ୧୨,୫୦୦/-ମାନ ଦେୟରେ କାର୍ଯ୍ୟ କରିଥିବା ଜେଜେଏସ୍ ମାନଙ୍କୁ ମଧ୍ୟ ଯଥାସମ୍ଭବ ସୁଯୋଗ ଦିଆଯିବା, ଗ୍ରାମସ୍ତରୀୟ କାର୍ଯ୍ୟକୁ ସମ୍ଭବ ଥିଲେ ସିଧା ଆଇଟିଡିଏ ମାଧ୍ୟମରେ କାର୍ଯ୍ୟାନ୍ୱୟନ କରାଯିବା, ଗ୍ରାମସ୍ତରୀୟ କାର୍ଯ୍ୟ ପାଇଁ ଶିକ୍ଷାଗତ ଯୋଗ୍ୟତା ୧୦ମ ପାସ୍‌ରୁ ଦ୍ୱାଦଶ ପାସ୍ ମଧ୍ୟରେ ରଖିବାକୁ ଦାବି କରାଯାଇଛି।

## ଅନ୍ତ ଢାବାରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ
### ଲାଇସେନ୍ସ, ପାନୀୟ ଜଳ ପରୀକ୍ଷା ରିପୋର୍ଟ ଓ କର୍ମଚାରୀଙ୍କ ଫିଟନେସ୍ ପ୍ରମାଣପତ୍ର ନଥିବା ଅଭିଯୋଗ

ଝାରସୁଗୁଡ଼ା, ୨।୧୦ (ନିପ୍ର); ଜାତୀୟ ରାଜପଥ କଡ଼ରେ ରଘୁନାଥପାଲିସ୍ଥିତ ଅନ୍ତ ଢାବାରେ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଅଚାନକ ଯାଞ୍ଚ କରାଯାଇଛି। ଢାବାରେ ପ୍ରତିଦିନ ବହୁ ସଂଖ୍ୟକ ଗ୍ରାହକଙ୍କ ସମାଗମ ହେଉଥିବାରୁ ସେଠାରେ ପ୍ରସ୍ତୁତ ଖାଦ୍ୟର ଗୁଣବତ୍ତା ଓ ପରିଚ୍ଛନ୍ନତା ଯାଞ୍ଚ ଉଦ୍ଦେଶ୍ୟରେ ବିଭାଗୀୟ ଟିମ୍ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଯାଞ୍ଚ ସମୟରେ ଢାବା ପକ୍ଷରୁ ବୈଧ ଖାଦ୍ୟ ଲାଇସେନ୍ସ, ବ୍ୟବହୃତ ପାଣିର ପରୀକ୍ଷା ରିପୋର୍ଟ ଏବଂ କର୍ମଚାରୀମାନଙ୍କ ମେଡିକାଲ ଫିଟନେସ୍ ସାର୍ଟିଫିକେଟ୍ ଦେଖାଯାଇପାରିନଥିଲା। ଏଥିସହ ରୋଷେଇ ଘର ଓ ବାସନ ଧୋଇବା ସ୍ଥାନର ସ୍ୱଚ୍ଛତା ବ୍ୟବସ୍ଥାରେ ମଧ୍ୟ କିଛି ଅନିୟମିତତା ଅଧିକାରୀଙ୍କ ନଜରକୁ ଆସିଥିବା ସୂଚନା ମିଳିଛି। ଏହାକୁ ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ଢାବାର ସ୍ୱତ୍ତ୍ୱାଧିକାରୀ ଶୁଭମ ସରାଫଙ୍କୁ ନୋଟିସ୍ ଜାରି କରିଛନ୍ତି। ନୋଟିସ୍‌ରେ ୭ ଦିନ ମଧ୍ୟରେ ଆବଶ୍ୟକ ସମସ୍ତ ବୈଧ କାଗଜପତ୍ର ଦାଖଲ କରିବା ସହ ଢାବାର ପରିଚ୍ଛନ୍ନତା ଓ ଖାଦ୍ୟ ପ୍ରସ୍ତୁତି ବ୍ୟବସ୍ଥାରେ ଆବଶ୍ୟକ ସୁଧାର ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହା ପାଳନ ନହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସତର୍କ କରାଯାଇଛି ।ଅନ୍ୟପକ୍ଷରେ ଢାବାରେ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଯାଞ୍ଚ ପାଇଁ ୭ ପ୍ରକାର ସାମଗ୍ରୀର ନମୁନା ସଂଗ୍ରହ କରାଯାଇଛି। ଏଥିରେ ହରଡ଼ ଡାଲି, ଚାଉଳ, ହଳଦୀଗୁଣ୍ଡ, ସୋରିଷ ତେଲ, ଲୁଣ ଓ ପାଣି ସମେତ ଅନ୍ୟ ଏକ ଖାଦ୍ୟ ସାମଗ୍ରୀ ରହିଛି। ସଂଗୃହୀତ ନମୁନାକୁ ରାସାୟନିକ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ପବ୍ଲିକ୍ ହେଲ୍‌ଥ ଲାବରେଟୋରିକୁ ପଠାଯାଇଛି। ତେବେ ନମୁନାର ପରୀକ୍ଷା ରିପୋର୍ଟ ଆସିନଥିବାରୁ ଏବେ ଖାଦ୍ୟ ସାମଗ୍ରୀରେ ଭେଜାଲ ଥିବା ନେଇ କୌଣସି ନିଷ୍କର୍ଷରେ ପହଞ୍ଚିବା ସମ୍ଭବ ନୁହେଁ। ଲାବରେଟୋରି ରିପୋର୍ଟ ପରେ ଖାଦ୍ୟର ମାନ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବ। ଝାରସୁଗୁଡ଼ା ସହର ଓ ଆଖପାଖ ଅଞ୍ଚଳରେ ଖାଦ୍ୟର ଗୁଣବତ୍ତା ଓ ଭେଜାଲ ରୋକିବା ପାଇଁ ନିୟମିତ ଯାଞ୍ଚର ଆବଶ୍ୟକତା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ଭେଜାଲ ପନିର ଭଳି ଖାଦ୍ୟ ସାମଗ୍ରୀର ବଜାର ଉପରେ ନଜରଦାରି ବଢ଼ାଇବାକୁ ଦାବି ହେଉଛି।

## ଅକ୍ଟୋବର ୧୦ ସୁଦ୍ଧା କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନର୍ନିର୍ମାଣ କାର୍ଯ୍ୟ ସମାପ୍ତ ପାଇଁ ନିର୍ଦ୍ଦେଶ

କଟକ, ୨।୧୦ (ନିପ୍ର): କଟକ ସହରର ବିଭିନ୍ନ ପ୍ରମୁଖ ରାସ୍ତାର ଦୁରବସ୍ଥା ନେଇ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ତୁରନ୍ତ ମରାମତି ଓ ପୁନର୍ନିର୍ମାଣ, ବିଭିନ୍ନ ବିଭାଗ ଦ୍ୱାରା ରାସ୍ତା ଖୋଳାଯାଇଥିବା ସ୍ଥାନଗୁଡ଼ିକର ପୁନଃସ୍ଥାପନ ଏବଂ ଆଗାମୀ ପୂଜା ସମୟରେ ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ କଟକ ମହାନଗର ନିଗମର କମିଶନର କିରଣଦୀପ କୌର ସହୋତା ସହରର ବିଭିନ୍ନ ରାସ୍ତାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ଉପସ୍ଥାପନ କରିଥିଲେ। ସହରର ଅନେକ ପ୍ରମୁଖ ରାସ୍ତା ଦୀର୍ଘଦିନ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ନାଗରିକମାନେ ଯାତାୟାତରେ ବହୁ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ରାସ୍ତାଗୁଡ଼ିକର ପୁନର୍ନିର୍ମାଣ ଓ ମରାମତିକୁ ଆଉ ବିଳମ୍ବ ନକରି ଯୁଦ୍ଧକାଳୀନ ଭିତ୍ତିରେ କରାଯିବା ଆବଶ୍ୟକ ବୋଲି ମେୟର କହିଥିଲେ। ବୈଠକରେ ମଧୁପାଟଣା-ବାଦାମବାଡ଼ି-ରାଣୀହାଟ ରାସ୍ତା, ମଙ୍ଗଳାବାଗ, ବକ୍ସିବଜାର ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ, କ୍ୟାଣ୍ଟନମେଣ୍ଟ,



ଚଣ୍ଡୀଛକ, କନିକାଛକ ଏବଂ ଅନ୍ୟାନ୍ୟ ପ୍ରମୁଖ ରାସ୍ତାର ଦୁରବସ୍ଥା ନେଇ ଆଲୋଚନା ହୋଇଥିଲା। ଏଥିସହିତ ରିଙ୍ଗ୍‌ରୋଡ୍‌ର ବିଭିନ୍ନ ଅଂଶ, ଜାତୀୟ ରାଜପଥ, ଫୁଲନଖରାଠାରୁ ତ୍ରିଶୁଳିଆ ଅଭିମୁଖୀ ରାସ୍ତା, ପ୍ରେସ୍‌ଛକ, ଓଏମ୍‌ପି, ଜଗତପୁର ଏବଂ ସହରର ଅନ୍ୟାନ୍ୟ ରାସ୍ତାରେ ଚାଲିଥିବା ମରାମତି କାର୍ଯ୍ୟର ମଧ୍ୟ ସମୀକ୍ଷା କରାଯାଇଥିଲା। ପୂର୍ତ୍ତ ବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ମହମ୍ମଦ ସହବାଜ ଖାନ୍ ବୈଠକରେ ଆଶ୍ୱାସନ ଦେଇଥିଲେ ଯେ, ଚିହ୍ନଟ ହୋଇଥିବା ବିପର୍ଯ୍ୟସ୍ତ ରାସ୍ତାଗୁଡ଼ିକର ପୁନର୍ନିର୍ମାଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଅକ୍ଟୋବର ୧୦ ତାରିଖ ସୁଦ୍ଧା ସମାପ୍ତ କରାଯିବ। ରାସ୍ତା ମରାମତି ଓ ପୁନର୍ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। କଟକ ମହାନଗର ନିଗମ ପକ୍ଷରୁ ସିଟି ଇଞ୍ଜିନିୟର ପ୍ରଶାନ୍ତ ବେହେରା, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଅତନୁ କୁମାର ସାମନ୍ତ, ନିର୍ବାହୀ ଯନ୍ତ୍ରୀ ସୁବାସ ସାହୁ, ଭାରତ ସେଠୀ ଓ ସଂଯୁକ୍ତା ସମେତ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ। ନିଗମ ଅଧୀନରେ ଥିବା ରାସ୍ତାଗୁଡ଼ିକର ମରାମତି ଓ ପୁନର୍ନିର୍ମାଣ କାର୍ଯ୍ୟ ଅକ୍ଟୋବର ୧୫ ତାରିଖ ସୁଦ୍ଧା ସମାପ୍ତ କରାଯିବ ବୋଲି ସେମାନେ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ, ଗେଲ୍ ଇଣ୍ଡିଆ ପକ୍ଷରୁ ମଧ୍ୟ ରାସ୍ତା ଖୋଳାଯାଇଥିବା ସ୍ଥାନଗୁଡ଼ିକର କାର୍ଯ୍ୟ ଶୀଘ୍ର ସମାପ୍ତ କରି ରାସ୍ତାକୁ ପୂର୍ବାବସ୍ଥାକୁ ଫେରାଇ ଦେବା ପାଇଁ ଆଶ୍ୱାସନ ଦିଆଯାଇଥିଲା। ୱାଟ୍‌କୋର ଜିଏମ୍ ବୈଷ୍ଣବ ବେହେରା ରାସ୍ତାର ପ୍ରମୁଖ ସ୍ଥାନରେ ଥିବା ଜାଇକା ଚାମ୍ବରଗୁଡ଼ିକୁ ରାସ୍ତା ସମତଳରେ ଆଣିବା ଏବଂ ଆବଶ୍ୟକ ସ୍ଥାନରେ ମରାମତି କରିବା ନେଇ ଆଶ୍ୱାସନ ଦେଇଥିଲେ। ପାନୀୟ ଜଳ ଯୋଗାଣ ସମ୍ବନ୍ଧୀୟ ଯେକୌଣସି ଆବଶ୍ୟକ କାର୍ଯ୍ୟ ପାଇଁ ୱାଟ୍‌କୋ ପକ୍ଷରୁ ୨୪ ଘଣ୍ଟିଆ ସହଯୋଗ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଅନ୍ୟପକ୍ଷରେ, ଓପିଟିସିଏଲ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରଭାତ ପରିଡ଼ା ପୂଜା ସମୟରେ ରାସ୍ତା ମରାମତି ଓ ପୁନର୍ନିର୍ମାଣ କାର୍ଯ୍ୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟ ସମୟରେ ବିଦ୍ୟୁତ୍ ଖୁଣ୍ଟ, କେବୁଲ୍ ଓ ଅନ୍ୟାନ୍ୟ ବିଦ୍ୟୁତ୍ ସଂରଚନା ଯୋଗୁଁ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ସମନ୍ୱୟରେ କାମ କରାଯିବ ବୋଲି ସେ କହିଥିଲେ। ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି କାମ କରିବାକୁ ନିର୍ଦ୍ଦେଶ ଦେବା ସହିତ କାର୍ଯ୍ୟର ଗୁଣବତ୍ତା ଓ ସମୟସୀମା ଉପରେ କଡ଼ା ନଜର ରଖିବାକୁ ମେୟର କହିଥିଲେ। ରାସ୍ତା ନିର୍ମାଣ ପରେ ପୁଣିଥରେ ଯେପରି ଅନ୍ୟ କୌଣସି ବିଭାଗ ରାସ୍ତା ଖୋଳିବାକୁ ନପଡ଼େ, ସେଥିପାଇଁ ପୂର୍ବରୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ରାଜଘାଟରେ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନମନ୍ତ୍ରୀ

## ସତ୍ୟ ଓ ଅହିଂସାର ବାର୍ତ୍ତାକୁ ମନେ ପକାଇଲା ଦେଶ

ନୂଆଦିଲ୍ଲୀ, ୨/୧୦: ଦେଶକୁ ସ୍ୱାଧୀନତାର ପଥ ଦେଖାଇଥିବା ମହାତ୍ମା... ସତ୍ୟ ଓ ଅହିଂସାକୁ ଅସ୍ତ୍ର କରି ବ୍ରିଟିଶ ଶାସନକୁ ଚ୍ୟାଲେଞ୍ଜ ଦେଇଥିବା ମହାନ ନେତା... ଆଜି ସେହି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ। ବାପୁଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ ତାଙ୍କୁ ସ୍ମରଣ କରିଥିବା ବେଳେ, ଦିଲ୍ଲୀର ରାଜଘାଟରେ ଦେଖିବାକୁ ମିଳିଥିଲା ଶ୍ରଦ୍ଧା ଓ ସମ୍ମାନର ଅନନ୍ୟ ଦୃଶ୍ୟ। ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ରାଜଘାଟରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ବାପୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜଣାଇବା ସହ ତାଙ୍କ ଆଦର୍ଶକୁ ସ୍ମରଣ କରିଥିଲେ। ଏହାପରେ ଗାନ୍ଧୀ ସମାଧିଠାରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ବିଭିନ୍ନ ଧର୍ମର



ପ୍ରତିନିଧିମାନେ ଏଥିରେ ଯୋଗଦେଇ ପ୍ରାର୍ଥନା କରିଥିଲେ ଏବଂ ବାପୁଙ୍କ ସତ୍ୟ, ଅହିଂସା ଓ ସଦ୍ଭାବନାର ବାର୍ତ୍ତାକୁ ମନେ ପକାଇଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଖଟ୍ଟର, ଦିଲ୍ଲୀ ଉପରାଜ୍ୟପାଳ ତରଣଜିତ ସିଂହ ସନ୍ଧୁ ଓ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ରାଜଘାଟରେ ପହଞ୍ଚି ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦେଇ ସେମାନେ ଗାନ୍ଧୀଙ୍କ ଆଦର୍ଶକୁ ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ ସୋସିଆଲ ମିଡିଆରେ ଲେଖିଥିଲେ ଯେ, ଗାନ୍ଧୀଜୀଙ୍କ ସ୍ୱଦେଶୀ ଓ ସ୍ୱରାଜର ବିଚାର ଆଗାମୀ ପିଢ଼ିକୁ ପ୍ରେରଣା ଦେଇଚାଲିବ। ସେହିପରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଆତ୍ମନିର୍ଭରତାର ବାର୍ତ୍ତାକୁ ସ୍ମରଣ କରିଥିଲେ। ସମୟ ବଦଳିଛି, ପିଢ଼ି ବଦଳିଛି। କିନ୍ତୁ ବାପୁଙ୍କ ସତ୍ୟ, ଅହିଂସା, ସହିଷ୍ଣୁତା ଓ ମାନବତାର ବାର୍ତ୍ତା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। ତେଣୁ ଗାନ୍ଧୀ ଜୟନ୍ତୀ କେବଳ ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବାର ଦିନ ନୁହେଁ, ବରଂ ତାଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବାର ସଂକଳ୍ପ ନେବାର ଅବସର।

# ଇତିହାସ ରଚିଲା ନାସାର ସ୍ପେସଏକ୍ସ କ୍ରୁ-୧୩

ୱାଶିଂଟନ, ୨।୧୦: ନାସାର ସ୍ପେସଏକ୍ସ କ୍ରୁ-୧୩ ମିଶନ ଗୁରୁବାର ରେକର୍ଡ ସମୟରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ(ଆଇଏସଏସ)ରେ ପହଞ୍ଚିଛି। ସ୍ପେସ ଏକ୍ସର ଡ୍ରାଗନ୍ ମହାକାଶଯାନ ଲଞ୍ଚ ହେବାର ମାତ୍ର ୭ ଘଣ୍ଟା ୫୫ ମିନିଟ୍ ପରେ ଆଇଏସଏସର ହାରମୋନି ମଡ୍ୟୁଲର ଫରୱାର୍ଡ ପୋର୍ଟ ସହିତ ସଫଳତାର ସହ ଡକିଂ କରିଥିଲା। ନାସା ଅନୁଯାୟୀ, ଏହା ଆଇଏସଏସ ଇତିହାସରେ ଏକ ଆମେରିକୀୟ ମହାକାଶଯାନ ପାଇଁ ସବୁଠାରୁ ଦ୍ରୁତତମ ଲଞ୍ଚ-ଟୁ-ଡକିଂ ସମୟ।ତୁର୍କୀର ସରକାରୀ ଖବର ସଂସ୍ଥା ଆନାଡୋଲୁ ଅନୁଯାୟୀ କ୍ରୁ ମିଶନକୁ ନେଇ ସ୍ପେସଏକ୍ସର ଫାଲକନ୍ ୯ ରକେଟ୍ ଗୁରୁବାର ସ୍ଥାନୀୟ ସମୟ ସକାଳ ୧୧:୧୦ ରେ ଫ୍ଲୋରିଡାର କେପ୍ କାନାଭେରାଲ୍ ସ୍ପେସ୍ ଫୋର୍ସ ଷ୍ଟେସନ୍ ରେ ଥିବା ସ୍ପେସ୍ ଲଞ୍ଚ କମ୍ପ୍ଲେକ୍ସ ୪୦ ରୁ ଉଡ଼ାଣ କରିଥିଲା। ଡ୍ରାଗନ୍ ସ୍ପେସକ୍ରାଫ୍ଟରେ ନାସାର ମହାକାଶଚାରୀ ଜେସିକା ୱାଟକିନ୍ସ ଏବଂ ଲୁକ୍ ଡେଲାନି, କାନାଡିଆନ୍ ସ୍ପେସ୍ ଏଜେନ୍ସି (ସିଏସଏ) ର ମହାକାଶଚାରୀ ଜୋଶୁଆ କୁଟିକ୍ ଏବଂ ରୁଷିଆନ୍ ମହାକାଶଚାରୀ ସର୍ଗେଇ ଟେଟେରିଆଟନିକୋଭ୍ ଥିଲେ। ଲଞ୍ଚ ପରେ ଫାଲକନ୍ ୯ ର ପ୍ରଥମ ପର୍ଯ୍ୟାୟ ଦ୍ୱିତୀୟ ପର୍ଯ୍ୟାୟରୁ ଅଲଗା ହୋଇଗଲା ଏବଂ କେପ୍ କାନାଭେରାଲ୍‌ରେ ସ୍ପେସ୍‌ଏକ୍ସର ଲ୍ୟାଣ୍ଡିଂ ଜୋନ୍ ୪୦ ରେ ସଫଳତାର ସହ ଅବତରଣ କଲା। ତା'ପରେ ଡ୍ରାଗନ୍ ସ୍ପେସକ୍ରାଫ୍ଟ ଦ୍ୱିତୀୟ ପର୍ଯ୍ୟାୟରୁ ଅଲଗା ହୋଇ କକ୍ଷପଥରେ ପହଞ୍ଚିଲା ଏବଂ ଆଇଏସଏସ ଅଭିମୁଖେ ଯାତ୍ରା କଲା।

# ପୂର୍ବରୁ ତାଲିକାରେ ଥିବା ଓ ନୂତନ ଯୋଗ୍ୟ ଭୋଟରଙ୍କ ନାମ ଯୋଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨/୧୦: ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଶେଷ ହେବା ପରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରି ନାମ ପଞ୍ଜୀକରଣ କରିବା ପାଇଁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ଇସିଆଇ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏହି ଅଭିଯାନ ମାଧ୍ୟମରେ ଏସ୍‌ଆଇଆର୍ ପୂର୍ବରୁ ଭୋଟର ତାଲିକାରେ ନାମ ଥାଇ ବର୍ତ୍ତମାନର ତାଲିକାରୁ ବାଦ ପଡ଼ିଥିବା ବ୍ୟକ୍ତିଙ୍କ ସମେତ ପ୍ରଥମ ଥର ଭୋଟ ଦେବାକୁ ଥିବା ଯୁବ ଭୋଟର, ଯେଉଁମାନେ ଏପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରିନାହାନ୍ତି, ସେମାନଙ୍କୁ ସାମିଲ କରାଯିବ। ଅକ୍ଟୋବର ୧ ତାରିଖରେ ସମସ୍ତ ସିଇଓଙ୍କ ସହ ଆୟୋଗଙ୍କ ବୈଠକ ପରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଭୋଟର ନାମ ପଞ୍ଜୀକରଣ ଏକ ନିରନ୍ତର ପ୍ରକ୍ରିୟା ଏବଂ କେବଳ ଏସ୍‌ଆଇଆର୍ ଗଣନା ସମୟରେ ସାମିଲ ହୋଇନାହାନ୍ତି ବୋଲି କୌଣସି ଯୋଗ୍ୟ ନାଗରିକଙ୍କୁ ପଞ୍ଜୀକରଣ



ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଇସିଆଇ ସ୍ପଷ୍ଟ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ବର୍ତ୍ତମାନର ଭୋଟର ତାଲିକାକୁ ଏସ୍‌ଆଇଆର୍ ପୂର୍ବର ତାଲିକା ସହ ତୁଳନା କରିବେ ଏବଂ ତାଲିକାରୁ ବାଦ ଦିଆଯାଇଥିବା ଭୋଟରଙ୍କ ବୁଥ୍‌ୱାରୀ ତାଲିକା ପ୍ରସ୍ତୁତ କରିବେ। ଏହାପରେ ସେମାନେ ଘରକୁ ଘର ବୁଲି ଯାଞ୍ଚ କରି ଏହି ଭୋଟରଙ୍କ ବର୍ତ୍ତମାନର ସ୍ଥିତି ନିଶ୍ଚିତ କରିବେ ଏବଂ ଯୋଗ୍ୟ ବିବେଚିତ ହେଲେ ଫର୍ମ-୬ ଜରିଆରେ ସେମାନଙ୍କ ନାମ ପଞ୍ଜୀକରଣ କରାଇବେ। ପ୍ରତ୍ୟେକ ବିଏଲ୍‌ଓ ସପ୍ତାହକୁ ଅତିକମରେ ୨୦-୨୫ ଜଣ ବାଦ ପଡ଼ିଥିବା ଭୋଟରଙ୍କ ନିକଟରେ ପହଞ୍ଚିବାକୁ କୁହାଯାଇଛି।

# ସ୍ମିତ ମଚ୍ଛାରଙ୍କ ସାହସକୁ ପ୍ରଶଂସା, ମହାବୀର ଚକ୍ର ଦେବାକୁ ଦାବି



ନୂଆଦିଲ୍ଲୀ, ୨/୧୦: ଅଭିନେତ୍ରୀ ରବୀନା ଟଣ୍ଡନ ଓ ସୋନମ କପୁରଙ୍କ ସମେତ ଅନେକ ଭାରତୀୟ ସେଲିବ୍ରିଟି ଫ୍ଲାଇଦୁବାଇର ଏକ ବିମାନରେ ଘଟିଥିବା ଘଟଣା ସମୟରେ ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କ ସାହସ ଓ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ କହିଛନ୍ତି ଯେ, ସ୍ମିତଙ୍କ କାର୍ଯ୍ୟ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଏବେ ଜାଭେଦ ଅଖତର ମଧ୍ୟ ସ୍ମିତଙ୍କୁ ଖୋଲାଖୋଲି ପ୍ରଶଂସା କରିବା ସହ ତାଙ୍କୁ ମହାବୀର ଚକ୍ର ଦିଆଯିବା ଉଚିତ ବୋଲି କହିଛନ୍ତି। ରବୀନା ଟଣ୍ଡନ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଅନେକ ପୋଷ୍ଟ ସେୟାର କରି ସ୍ମିତ ମଚ୍ଛାରଙ୍କ ସାହସିକତା ଏବଂ ବିମାନରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷାରେ ତାଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ନିଃସନ୍ଦେହରେ ସେ ମହାବୀର ଚକ୍ର ଭଳି ସମ୍ମାନ ପାଇବାର ଅଧିକାରୀ।' ସମିତା ଶେଟ୍ଟୀ ଏବଂ ରିଦ୍ଧିମା କପୁର ସାହନୀଙ୍କ ସମେତ ଅନେକ ପ୍ରସିଦ୍ଧ ବ୍ୟକ୍ତି ମଧ୍ୟ ଭାରତୀୟ ପାଇଲଟଙ୍କ ସାହସିକତାର ପ୍ରଶଂସା କରିଛନ୍ତି।

# ଦିଲ୍ଲୀରେ ବାୟୁ ଗୁଣବତ୍ତା ହ୍ରାସ

## ୧୨ଟି ହଟ୍‌ସ୍ପଟ୍‌ରେ ବୃଦ୍ଧି ପାଉଛି ପ୍ରଦୂଷଣ

ନୂଆଦିଲ୍ଲୀ, ୨/୧୦: ଶୀତଋତୁ ଆଗମନ ପୂର୍ବରୁ ଦିଲ୍ଲୀ ଓ ଏହାର ପାର୍ଶ୍ୱବର୍ତ୍ତୀ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ସମସ୍ୟା ପୁଣି ଥରେ ଗୁରୁତର ରୂପ ନେବାକୁ ଲାଗିଛି। ରାଜ୍ୟ ସରକାରଙ୍କ ବିଶେଷ ପ୍ରଦୂଷଣ ନିୟନ୍ତ୍ରଣ ଅଭିଯାନ ସତ୍ତ୍ୱେ ସ୍ଥିତିରେ ଆଶାଜନକ ସୁଧାର ଆସିପାରି ନାହିଁ। ନଡ଼ା ପୋଡ଼ି ଏବଂ ପାର୍ବଣ ସମୟରେ ବାଣ ଫୁଟାଯିବା କାରଣରୁ ନିର୍ଦ୍ଧାରିତ ୧୨ଟି ସମ୍ବେଦନଶୀଳ ହଟ୍‌ସ୍ପଟ୍ ଅଞ୍ଚଳରେ ବାୟୁର ମାନ ଚିନ୍ତାଜନକ ସ୍ତରକୁ ଖସିଯାଇଛି। ସରକାର ଶୀତକାଳୀନ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ ହେଁ ଏହି ସ୍ଥାନଗୁଡ଼ିକରେ କୌଣସି ପ୍ରତ୍ୟକ୍ଷ ସୁଫଳ ମିଳିନାହିଁ। ହରିୟାଣାରୁ ଆସୁଥିବା ଧୂଳିପୂର୍ଣ୍ଣ ପବନ ଓ ଖରାପ ରାସ୍ତା ଯୋଗୁଁ ଆୟାନଗର ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ପ୍ରଦୂଷଣକାରୀ ଯାନବାହାନ ଚଳାଚଳ ଏବଂ ନଡ଼ା ପୋଡ଼ି ଯୋଗୁଁ ନଜଫ୍ ଗଡ଼ରେ ସ୍ଥିତି ଜଟିଳ ହୋଇଛି।

# ଯୁଦ୍ଧ ଉତ୍ତେଜନା ବଢ଼ାଉଛି ଆମେରିକା; ୧୦,୦୦୦ ସୈନ୍ୟ ମୁତୟନ

ୱାସିଂଟନ, ୨/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ନଭେମ୍ବର ୩ ତାରିଖ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ଉପରେ ସମ୍ଭାବ୍ୟ ନୂତନ ଆକ୍ରମଣ ନେଇ ଚେତାବନୀ ଦେବା ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଉତ୍ତେଜନା ବଢ଼ିଯାଇଛି। ଆମେରିକା ପକ୍ଷରୁ ମଧ୍ୟପ୍ରାଚ୍ୟରେ ତୃତୀୟ ବିମାନବାହୀ ଯୁଦ୍ଧପୋତ (ଏୟାରକ୍ରାଫ୍ଟ କ୍ୟାରିୟର) ସହ ଅତିରିକ୍ତ ୧୦,୦୦୦ ସୈନ୍ୟ ମୁତୟନ କରାଯାଉଛି। 'ୟୁଏସ୍‌ଏସ୍ ଥିଓଡୋର ରୁଜଭେଲ୍ଟ' ଯୁଦ୍ଧପୋତ ଏହାର ଷ୍ଟ୍ରାଇକ୍ ଗ୍ରୁପ୍ ସୈନ୍ୟମାନଙ୍କୁ ନେଇ ନଭେମ୍ବର ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବ। ବର୍ତ୍ତମାନ ଏହି ଅଞ୍ଚଳରେ ଅନ୍ୟ ଦୁଇଟି ବିମାନବାହୀ ଯୁଦ୍ଧପୋତ 'ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍' ଏବଂ 'ୟୁଏସ୍‌ଏସ୍ ଜର୍ଜ ୱାସିଂଟନ୍' ମୁତୟନ ରହିଛି। ସାଧାରଣତଃ ପ୍ରଶାନ୍ତ ମହାସାଗରରେ ମୁତୟନ ହେଉଥିବା 'ୟୁଏସ୍‌ଏସ୍ ଜର୍ଜ ୱାସିଂଟନ' ଦୀର୍ଘ ମୁତୟନ ପରେ 'ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ'ର ସ୍ଥାନ ନେବା ପାଇଁ ମଧ୍ୟପ୍ରାଚ୍ୟରେ ପହଞ୍ଚିଛି। ଏହି ନୂତନ ମୁତୟନ ଫଳରେ ଆମେରିକାର ନୌସେନା ଉପସ୍ଥିତି ଅସାଧାରଣ ଭାବେ ବୃଦ୍ଧି ପାଇ ୨୦,୦୦୦ରୁ ଅଧିକ ନୌସେନା ସହିତ ଶହ ଶହ ଯୁଦ୍ଧବିମାନ ପହଞ୍ଚିବ।

# ସଡ଼କ ଦୁର୍ଘଟଣାରେ ୭ ମୃତ

ଅମରାବତୀ, ୨/୧୦: ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାସ୍ଥିତ ସମୃଦ୍ଧି ମହାମାର୍ଗ (ସମୃଦ୍ଧି ଏକ୍ସପ୍ରେସୱେ)ର ଧାମନଗାଁ ରେଳବାଇ ଷ୍ଟେସନ୍ ନିକଟରେ ଗୁରୁବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ ଏବଂ ଟେମ୍ପୋ ପିକଅପ୍ ଭ୍ୟାନ୍ ମଧ୍ୟରେ ଜୋରରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ହିଁ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବୁଲଡାଣା ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ସେଗାଁରୁ ଏକ ଦୁର୍ଗା ମୂର୍ତ୍ତି ଧରି ୱାର୍ଦ୍ଧା ଅଭିମୁଖେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସଂଘର୍ଷ ଏତେ ପ୍ରବଳ ଥିଲା ଯେ ଟେମ୍ପୋଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ, ରେଳବାଇ ପୁଲିସ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ କିଛି ସାମ୍ବାଦିକ ମିଳିତ ଭାବେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ୧୯ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଅଙ୍ଗନୱାଡ଼ି କର୍ମୀଙ୍କ ପୁଅ ଆଇପିଏସ: ତୃତୀୟ ପ୍ରଚେଷ୍ଟାରେ ୫୭୪ ରାଙ୍କ ହାସଲ କରି ସଫଳ ହେଲେ ଆଫଜାଲ ଅଲ୍ଲୀ

ନୂଆଦିଲ୍ଲୀ, ୨/୧୦: ୟୁପିଏସସି ସିଭିଲ ସେବା ପରୀକ୍ଷାରେ ସଫଳତା ପାଇବା ସହଜ କଥା ନୁହେଁ। ବାରମ୍ବାର ବିଫଳତା ପରେ ବି ହାର୍ ନମାନି ନିଜର ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ସଫଳତା ହାସଲ କରିଛନ୍ତି ବିହାରର ଯୁବକ ଆଫଜାଲ ଅଲ୍ଲୀ। ତାଙ୍କ ମାଆ ଜଣେ ଅଙ୍ଗନୱାଡ଼ି କର୍ମୀ ଏବଂ ବାପା ସ୍କୁଲର ପ୍ରଧାନଶିକ୍ଷକ। ଆଫଜାଲ ତୃତୀୟ ପ୍ରଚେଷ୍ଟାରେ ଅଲ ଇଣ୍ଡିଆ ୫୭୪ ରାଙ୍କ ହାସଲ କରି ଜଣେ ଆଇପିଏସ ଅଫିସର ହୋଇପାରିଛନ୍ତି। ୨୯ ଜାନୁଆରୀ ୨୦୦୦ ମସିହାରେ ବିହାରର ହୁସେନୀରେ ଜନ୍ମ ହୋଇଥିବା ଅଲ୍ଲୀ ସୈନିକ ସ୍କୁଲରୁ ପ୍ରାରମ୍ଭିକ ପାଠପଢ଼ା ଶେଷ କରିବା ପରେ ୨୦୨୧ ମସିହାରେ ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସ୍ନାତକ ପରେ ସେ ଏନଡିଏ ଏବଂ ବିଏସଏଫ କମାଣ୍ଡାଣ୍ଟ ପରୀକ୍ଷା ଦେଇଥିଲେ। ମାତ୍ର ଏନଡିଏରେ ମେଡିକାଲ ଗ୍ରାଉଣ୍ଡରୁ ବାଦ୍ ପଡ଼ିଥିଲେ ଏବଂ ବିଏସଏଫରେ ଯୋଗ ନଦେଇ ସେ ସମ୍ପୂର୍ଣ୍ଣ ଭାବେ ୟୁପିଏସସି ପ୍ରସ୍ତୁତିରେ ମନୋନିବେଶ କରିଥିଲେ।

# ୟୁକ୍ରେନ ଶାନ୍ତି ଚୁକ୍ତି ପାଇଁ ମୋଦୀଙ୍କ ପାଖରେ ଅଛି ସମାଧାନର ସୂତ୍ର: ପୁଟିନ

ମସ୍କୋ, ୨/୧୦: ୟୁକ୍ରେନ୍ ସଂକଟର ଏକ ଗ୍ରହଣୀୟ ସମାଧାନ ବାହାର କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରେ ସର୍ବୋତ୍ତମ ପ୍ରସ୍ତାବ ରହିଛି ଏବଂ ପ୍ରତ୍ୟେକ ଦ୍ୱିପାକ୍ଷିକ ବୈଠକରେ ସେ ଏହି ପ୍ରସଙ୍ଗ ଉଠାଉଛନ୍ତି ବୋଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ସରକାରୀ ସମ୍ବାଦ ସଂସ୍ଥା 'ଟାସ୍' ଅନୁଯାୟୀ, ଗୁରୁବାର ଭାଲଡାଇ ଅନ୍ତର୍ଜାତୀୟ ଆଲୋଚନା କ୍ଲବ୍‌ର ବାର୍ଷିକ ବୈଠକକୁ ସମ୍ବୋଧିତ କରି ପୁଟିନ ଏହି ବକ୍ତବ୍ୟ ଦେଇଛନ୍ତି। ଯୁଦ୍ଧ ସମାପ୍ତ କରିବା ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଭିମୁଖ୍ୟ ସମ୍ପର୍କରେ ପୁଟିନ କହିଛନ୍ତି ଯେ, ଆମର ସୁଦୃଢ଼ ଦ୍ୱିପାକ୍ଷିକ ସଂପର୍କ ତଥା ବ୍ୟକ୍ତିଗତ ସ୍ତରରେ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ସତ୍ତ୍ୱେ ସେ ଏପରି ଜଣେ ବିଶ୍ୱ ନେତା, ଯିଏ କ୍ରମାଗତ ଭାବେ ଏହି ପ୍ରସଙ୍ଗ ଉଠାଉଛନ୍ତି। ୟୁକ୍ରେନ ସଂଘର୍ଷର ଅନ୍ତ ଘଟାଇବା ପାଇଁ ସେ ନିରନ୍ତର ପ୍ରଶ୍ନ ପଚାରୁଛନ୍ତି। ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ଆମର ପ୍ରତ୍ୟେକ ବୈଠକରେ ମୋଦୀ ଏହି ବିଷୟଗୁଡ଼ିକୁ ଆଲୋଚନାକୁ ଆଣନ୍ତି ଏବଂ ଏଥିରେ



ଗଭୀର ଆଗ୍ରହ ପ୍ରକାଶ କରନ୍ତି। ଉଭୟ ପକ୍ଷ ପାଇଁ ଗ୍ରହଣୀୟ ସମାଧାନ ଖୋଜିବା ନିମନ୍ତେ ସେ ବହୁତ ଭଲ ବିଚାର ପ୍ରଦାନ କରିଛନ୍ତି ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ଗତ ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ଅବସରରେ ପୁଟିନ୍ ଓ ମୋଦୀଙ୍କ ମଧ୍ୟରେ ଆଲୋଚନା ହେବାର କିଛି ଦିନ ପରେ ଏହି ବକ୍ତବ୍ୟ ଆସିଛି। ଏହି ବୈଠକ ସମୟରେ ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୟୁକ୍ରେନର ସ୍ଥିତି ଏବଂ ଚାଲିଥିବା ଶାନ୍ତି ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ।

# ତାମିଲନାଡୁରେ 'ଭେଟ୍ରି ପୟାନମ୍' ଯୋଜନା ଆରମ୍ଭ

ଚେନ୍ନାଇ, ୨।୧୦: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଶୁକ୍ରବାର ରାଜ୍ୟ ସରକାରଙ୍କ 'ଭେଟ୍ରି ପୟାନମ୍' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ମହିଳା ଏବଂ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କ ପାଇଁ ମାଗଣା ବସ୍ ଯାତ୍ରା ସୁବିଧାକୁ ରାଜ୍ୟ ପରିବହନ ସଂସ୍ଥାଗୁଡ଼ିକ ଦ୍ୱାରା ପରିଚାଳିତ ଅତିରିକ୍ତ ସେବା ବର୍ଗକୁ ମଧ୍ୟ ସମ୍ପ୍ରସାରିତ କରାଯାଇଛି। ଏହି ଶୁଭାରମ୍ଭ ଅବସରରେ ଏକ ପ୍ରତୀକାତ୍ମକ ପଦକ୍ଷେପ ସ୍ୱରୂପ, ମୁଖ୍ୟମନ୍ତ୍ରୀ ବିଜୟ ସିଏମବିଟି ବସ୍ ଟର୍ମିନସ୍ ଠାରେ ଟିଏନଏସଟିସି (ଭିଲ୍ଲୁପୁରମ୍) ଦ୍ୱାରା ପରିଚାଳିତ କୋୟମ୍ବେଡୁ ଓ କାଞ୍ଚିପୁରମ୍ ମଧ୍ୟରେ ଚାଲୁଥିବା ୭୬-ବି (୭୬ଈ) ବସ୍‌ର ମହିଳା ଯାତ୍ରୀମାନଙ୍କୁ ମାଗଣା ଟିକେଟ୍ ପ୍ରଦାନ କରିଥିଲେ।

# ୧,୪୧୭ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲା ଇଡି ଦ୍ୱାରା ୨ ମୁଖ୍ୟ ଅଭିଯୁକ୍ତ ଗିରଫ

ଚେନ୍ନାଇ, ୨/୧୦: କୃଷି ରପ୍ତାନି ବ୍ୟବସାୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ପ୍ରାୟ ୩୬,୦୦ରେଜିଷ୍ଟ୍ରଡ୍ ନିବେଶକଙ୍କଠାରୁ ୧,୪୧୭.୮୬ କୋଟି ଟଙ୍କା ଠକେଇ କରିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ଏସ୍. ନବୀନ କୁମାର ଓ ଏସ୍. ମୁଥୁସେଲଭମ୍। ଗତ ସେପ୍ଟେମ୍ବର ୨୯ ତାରିଖରେ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ସେମାନଙ୍କୁ ଗିରଫ କରାଯିବା ପରେ ପିଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ କୋର୍ଟ ସେମାନଙ୍କୁ ୧୫ ଦିନ ପାଇଁ ନ୍ୟାୟିକ ହାଜତ (ଜୁଡିସିଆଲ୍ କଷ୍ଟଡି)କୁ ପଠାଇ ଦେଇଛନ୍ତି। ଇଡିର ସୂଚନାନୁସାରେ, ତାମିଲନାଡୁର ଇରୋଡ୍ ଜିଲ୍ଲା କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲା ଆଧାରରେ ଏହି ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନେ 'ଏମଏସ୍ ୟୁନିକ୍ ଏକ୍ସପୋର୍ଟ' ଓ 'ଇଷ୍ଟ ଭ୍ୟାଲି ଆର୍ଗୋ ଫାର୍ମସ୍' ନାମକ ସଂସ୍ଥା ମାଧ୍ୟମରେ 'ୟୁଏନ୍‌ଆଇ', 'ଏଫ୍‌ଏନପି', 'ଏଫ୍‌ଏପି' ଓ 'ୟୁଏନ୍‌ଆ' ଭଳି ବିଭିନ୍ନ ପ୍ରଲୋଭନକାରୀ ନିବେଶ ଯୋଜନା ଚଲାଉଥିଲେ।

### ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ବେଳେ ଭାବବିହ୍ୱଳ ହେଲେ କ୍ୟାପଟେନ ସ୍ମିତ୍

# ସଂକଟ ମଧ୍ୟରେ ହନୁମାନ ଚାଳିଶା ପାଠ

ନୂଆଦିଲ୍ଲୀ, ୨।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମାଛରଙ୍କ ସହ ଫୋନରେ କଥା ହୋଇଥିଲେ ଏବଂ ତାଙ୍କ ସାହସ ଏବଂ କୁଶଳତାକୁ ପ୍ରଶଂସା କରିଥିଲେ। ବାର୍ତ୍ତାଳାପ ସମୟରେ, କ୍ୟାପଟେନ ମାଛର ପ୍ରଧାନମନ୍ତ୍ରୀଙ୍କୁ ବିମାନର କକ୍‌ପିଟରେ ଘଟିଥିବା ଭୟଙ୍କର ଘଟଣା ବିଷୟରେ ସୂଚନା ଦେଇଥିଲେ। ଏହି ସମୟରେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ଭିଡିଓ କଲରେ କ୍ୟାପଟେନ ମାଛର କହିଛନ୍ତି ଯେ ଏକାଧିକ ଆଘାତ ପାଇବା ପରେ ସେ ନିଜେ ନିଜ ଜୀବନ ପାଇଁ ସଂଘର୍ଷ କରିଛନ୍ତି, କିନ୍ତୁ ସେ ହୃଦୟଙ୍ଗମ କରିଛନ୍ତି ଯେ ବିମାନରେ ଥିବା ସମସ୍ତ ଯାତ୍ରୀଙ୍କ ସୁରକ୍ଷା ପାଇଁ ମଧ୍ୟ ସେ ଦାୟୀ। ଏହି ସାହସ ସହିତ ସେ ଏକ ସଙ୍କଟ ସମୟରେ କାର୍ଯ୍ୟ କରିଥିଲେ ଏବଂ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପଚାରିଥିଲେ ଯେ ଏଭଳି ଜଟିଳ ପରିସ୍ଥିତିରେ ସେ ଏତେ ସାହସ କେଉଁଠାରୁ ପାଇଲେ, କ୍ୟାପଟେନ ମାଛର କହିଥିଲେ ଯେ ଯନ୍ତ୍ରଣା କିମ୍ବା କଠିନ ସମୟରେ ସେ ନିୟମିତ ଭାବରେ ହନୁମାନ ଚାଳିଶା ପାଠ କରନ୍ତି। ସେ କହିଛନ୍ତି ଯେ ଘଟଣା ସମୟରେ ମଧ୍ୟ ସେ କ୍ରମାଗତ ଭାବରେ ହନୁମାନ ଚାଳିଶା



ପାଠ କରୁଥିଲେ ଏବଂ ବିଶ୍ୱାସ କରନ୍ତି ଯେ ଭଗବାନ ହନୁମାନ ତାଙ୍କୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସାହସ ଦେଇଥିଲେ।କହିବାକୁ ଗଲେ ,ଦ୍ୱିତୀୟ ଜୀବନ ଦେଲେ ବଜରଙ୍ଗବଳି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ଭିଡିଓ କଲ ସମୟରେ କ୍ୟାପଟେନ ସ୍ମିତ ମାଛର ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ ଯେ ଦୁର୍ଘଟଣାରେ ଆହତ ହେବା ସତ୍ତ୍ୱେ ସେ ଧୈର୍ଯ୍ୟ ହରାଇ ନାହାନ୍ତି ଏବଂ ବିମାନର ଦ୍ୱାର ଖୋଲି ଯାତ୍ରୀଙ୍କ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କ୍ୟାପଟେନ୍ ସ୍ମିତ ତାଙ୍କ ଅଗ୍ନିପରୀକ୍ଷା ବର୍ଣ୍ଣନା କରିବା ସମୟରେ ଭାବବିହ୍ୱଳ ହୋଇଯାଇଥିଲେ ଏବଂ ତାଙ୍କ ଆଖିରେ ଲୁହ ଥିଲା। ତାଙ୍କ କଥା ଶୁଣିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସାହସ ଏବଂ ଧୈର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କ୍ୟାପଟେନ ମାଛରଙ୍କ ସାହସ ଏବଂ ତ୍ୱରିତ ନିଷ୍ପତ୍ତି ଗ୍ରହଣକୁ ପ୍ରଶଂସା କରି କହିଥିଲେ ଯେ ସମଗ୍ର ଦେଶ ତାଙ୍କ ପାଇଁ ଗର୍ବିତ। 'ଆମେ ଭାରତୀୟମାନେ ଜୀବନ ନେଉଥିବା ଲୋକ ନୁହେଁ, ଆମେ ଜୀବନ ରକ୍ଷା କରୁଥିବା ଲୋକ।' ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ କ୍ୟାପଟେନ ମାଛରଙ୍କ ମାଆ ଗୀତାଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ ସେ ତାଙ୍କ ପୁଅକୁ ଦୃଢ଼ ସାଂସ୍କୃତିକ ମୂଲ୍ୟବୋଧ ସହିତ ପ୍ରତିପାଳିତ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ ଭାରତୀୟ କ୍ୟାପଟେନ ସ୍ମିତ ମାଛର ସେପ୍ଟେମ୍ବର ୩୦ ତାରିଖରେ ଦୁବାଇ-ତେଲ୍ ଆଭିଭ୍ ଯାଉଥିବା ଫ୍ଲାଇଦୁବାଇ ବିମାନ ଏଫଜେପି ୧୦୭୩ରେ ପ୍ରାୟ ୧୮୦ ଜଣ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିଲେ। ସଙ୍କଟ ସମୟରେ, କ୍ୟାପଟେନ୍ ମାଛର୍ ଆହତ ହେବା ସତ୍ତ୍ୱେ ପରିସ୍ଥିତିକୁ ପରିଚାଳନା କରିବା ଏବଂ ଜାହାଜରେ ଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିଥିଲେ।

## ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ

**ଅମୃତସର, ୨/୧୦:** ପଞ୍ଜାବର ତରନ୍ ତାରାନ୍ ସେକ୍ଟରସ୍ଥିତ ଭାରତ-ପାକିସ୍ତାନ ଆନ୍ତର୍ଜାତୀୟ ସୀମାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନମାନଙ୍କୁ ମିଳିଛି ବଡ଼ ସଫଳତା। ଶୁକ୍ରବାର ରାଜୋକେ ଗ୍ରାମ ନିକଟରେ ସୀମା ପାର ହୋଇ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଜଣ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିଏସ୍‌ଏଫ୍ ଯବାନମାନେ ଗୁଳି କରି ନିହତ କରିଛନ୍ତି। ଏହାସହ ସୀମା ପାର୍ଶ୍ୱରୁ ହେଉଥିବା ଏକ ବଡ଼ ଧରଣର ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ସଫଳତାର ସହ ପଣ୍ଡ କରିଦେଇଛନ୍ତି।

## ଫ୍ଲାଏ ଦୁବାଇ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ମାନିଲା ୟୁଏଇ

ଆବୁଧାବି, ୨/୧୦: ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଜଣେ ବରିଷ୍ଠ ଅଧିକାରୀ ଫ୍ଲାଏଦୁବାଇ ବିମାନ ଏଫ୍‌ଜେଡ୍ ୧୦୭୩ରେ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି। ଏହାସହିତ ମଝି ଆକାଶରେ ଭାରତୀୟ ପାଇଲଟ କ୍ୟାପଟ୍ଟେନ ସ୍ମିତ୍ ମାଛର ଯେପରି ଭାବେ ସହ-ପାଇଲଟଙ୍କ ଛୁରାମାଡ଼ ପରେ ବି ବିମାନକୁ ସୁରକ୍ଷିତ ରଖିବାକୁ ଲଢ଼ିଥିଲେ ତା'ର ପ୍ରଶଂସା କରିଛନ୍ତି।

## ଅଭିନେତା ଡିନୋ ମୋରିଆ ଗିରଫ

ମୁମ୍ବାଇ, ୨।୧୦: ମିଠି ନଦୀରେ ଡେସିଲ୍ଟିଂ ଏବଂ ସଫେଇ କାର୍ଯ୍ୟରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଚଳଚ୍ଚିତ୍ର ଅଭିନେତା ଡିନୋ ମୋରିଆଙ୍କୁ ଶୁକ୍ରବାର ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ କରାଯାଇଛି। ମୋରିଆଙ୍କ ଆର୍ଥିକ କାରବାର ଏବଂ ମୁଖ୍ୟ ଅଭିଯୁକ୍ତ କେତନ କଦମଙ୍କ ସହ ତାଙ୍କର କଥିତ ଆର୍ଥିକ ସମ୍ପର୍କ ମାମଲାର ତଦନ୍ତ ସମୟରେ ସାମ୍ନାକୁ ଆସିଥିଲା। ଇଓଡବ୍ଲ୍ୟୁ ଟିମ୍ ଏହି ପ୍ରସଙ୍ଗରେ ବିସ୍ତୃତ ତଦନ୍ତ କରୁଛି।

## ମୋଦୀଙ୍କୁ ପୁଟିନଙ୍କ ଭୂରି ଭୂରି ପ୍ରଶଂସା

ମସ୍କୋ,୨/୧୦: ମସ୍କୋରେ ଆୟୋଜିତ 'ୱାଲଦାଇ ଡିସକସନ୍ କ୍ଲବ୍'ର ଏକ ଅଧିବେଶନରେ ବକ୍ତବ୍ୟ ରଖି ରୁଷ ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପରି ଜଣେ ବିଶ୍ୱନେତା, ଯିଏ ଆମର ବ୍ୟକ୍ତିଗତ ବନ୍ଧୁତା ସତ୍ତ୍ୱେ ନିରନ୍ତର ୟୁକ୍ରେନ ସଂଘର୍ଷକୁ ଶେଷ କରିବାକୁ ନିବେଦନ କରିଆସୁଛନ୍ତି । ଉଭୟ ପକ୍ଷକୁ ଗ୍ରହଣୀୟ ହେବା ଭଳି ସମାଧାନ ଖୋଜିବା ପାଇଁ ତାଙ୍କ ପାଖରେ ଗଭୀର ଅନୁଚିନ୍ତନ ଏବଂ ଚମତ୍କାର ଉପାୟ ରହିଛି ।' ପୁଟିନ୍ ଆହୁରି କହିଛନ୍ତି ଯେ, ଏହି ମାମଲାରେ ପ୍ରଧାନମନ୍ତ୍ରୀ ମୋଦୀ ନିରପେକ୍ଷ ରାସ୍ତା ଆପଣାଇଛନ୍ତି ଏବଂ ଖୁବ୍ ଶୀଘ୍ର ଶାନ୍ତି ଫେରାଇ ଆଣିବା ତାଙ୍କର ମୁଖ୍ୟ ପ୍ରାଥମିକତା ।

### 'ଫ୍ଲାଇଦୁବାଇ' କକପିଟ୍ ଆକ୍ରମଣ ଘଟଣା

# ଆକ୍ରମଣକାରୀ ଓମାନୀ ସହ-ପାଇଲଟଙ୍କୁ ୟୁଏଇକୁ ହସ୍ତାନ୍ତର କଲା ସାଉଦି ଆରବ

**ରିୟାଧ/ଆବୁଧାବି, ୨/୧୦:** ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ''ଫ୍ଲାଇଦୁବାଇ'' ବିମାନର କକପିଟରେ ଭାରତୀୟ କ୍ୟାପଟ୍ଟେନ୍ ସ୍ମିଥ୍ ମଚ୍ଛାରଙ୍କୁ ଆକ୍ରମଣ କରି ବିମାନ କ୍ରାସ୍ କରିବାକୁ ଚେଷ୍ଟା କରିଥିବା ଅଭିଯୁକ୍ତ ଓମାନୀ ସହ-ପାଇଲଟଙ୍କୁ ସାଉଦି ଆରବ ସରକାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ବୁଧବାର ସାଉଦି ଆରବର ତବୁକ୍ ସହରରେ ବିମାନଟି ଜରୁରୀକାଳୀନ ଅବତରଣ କରିବା ପରେ ସାଉଦି ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ଏବଂ ୟୁଏଇର ସୁରକ୍ଷା ଟିମ୍ ମିଳିତ ଭାବେ ପ୍ରାଥମିକ ତଦନ୍ତ କରିଥିଲେ। ତଦନ୍ତ ସମୟରେ ସହ-ପାଇଲଟ୍ ଜଣକ କ୍ୟାପ୍ଟେନଙ୍କୁ ଛୁରୀଆଘାତ କରି ଆକ୍ରମଣ କରିଥିବା ସ୍ପଷ୍ଟ ହୋଇଥିଲା। ଉଭୟ ପାଇଲଟଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯିବା ପରେ ଡାକ୍ତରୀ ମଞ୍ଜୁରୀ ମିଳିବାରୁ ଗୁରୁବାର ସକାଳେ ସେମାନଙ୍କୁ ଆବୁଧାବି ପଠାଇ ଦିଆଯାଇଛି। ଏହି ସଂଘାତିକ ଘଟଣା ପଛରେ କୌଣସି ଆତଙ୍କବାଦୀ ଷଡ଼ଯନ୍ତ୍ର କିମ୍ବା ଉଦ୍ଦେଶ୍ୟ ରହିଛି କି ନାହିଁ, ସେ ନେଇ ୟୁଏଇର ଆଇନଗତ ଓ ତଦନ୍ତକାରୀ କର୍ତ୍ତୃପକ୍ଷ ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛନ୍ତି। ଇରାନ୍ ସହ ଚାଲିଥିବା ଉତ୍ତେଜନାପୂର୍ଣ୍ଣ ଆଞ୍ଚଳିକ ପରିସ୍ଥିତି ମଧ୍ୟରେ ଏହି ଆକ୍ରମଣ ସୁରକ୍ଷା ଚିନ୍ତାକୁ



ବହୁଗୁଣିତ କରିଦେଇଛି। ସହ-ପାଇଲଟ୍ ଜଣକ ନିଜ ନିୟନ୍ତ୍ରଣକୁ ବିମାନ ନେଇ ଏହାକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଯୋଜନାବଦ୍ଧ ଉଦ୍ୟମ କରିଥିଲେ କି ନାହିଁ, ସେ ନେଇ ସୂଚନା ସଂଗ୍ରହ କରାଯାଉଛି। ୟୁଏଇ ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାର ସୂକ୍ଷ୍ମ ଅନୁଧ୍ୟାନ କରୁଥିବା ସ୍ପଷ୍ଟ କରିଛି। ଅପରପକ୍ଷରେ, ଆହତ ହୋଇ ଚିକିତ୍ସିତ ହେଉଥିବା ଭାରତୀୟ କ୍ୟାପଟ୍ଟେନ୍ ସ୍ମିଥ୍ ମଚ୍ଛାରଙ୍କୁ ୟୁଏଇରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ହସ୍ପିଟାଲରେ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଭାରତୀୟ ଦୂତାବାସ ପକ୍ଷରୁ ସୋସିଆଲ ମିଡିଆରେ ଦିଆଯାଇଥିବା ସୂଚନା ଅନୁଯାୟୀ, କ୍ୟାପ୍ଟେନ୍ ମଚ୍ଛାର ବର୍ତ୍ତମାନ ସୁସ୍ଥ ଅଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଛି। ତାଙ୍କର ଉତ୍ତମ ଚିକିତ୍ସା ସେବା ସୁନିଶ୍ଚିତ କରିବା ପାଇଁ ଭାରତୀୟ ଦୂତାବାସ ସ୍ଥାନୀୟ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହିଛି।

### ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ ମାମଲା

# ମହିଳା କମିଶନ ଟିମ୍‌ର ସରଜମିନ ଯାଞ୍ଚ, ଡିସିପିଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର: ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଧୀନ ଗଡ଼ସାହିରେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ ଅଭିଯୋଗ ଘଟଣାରେ ତଦନ୍ତ ଜୋରଦାର ହୋଇଛି । ଘଟଣାସ୍ଥଳରେ ମହିଳା କମିଶନଙ୍କ ଟିମ୍ ପହଞ୍ଚି ସରଜମିନ ଯାଞ୍ଚ କରିଛି । ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ନୟାପଲ୍ଲୀ ଥାନାକୁ ଯାଇ ଘଟଣା ସମ୍ପର୍କରେ ତଥ୍ୟ ନେଇଛନ୍ତି । ଏଥିସହ ମାମଲାରେ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି ମହିଳା କମିଶନ । ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି । ଅଭିଯୋଗ ଅନୁଯାୟୀ, ନୂଆପଲ୍ଲୀ ଥାନା ଅଧୀନ ଗଡ଼ସାହିରେ ସନ୍ଧ୍ୟା ବେଳେ ଜଣେ ଯୁବତୀଙ୍କ ରୁମ୍ ଭିତରେ ପଶି ବନ୍ଧୁକ ଦେଖାଇ ଜଣେ ଦୁର୍ବୃତ୍ତ ଦୁଷ୍କର୍ମ କରିଛି । ପରେ ଅଭିଯୁକ୍ତ ଯୁବତୀଙ୍କୁ ଆକ୍ରମଣ କରି ଫେରାର ହୋଇଥିବା ଅଭିଯୋଗ ହୋଇଛି । ପରିବାର ଲୋକଙ୍କ ସୂଚନା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ହସ୍ପିଟାଲ ପଠାଇଥିଲା । ପୀଡ଼ିତା ଯୁବତୀ ଜଣକ ବଡ଼ଭଉଣୀ(ବିବାହିତ)ଙ୍କ ସହ ନୂଆପଲ୍ଲୀ ଗଡ଼ସାହିରେ ଭଡା ରହୁଛନ୍ତି । ପୀଡ଼ିତା ଏକ ଟେଲିକମ୍ ସଂସ୍ଥାରେ ଚାକିରି କରୁଥିବା ବେଳେ ତାଙ୍କ ବଡ଼ ଭଉଣୀ ଫିଜିଓଥେରାପିଷ୍ଟ ଅଛନ୍ତି । ପୀଡ଼ିତାଙ୍କ ଭିଣୋଇ ବେଳେ ବେଳେ ଏଠାକୁ ଆସନ୍ତି । ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପୀଡ଼ିତାଙ୍କ ଭଉଣୀ ଘରେ ନ ଥିଲେ । ରାତି ୯ଟା ସୁଦ୍ଧା ସେ ଫେରି ଆସିବେ ବୋଲି କହିଥିଲେ ।



ପୀଡ଼ିତା ଜଣକ ଘର ଗ୍ରୀଲ୍, ମୁଖ୍ୟ କବାଟକୁ ଲକ୍ ନ କରି ଆଉଜେଇ ଦେଇ ବେଡ୍ ରୁମ୍ ଭିତରେ ଲାପଟପ୍‌ରେ କାମ କରୁଥିଲେ । ଏହାର ସୁଯୋଗ ନେଇ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଘରର କବାଟ ଖୋଲି ଅଚାନକ ଭିତରକୁ ପଶି ଆସିଥିଲା । ଯୁବତୀ କିଛି ବୁଝିବା ଆଗରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲା । ଲାଇଟ୍ ବନ୍ଦ କରି ୧୫ରୁ ୨୦ ମିନିଟ୍ ଧରି ଚଳାଇଥିଲେ ବର୍ବର ଓ ନାରକୀୟ କାଣ୍ଡ । ଯୁବତୀ ଜଣକ ଭୟଭୀତ ହୋଇ ପାଟି ଖୋଲିପାରି ନଥିଲେ । ଉପର ମହଲାରେ ଓ ପାଖରେ ପଡ଼ୋଶୀ ରହୁଥିଲେ ବି ବନ୍ଧୁକ ଭୟରେ ପୀଡ଼ିତା ଜଣକ କାହାରିକୁ ଡାକିପାରି ନଥିଲେ । ପରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ବାନ୍ଧି ବାହାର ପଟୁ କବାଟ ଦେଇ ଅତି ସହଜରେ ଫେରାର ହୋଇଯାଇଥିଲା । ଯୁବତୀ ରହୁଥିବା ଘର ନୂଆପଲ୍ଲୀ ଥାନାଠାରୁ ମାତ୍ର ଏକ କିଲୋମିଟର ଦୂର ହେବ । ଏଭଳି ଘଟଣାରେ ଯୁବତୀ ଜଣଙ୍କ ହତବାକ ହୋଇଯାଇଥିଲେ । କ'ଣ କରିବେ କିଛି ଜାଣି ପାରିନଥିଲେ । ଏମିତିକି ନିଜ ଭଉଣୀଙ୍କୁ ବି ଫୋନ୍ କରିପାରି ନଥିଲେ । ତେବେ କିଛି ସମୟ ପରେ ତାଙ୍କ ଭଉଣୀ ଘରକୁ ଫେରିଥିଲେ । ଆଉ ଦେଖିଥିଲେ ରୁମ କବାଟ ବାହାର ପଟୁ ଦିଆହୋଇଛି । କବାଟ ଖୋଲି ଘର ଭିତରକୁ ଗଲା ପରେ ପୀଡ଼ିତା ଭଉଣୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଭଉଣୀଙ୍କୁ ଦେଖିବା ପରେ ତାଙ୍କର ସାହସ ଆସିଥିଲା । ସେ ତାଙ୍କୁ ଜଣାଇବା ସହିତ ଭୁବନେଶ୍ୱରରେ ରହୁଥିବା ତାଙ୍କ ଭାଇକୁ ଘଟଣା ବିଷୟରେ ଜଣାଇଥିଲେ । ଭାଇ ଆସିବା ପରେ ସେ ନୟାପଲ୍ଲୀ ଥାନା ପୁଲିସ୍‌କୁ ଫୋନ୍ କରିଥିଲେ । ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ପୀଡ଼ିତାଙ୍କୁ ହସ୍ପିଟାଲ୍ ପଠାଇଥିଲା । ତା'ପରେ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପୁଲିସ ପୀଡ଼ିତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲା । ଘଟଣା ଘଟିବା ସମୟରେ କ'ଣ ପାଇଁ ପୀଡ଼ିତା ଚିତ୍କାର କରି ପଡ଼ୋଶୀଙ୍କୁ ଡାକି ନଥିଲେ ବୋଲି ପୁଲିସ୍ ପ୍ରଶ୍ନ କରିଥିଲା । ଯୁବତୀ ଜଣକ ଡରିଯାଇଥିବା ନେଇ ପୁଲିସ୍‌କୁ କହିଥିଲେ । ରାତି ୮ଟାରୁ ଭୋର ୪ଟା ପର୍ଯ୍ୟନ୍ତ ପୁଲିସ୍ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା । ତେବେ ଏହି ସମୟରେ ଜଣାପଡ଼ିଥିଲା ଅଭିଯୁକ୍ତ ଜଣଙ୍କ କାଣ୍ଡ ଘଟାଇବା ପରେ ଆମ ବସକ୍ଷହ ଚଢ଼ି ସିଆହପି ଆଡ଼କୁ ଯାଉଛି । ପୁଲିସ୍ ଟାୱାର ଡମ୍ ମାଧ୍ୟମରେ ଅଭିଯୁକ୍ତର ଫୋନ୍ ନମ୍ବର ପାଇଛି । ଉକ୍ତ ମୋବାଇଲ୍ ନମ୍ବର ବାରମ୍ବାର ବନ୍ଦ କରି ଲୋକେସନ୍ ବଦଳାଉ ଥିବାରୁ ପୁଲିସ୍ ପାଇଁ ସମସ୍ୟା ହେଉଛି । ତା'କୁ ଧରିବା ପାଇଁ ୩ଟି ଟିମ୍ ଗଠନ ହୋଇଛି । ଗୁରୁବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଡ଼ିତାଙ୍କ ରୁମକୁ ଯାଇଥିଲା । ସେଠାରୁ ତଥ୍ୟ ପ୍ରମାଣ ଯୋଗାଡ଼ କରିଛି । ଡିସିପି ଡା. ଶ୍ରବଣ ବିବେକ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ପହଞ୍ଚି ପୀଡ଼ିତାଙ୍କୁ ହସ୍ପିଟାଲ୍ ନେଇଥିଲା । ଏହା ଅତ୍ୟନ୍ତ ଜଘନ୍ୟ କାଣ୍ଡ ବୋଲି ଜଣାପଡ଼ିଛି । ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି । ପୀଡ଼ିତାଙ୍କ ଅଭିଯୋଗରେ କେତେ ସତ୍ୟତା ରହିଛି ତାହାର ମଧ୍ୟ ତଦନ୍ତ ଚାଲିଛି । ପୀଡ଼ିତାଙ୍କ ହାତ ଗୋଡ଼ ବାନ୍ଧିବା ଘଟଣା ବିଷୟରେ ତାଙ୍କ ଅଭିଯୋଗରେ ନାହିଁ । ଘଟଣାକୁ ଗମ୍ଭୀରତାର ସହ ନିଆଯାଇ ତଦନ୍ତ କରାଯାଉଛି ।

## ଛିନତାଇ ଗ୍ୟାଙ୍ଗର ଜଣେ ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର): ରାସ୍ତାରେ ଛିନତାଇ କରୁଥିବା ଜଣେ ଲୁଟେରାକୁ ନୂଆପଲ୍ଲୀ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରିତେଶ ସ୍ୱାଇଁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୬.୦୯.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୩.୫୦ ମିନିଟରେ ଅଭିଯୋଗକାରିଣୀ ସୁଭସ୍ମିତା ପାଢ଼ୀ ଯୁବୋଦୟ କ୍ଲାସେସ୍ ସମ୍ମୁଖରେ ଥିବା 'ଛପନ ଭୋଗ' ଦୋକାନ ନିକଟରେ ଫୋନରେ କଥା ହେଉଥିଲେ । ହଠାତ୍ ପଛ ପଟୁ ଏକ କଳା ରଙ୍ଗର ବାଇକରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ଆସି ତାଙ୍କ ହାତରୁ ରିୟଲମି ମୋବାଇଲଟିକୁ ଝମ୍ପି ନେଇ ଏକାମ୍ର ପାର୍କ ଆଡ଼କୁ ଫେରାର ହୋଇଯାଇଥିଲେ । ନୟାପଲ୍ଲୀ ପୋଲିସ ଏନେଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଥିଲା । ଗତକାଲି ତା ୦୧.୧୦.୨୦୨୬ ରାତି ପ୍ରାୟ ୮.୩୦ ମିନିଟରେ ପୋଲିସ ଖବର ପାଇଥିଲା ଯେ, ମୋବାଇଲ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତ ଏକାମ୍ର ପାର୍କ ରାସ୍ତାରେ ବୁଲୁଛନ୍ତି । ଖବର ପାଇ ପୋଲିସ ତୁରନ୍ତ ସେଠାରେ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ସେମାନେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ରିତେଶ ସ୍ୱାଇଁ ନାମକ ଜଣେ ପେସାଦାର ଲୁଟେରାକୁ କାବୁ କରିବାରେ ସଫଳ ହୋଇଥିଲା । ପଚରାଉଚରା ବେଳେ ରିତେଶ ନିଜ ଦୋଷ ସ୍ୱୀକାର କରିବା ସହ ତା'ର ଅନ୍ୟ ଦୁଇ ସହଯୋଗୀ କାହ୍ନା ଓ ବଲିଆ ସହ ମିଶି ମୋବାଇଲ୍ ଲୁଟିଥିବା କଥା ପ୍ରକାଶ କରିଥିଲା । ଲୁଟ୍ ମୋବାଇଲ୍ ବଲିଆ ପାଖରେ ଥିବା ଅଭିଯୁକ୍ତ କହିଛି । ଯାଞ୍ଚ ବେଳେ ତା' ନିକଟରୁ ଲୁଟ୍ ରେ ବ୍ୟବହୃତ ହୋଣ୍ଡା ସିବି ସାଇନ୍ ବାଇକ୍ ଏବଂ ଅନ୍ୟ ଏକ ଲୁଟ୍ ମୋବାଇଲ୍ ଫୋନ୍ ଜବତ କରାଯାଇଛି, ଯାହାକୁ ସେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ବୁଦ୍ଧ ପାର୍କ ନିକଟରୁ ଲୁଟିଥିଲା ବୋଲି ସ୍ୱୀକାର କରିଛି । ସଂଗୃହୀତ ପ୍ରମାଣ ଆଧାରରେ ଏହି ଅଭ୍ୟାସଗତ ଅପରାଧୀକୁ ଆଜି ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ଘରେ ପଶି ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ପିପିଲି(ନିପ୍ର): ପିପିଲି ଥାନା ଅଧିନ କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳରେ ଜଣେ ମହିଳାଙ୍କୁ ତାର ଘର ଭିତରେ ପଶି ଅସଦାଚରଣ ସହିତ ମରଣାନ୍ତକ ହତ୍ୟା ଧମକ ଦିଆଯାଇଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ପିପିଲି ଥାନା କେସ ନଂ ୬୦୬/୨୬ରେ ମାମଲା ଆଗତ ହୋଇଛି । ଏକଚାଳିଆ ଗ୍ରାମର ବାସନ୍ତୀ ବେହେରାଙ୍କୁ ସୁକାନ୍ତ ବେହେରା ନାମକ ଯୁବକ ଅସଦାଚରଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେବାରୁ ବାସନ୍ତୀ ନିଜ ପରିବାର ଉପରେ ବିପତ୍ତି ଥିବା ଜାଣି ପିପିଲି ଥାନାରେ ଅଭିଯୋଗ କରିଛନ୍ତି।

## ବାଲି ଚୋରା ଚାଲାଣ ଉପରେ ଉପଜିଲ୍ଲାପାଳଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ

ତିଗିରିଆ(ନିପ୍ର): ତିଗିରିଆ ତହସିଲ ଅଞ୍ଚଳରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ, ଚୋରା ଚାଲାଣ ଓ ଗାଡ଼ିଗୁଡ଼ିକର ଓଭରଲୋଡିଂ ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ କରାଯାଇଛି। ଆଠଗଡ଼ ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ସ୍ଥାନୀୟ ପୁଲିସ୍ ଅଧିକାରୀମାନଙ୍କ ମିଳିତ ସହଯୋଗରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆକସ୍ମିକ ଯାଞ୍ଚ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ବୋଝେଇ କରି ନେଉଥିବା ୩ଟି ଟ୍ରାକ୍ଟର ଏବଂ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଚିପ୍ସ ପରିବହନ କରୁଥିବା ୧ଟି ହାଇୱାକୁ ପ୍ରଶାସନିକ ଟିମ୍ ଜବତ କରିଥିଲେ। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜବତ ସମସ୍ତ ଗାଡ଼ିକୁ ତିଗିରିଆ ଥାନା ହେପାଜତରେ ରଖାଯାଇଛି। ଏହା ସହିତ, ପ୍ରଶାସନିକ ଟିମ୍ ହାଟମାଳା ବାଲି ସୋର୍ସ (ଘାଟ)ରେ ମଧ୍ୟ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚଳାଇଥିଲେ। ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଓ ପୁଲିସ୍ ବଳ ବାଲିଘାଟ ପରିଦର୍ଶନ କରି ଯାଞ୍ଚ କରୁଥିବା ସମୟରେ ବିନା ଟ୍ରାନ୍ସପୋର୍ଟ ପରମିଟ୍‌ରେ ବାଲି ପରିବହନ କରୁଥିବା ଅନ୍ୟ ଏକ ଟ୍ରାକ୍ଟରକୁ ମଧ୍ୟ ଜବତ କରାଯାଇଛି। ଖଣିଜ ସମ୍ପଦର ବେଆଇନ ଲୁଟ୍ ଏବଂ ନିୟମ ବିରୋଧୀ ଓଭରଲୋଡିଂକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆଗାମୀ ଦିନରେ ମଧ୍ୟ ତିଗିରିଆ ତହସିଲ ପ୍ରଶାସନ ପକ୍ଷରୁ ଏହିପରି ନିୟମିତ ଯାଞ୍ଚ ଓ କଠୋର ଏନ୍‌ଫୋର୍ସମେଣ୍ଟ ଜାରି ରହିବ।

## ୫୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଟ ଜ୍ଞାନରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଖଣ୍ଡପଡା ଅବକାରୀ ବିଭାଗ ଅଧିକାରୀ ସତ୍ୟପ୍ରିୟ ସ୍ୱାଇଁ, କନେଷ୍ଟବଳ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ମିତା ନାୟକ ଏବଂ ତାଙ୍କ ଟିମ ପ୍ରତ୍ୟୁଷରେ ଫତେଗଡ଼ ଥାନା ପଦ୍ମାବତୀ ପଞ୍ଚାୟତ ଝଗଡ଼ପଡା ଗ୍ରାମର ରତିକାନ୍ତ ନାୟକ (୨୭) ଚୋରା ମଦ ବିକ୍ରି କରୁଥିବା ଖବରପାଇ ତାଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ତାଙ୍କ ନିକଟରୁ ୫୭ ଲିଟର ଦେଶୀ ଓ ବିଦେଶୀ ମଦ ଯାହାର ଆନୁମାନିକ ମୂଲ୍ୟ ୬୨୬୦ ଟଙ୍କା, ଏକ ଫ୍ରିଜର ଜବତ କରି ଅଭିଯୁକ୍ତକୁ ଅବକାରୀ ଥାନାକୁ ଆଣି କୋର୍ଟ ଫରୱାର୍ଡ କରିଥିବା ଅବକାରୀ ବିଭାଗ ତରଫରୁ ପ୍ରକାଶ।

## ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର, ତଦନ୍ତ ଜାରି

ଦାମନଯୋଡି(ନିପ୍ର): ଦାମନଯୋଡି ଥାନା ଅନ୍ତର୍ଗତ ସହିଦ୍ ଲକ୍ଷ୍ମଣ ନାୟକ (ଚମ୍ପାପଦର) କଲୋନୀ ଓ ଦାମନଯୋଡି ରେଳ ଷ୍ଟେସନ ପାଖ ଏକ ଗଛରୁ ଦାମନଯୋଡି ପୁଲିସ ଏକ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ଖବର ନେବାରେ ଜଣାପଡିଛି କି, ଶୁକ୍ରବାର ସକାଳୁ ଦାମନଯୋଡି ପୁଲିସ କୌଣସି ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ଯୁବକ ଜଣକ ଦଶମନ୍ତପୁର ବ୍ଲକର ଗିର୍ଲିଗୁମ୍ମା ଗ୍ରାମର ରିତିକ ବାଘ (୨୨) ଓ ବୋଲି ଜଣା ପଡ଼ିଛି । ମୃତ ଯୁବକ ଦାମନଯୋଡିରେ ରହି ନାଲକୋରେ ଆପ୍ରେଣ୍ଟିସ୍ ତାଲିମ୍ ନେଉଥିବା ସୂଚନା ମିଳିଛି । ତେବେ ଯୁବକର ମୃତ୍ୟୁ କିପରି ହେଲା, କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ମହିଳାଙ୍କ ବେକରୁ ସୁନା ଚେନ ଲୁଟ: ଥାନାରେ ଅଭିଯୋଗ

ପିପିଲି(ନିପ୍ର): ଗତ ମାସ ୧୯ ତାରିଖରେ କୌଶଲ୍ୟାଗଙ୍ଗ ସିଫାଠାରେ ଅନ୍ନପୂର୍ଣ୍ଣା ପାତ୍ର ନାମକ ମହିଳାଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ଏକ କଳା ରଙ୍ଗର ପଲସରେ ଆସି ୨୨ ଗ୍ରାମ ଓଜନର ସୁନା ଚେନ ଲୁଟି ନେଇ ଥିଲେ । ଲୁଟିବା ସମୟରେ ଅନ୍ନପୂର୍ଣ୍ଣା ନିଜ ଗାଡ଼ିରୁ ପଡି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଘଟଣା ସ୍ଥଳରୁ ଚେନରୁ ଖସି ପଡି ଥିବା ସୁନା ଲକେଟକୁ ଦେଇ ଚିକିତ୍ସା ନିମନ୍ତେ ବାଲକାଟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିବା ବେଳେ ଅନ୍ନପୂର୍ଣ୍ଣାଙ୍କ ଚିକିତ୍ସାରେ ଉନ୍ନତି ଆସିବାରୁ ଘଟଣା ସମ୍ପର୍କରେ ପିପିଲି ଥାନାରେ ଅଭିଯୋଗ କରିଛନ୍ତି । ପିପିଲି ପୋଲିସ ଏନେଇ ପିପିଲି ଥାନା କେସ ନଂ ୬୦୩/୨୬ରେ ମାମଲା ଆଗତ କରିଛି ।

## ଶାଶୁ ଆକ୍ରମଣରେ ବୋହୂ ଗୁରୁତର

ସୋର: ଶାଶୁର ଆକ୍ରମଣରେ ବୋହୂ ଗୁରୁତର । ଶାଶୁ ବୋହୂର କଳି ନେଲା ଉଗ୍ର ରୂପ । ବୋହୂ ଉପରକୁ ଗରମ ତେଲ ପକାଇଲା ଶାଶୁ । ଗରମ ତେଲ ପକାଇ ମାରିବାକୁ ଉଦ୍ୟମ । ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି। ବାଲେଶ୍ୱର ଖଇରା ଥାନା ମଠନୁଆଗାଁରେ ଅଭାବନୀୟ ଘଟଣା। ଗୁରୁତର ମହିଳାଙ୍କୁ ଖଇରା ମେଡିକାଲରେ ଭର୍ତ୍ତି। ୫୦ପ୍ରତିଶତରୁ ଅଧିକ ପୋଡ଼ି ଯାଇଥିବା ସୂଚନା ମିଳିଛି। ବିବାହ ପରଠାରୁ ଶାଶୁ ତାଙ୍କ ପ୍ରତି ଅତ୍ୟାଚାର ଅଭିଯୋଗ ଆଣିଛନ୍ତି ବୋହୂ । ମନ୍ଦାର ଫୁଲ ଡାଳକୁ ନେଇ ଶାଶୁ ବୋହୂ ମଧ୍ୟରେ ଦେଖାଦେଇଥିଲା । ଶୁକ୍ରବାର ସକାଳୁ ବୋହୂ ଉପରକୁ ଗରମ ତେଲ ଫୋପାଡ଼ି ଦେଇଥିଲେ ଶାଶୁ । ବୋହୂଙ୍କୁ ଉଦ୍ଧାର କରି ଖଇରା ମେଡିକାଲକୁ ଆଣିଥିଲେ। ପରେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ବ୍ୟବସାୟୀଙ୍କଠାରୁ ୬୦ ଲକ୍ଷ ଟଙ୍କା ଠକେଇ, ସ୍ୱାମୀ-ସ୍ତ୍ରୀ ଗିରଫ

ଭୁବନେଶ୍ୱର(ନି.ପ୍ର): ମିଥ୍ୟା ପରିଚୟ ଦେଇ ଜଣେ ବ୍ୟବସାୟୀଙ୍କୁ ଭାବପ୍ରବଣତାରେ ବଶୀଭୂତ କରି ପ୍ରାୟ ୬୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ କ୍ୟାପିଟାଲ୍ ଥାନା ପୋଲିସ ଦ୍ୱାରା ଜଣେ ଫେକ୍ ଇଞ୍ଜିନିୟର ମହିଳା ଏବଂ ତା'ର ମାଷ୍ଟରମାଇଣ୍ଡ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଦୀନେଶ ରଂଜନ ଦାସ ଓ ସସ୍ମିତା ସାମଲ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କେନ୍ଦୁଝରରେ ଖଣି ବ୍ୟବସାୟ କରୁଥିବା ତଥା ସୂର୍ଯ୍ୟନଗରରେ ଅଫିସ୍ କରିଥିବା ଅଭିଯୋଗକାରୀ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ୨୦୨୪ ମସିହାରେ ସସ୍ମିତା ସାମଲ ନାମକ ଜଣେ ମହିଳା ନିଜକୁ 'ପ୍ରିୟଙ୍କା ପ୍ରଧାନ' ବୋଲି ମିଥ୍ୟା ପରିଚୟ ଦେଇ ଭେଟିଥିଲା। ନିଜକୁ ଜଣେ ଯୋଗ୍ୟ ସିଭିଲ୍ ଇଞ୍ଜିନିୟର ବୋଲି ଦର୍ଶାଇ ଚାକିରି ପାଇଁ ନିବେଦନ କରିଥିଲା ଏବଂ ଅଭିଯୋଗକାରୀ ତାକୁ ନିଜ କମ୍ପାନୀରେ କାମ କରିବାକୁ ଅନୁମତି ଦେଇଥିଲେ। କାମରେ ଯୋଗଦେବା ପୂର୍ବରୁ ସସ୍ମିତା ଏକ ଦୁର୍ଘଟଣାରେ ଶିକାର ହୋଇ ହସ୍ପିଟାଲରେ ଥିବା କହି ଅଭିଯୋଗକାରୀଙ୍କୁ ଚିକିତ୍ସା ପାଇଁ ଟଙ୍କା ମାଗିଥିଲା । ଅଭିଯୋଗକାରୀ ବିଶ୍ୱାସ କରି ଡିଜିଟାଲ୍ ମୋଡ୍ ମାଧ୍ୟମରେ ସସ୍ମିତାଙ୍କ ସମ୍ପର୍କୀୟ ଭଉଣୀ ପ୍ରିୟଙ୍କା ପ୍ରଧାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ, ମୁଖ୍ୟ ଅଭିଯୁକ୍ତ ତଥା ସସ୍ମିତାର ସ୍ୱାମୀ ଦିନେଶ ରଞ୍ଜନ ଦାଶ ଏବଂ ସସ୍ମିତା ଉଭୟ ମିଶି ଏକ ଷଡ଼ଯନ୍ତ୍ର ରଚିଥିଲେ । ଅଭିଯୋଗକାରୀଙ୍କ ସରଳତାର ସୁଯୋଗ ନେଇ ସସ୍ମିତା ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଏମ୍.ବି.ଏ. ପାଠପଢ଼ା, ମେଡିକାଲ୍ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବାହାନା କରି ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୬୦ ଲକ୍ଷ ଟଙ୍କା ଠକି ନେଇଥିଲା । ଏପରିକି ଏକ ଜାଲ୍ ଇନକମ୍ ସାର୍ଟିଫିକେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ ଏବଂ ବାଙ୍ଗାଲୋରରେ ଏକ ନକଲି ସଂସ୍ଥା ଖୋଲି ସେହି ଆକାଉଣ୍ଟକୁ ମଧ୍ୟ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେଇଥିଲେ। ଠକେଇ ହୋଇଥିବା ବିପୁଳ ଅର୍ଥକୁ ଦିନେଶ ନିଜ ଆକାଉଣ୍ଟକୁ ନେଇ ଏକ ନିସାନ୍ ମ୍ୟାଗ୍ନାଇଟ୍ କାର୍ କିଣିବା ସହ ଅୟସ କରୁଥିଲା । ଏହି ଠକେଇ ବିଷୟରେ ଜାଣିବା ପରେ ଅଭିଯୋଗକାରୀ ଥାନାରେ ଏତଲା ଦେଇଥିଲେ । କ୍ୟାପିଟାଲ୍ ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ପ୍ରମାଣ ସଂଗ୍ରହ କରିବା ସହ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ସୁନ୍ଦରପଦାରୁ କାବୁ କରିଛି। ଅପରାଧିକ ପୃଷ୍ଠଭୂମି ଯାଞ୍ଚରୁ ଗିରଫ ଅଭିଯୁକ୍ତ ଦିନେଶ ନାମରେ ପୂର୍ବରୁ ଯାଜପୁର ଥାନାରେ ଏକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି । ସଂଗୃହୀତ ପ୍ରମାଣ ଆଧାରରେ ସେମାନଙ୍କୁ ଆଜି ମଧ୍ୟାହ୍ନରେ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି ।

## ଫେରାର ଡ୍ରଗ୍ସ ସପ୍ଲାୟରକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର(ନି.ପ୍ର): ଦୀର୍ଘ ଦିନ ଧରି ଫେରାର ଥିବା ମୁଖ୍ୟ ଡ୍ରଗ୍ସ ସପ୍ଲାୟରକୁ ଇନଫୋସିଟି ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଅନୀଲ ରାଉତ। ସେ ୨୦୨୩ ମସିହାରେ ରୁଜୁ ହୋଇଥିବା ଏକ ମାମଲାରେ ସମ୍ପୃକ୍ତ ଥିଲା। ପୁଲିସ ତାକୁ ଆଜି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ୧୨.୦୭.୨୦୨୩ ତାରିଖରେ ଇନଫୋସିଟି ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପିଟାପଲ୍ଲୀ ଅଣ୍ଡରପାସ୍ ନିକଟରେ ଚଢ଼ାଉ କରିଥିଲା। ସେଠାରେ ବ୍ରାଉନ୍ ସୁଗାର ବେପାର କରୁଥିବା ବେଳେ ସୌମ୍ୟ ରଞ୍ଜନ ମହାନ୍ତି ଏବଂ ରଶ୍ମି ରଞ୍ଜନ ପ୍ରଧାନ ଓରଫ ଚିକୁଆ ନାମକ ଦୁଇ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ମୋଟ ୧୬.୬୫ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଥିଲା ଏବଂ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ହୋଇଥିବା ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଜଣାପଡ଼ିଥିଲା ଯେ ସେମାନେ ଖୋର୍ଦ୍ଧାର ଅନିଲ ରାଉତ ନାମକ ଜଣେ ବ୍ୟକ୍ତିଠାରୁ ଏହି ବ୍ରାଉନ୍ ସୁଗାର ଆଣି ଲୋକାଲ୍ ମାର୍କେଟ୍ ତଥା ନୀରିହ କଲେଜ ଛାତ୍ରଛାତ୍ରୀମାନଙ୍କୁ ବିକ୍ରି କରି ନିଶାଗ୍ରସ୍ତ କରାଉଥିଲେ। ସେବେଠାରୁ ମୁଖ୍ୟ ସପ୍ଲାୟର ଅନିଲ ରାଉତ ଫେରାର ଥିଲା ଏବଂ ପୋଲିସ ତାକୁ ଧରିବା ପାଇଁ ତଦନ୍ତ ଜାରି ରଖିଥିଲା। ଆଜି ତା ୦୨.୧୦.୨୦୨୬ ଇନଫୋସିଟି ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫେରାର ଥିବା ଉକ୍ତ ମୁଖ୍ୟ ବ୍ରାଉନ ସୁଗାର ବେପାରୀ ଅନିଲ ରାଉତକୁ କାବୁ କରିବାରେ ସଫଳ ହୋଇଛି। ଯାଞ୍ଚ ବେଳେ ତା' ନିକଟରୁ ଅପରାଧରେ ବ୍ୟବହୃତ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଅଟୋ ଚାଳକଙ୍କୁ ମାଡ଼ ମାରି ଟଙ୍କା ଓ ମୋବାଇଲ ଲୁଟ୍

ଭୁବନେଶ୍ୱର(ନି.ପ୍ର): ଜଣେ ଅଟୋ ଡ୍ରାଇଭରଙ୍କୁ ଯୋଜନାବଦ୍ଧ ଭାବେ ଏକ ନିଛାଟିଆ ସ୍ଥାନକୁ ଡାକିନେଇ ମାରପିଟ୍ କରିବା ସହ ଦାମୀ ଆଇଫୋନ୍ ଓ ଟଙ୍କା ଲୁଟି ନେଇଥିବା ଘଟଣାରେ ଇନଫୋସିଟି ପୋଲିସ ଜଣେ ପେସାଦାର ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୋମନାଥ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୮.୦୯.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୬.୩୦ ମିନିଟରେ ଅଭିଯୋଗକାରୀ ଅଟୋ ଡ୍ରାଇଭର ତପନ ଦାସ ଖଣ୍ଡଗିରି ଛକରେ ଥିବା ବେଳେ ଜଣେ ଅଜଣା ଯୁବକ କ୍ୟାନସର ମେଡିକାଲ୍ ଯିବାକୁ କହି ୩୦୦ ଟଙ୍କା ଭଡ଼ାରେ ତାଙ୍କ ଅଟୋ ବୁକ୍ କରିଥିଲା। ସେଠାରେ ପହଞ୍ଚିବା ପରେ ଯୁବକ ଜଣକ ଅଧିକ ଟଙ୍କା ଦେବାର ଲୋଭ ଦେଖାଇ ନିଜ ସାଙ୍ଗ ପାଖକୁ ଡ୍ରପ୍ କରିବା ବାହାନାରେ ଅଟୋକୁ ଇନଫୋସିଟି ରୋଡ୍ ପଛପଟ ଏକ ଅନ୍ଧାରିଆ ତଥା ନିଛାଟିଆ ରାସ୍ତାକୁ ନେଇଯାଇଥିଲା । ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ତା'ର ସହଯୋଗୀ ଅଭିଯୁକ୍ତ ଅନିଲ ସହ ମିଶି ଉଭୟେ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ଏବଂ ତାଙ୍କ ପକେଟରୁ ଗୋଟିଏ ଆଇଫୋନ୍ ୧୫, ଗୋଟିଏ ଓପୋ ମୋବାଇଲ୍ ଏବଂ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଲୁଟ୍ ହୋଇଥିବା ମୋବାଇଲ୍ ଗୁଡ଼ିକର ମୂଲ୍ୟ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅଭିଯୋଗକାରୀ ଦର୍ଶାଇଥିଲେ। ଇନଫୋସିଟି ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ସୋମନାଥ ସାହୁ ଓରଫ୍ ଅନିଲକୁ ଠାବ କରି କାବୁ କରିଛି । ତା' ନିକଟରୁ ଲୁଟ୍ ହୋଇଥିବା ଆଇଫୋନ୍ ୧୫, ଓପୋ ମୋବାଇଲ୍ ଏବଂ ନଗଦ ୨,୦୦୦/- ଟଙ୍କା ଉଦ୍ଧାର କରି ଜବତ କରାଯାଇଛି । ଅଭିଯୁକ୍ତର ପୂର୍ବଅପରାଧିକ ପୃଷ୍ଠଭୂମି ଯାଞ୍ଚ ରୁ ତା ନାମରେ ପୂର୍ବରୁ ଇନଫୋସିଟି ଥାନାରେ ଏକ ଲୁଟ୍ ମାମଲା ରହିଥିବା ଏବଂ ସେ ଜାମିନରେ ଆସି ପୁଣି ଥରେ ଏଭଳି ଅପରାଧ ଘଟାଇ ଥିବା ଜଣାପଡିଛି । ସଂଗୃହୀତ ପ୍ରମାଣ ଏବଂ ପଚରାଉଚରା ବେଳେ ଦୋଷ ସ୍ୱୀକାର ଆଧାରରେ ଉକ୍ତ ପେସାଦାର ଅପରାଧୀକୁ ଆଜି ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ରାସନ ଚାଉଳ ନେବା ବେଳେ ବୃଦ୍ଧଙ୍କର ମୃତ୍ୟୁ

ଖଣ୍ଡପଡ଼ା(ନିପ୍ର): ଖଣ୍ଡପଡ଼ା ବ୍ଲକର ଖଳିସାହି ପଞ୍ଚାୟତ ଅଧୀନ ପୁଆଣିଆ ଗ୍ରାମର ଯୁଧିଷ୍ଠିର ବରାଡ (୬୫) ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ରାସନ ଚାଉଳ ନେବା ପାଇଁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବା ବେଳେ ସେଠାରେ ମୁଣ୍ଡ ବୁଲାଇ ହେବାରୁ ହଠାତ ସେ ଚେତାଶୂନ୍ୟ ହୋଇ ତଳେ ଖସି ପଡିଥିଲେ। ସେଠାରେ ଉପସ୍ଥିତ ଥିବା ଜନସାଧାରଣ ଓ ଖଳିସାହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଏଭଳି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଥିବା ବେଳେ ବୃଦ୍ଧ ବ୍ୟକ୍ତିଙ୍କ ଆକସ୍ମିକ ବିୟୋଗରେ ପରିବାରବର୍ଗ ଭାଙ୍ଗି ପଡିଛନ୍ତି। ତେବେ ଏହି ଘଟଣା ପରେ ମୃତ୍ୟ ଏମିତି ବି ଆସେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ସାତପଡ଼ା ଭସାପୋଲରେ ତୁମୁଳ କାଣ୍ଡ: ଯାତାୟାତ ବନ୍ଦ

### ପୋଲିସ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା ଚଳାଚଳ

କୃଷ୍ଣପ୍ରସାଦ(ନିପ୍ର): ଚିଲିକା ସାତପଡ଼ା ଭସାପୋଲରେ ଯାତାୟାତକୁ ନେଇ ଶୁକ୍ରବାର ସକାଳେ ଘଟିଛି ତୁମୁଳ କାଣ୍ଡ। ସାତପଡ଼ାରୁ ଭସାପୋଲ ଯୋଗେ ବସ୍ ଓ ବାଇକ୍ ନେବାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ସାତପଡ଼ା-ଜହ୍ନିକୁଦା ଭସାପୋଲରେ ବସ୍ ଓ ବାଇକ୍ ପାର କରାଇବାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇ ଗଣ୍ଡଗୋଳରେ ପରିଣତ ହୋଇଥିଲା। ଘଟଣାରେ କେତେକ ଯାତ୍ରୀ ଉତ୍ତ୍ୟକ୍ତ ହୋଇ ଭସାପୋଲର ମୁଖ୍ୟ ପ୍ରବେଶ ଫାଟକରେ ତାଲା ପକାଇ ଦେଇଥିବା ଅଭିଯୋଗ ହୋଇଛି। ଏହା ସହ ଏକ ବସ୍‌କୁ ଭଙ୍ଗାରୁଜା କରି ଗେଟ ଭିତରେ ଅଟକାଇ ରଖାଯାଇଥିବା ଜଣାପଡ଼ିଛି। ଘଟଣା ପରେ ଚିଲିକାରେ ଭସାପୋଲ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଫଳରେ ସାତପଡ଼ା-ଜହ୍ନିକୁଦା ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀ, ପର୍ଯ୍ୟଟକ, ଦୁଇଚକିଆ ଓ ଅନ୍ୟାନ୍ୟ ଯାନବାହନ ଅଟକି ରହିଥିଲେ। ଭସାପୋଲ ଚଳାଚଳ ବନ୍ଦ ହେବାରୁ ଘାଟରେ ଯାତ୍ରୀଙ୍କ ଭିଡ଼ ବଢ଼ିବା ସହ ଅନେକ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦାରଖ କରିଥିଲା। ପୋଲିସ ହସ୍ତକ୍ଷେପ ପରେ ଉତ୍ତେଜନା ହ୍ରାସ ପାଇବା ସହ ଭସାପୋଲ ଚଳାଚଳ ପୁଣି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ତେବେ ଭସାପୋଲ ଭଳି ଗୁରୁତ୍ୱପୂର୍ଣ୍ଣ ଜଳପଥରେ ଯାତ୍ରୀ ଓ ଯାନବାହନ ପରିବହନକୁ ନେଇ ଏଭଳି ବିଶୃଙ୍ଖଳା ଘଟଣା ଯାତ୍ରୀ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଭବିଷ୍ୟତରେ ଏଭଳି ଘଟଣା ଯେପରି ପୁନରାବୃତ୍ତି ନହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଯାତ୍ରୀ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



### ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ମାମଲା

## ତଦନ୍ତ କରିବ ଜାତୀୟ ମାନବାଧିକାର କମିଶନ



କେନ୍ଦ୍ରାପଡ଼ା: ବହୁ ଚର୍ଚ୍ଚିତ କେନ୍ଦ୍ରାପଡ଼ାର ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ମାମଲାର ତଦନ୍ତ କରିବ ଜାତୀୟ ମାନବାଧିକାର କମିଶନ। ଗତ ଜୁନ ୧୧ ତାରିଖରେ ମହାକାଳପଡ଼ା ବିଡିଓଙ୍କ ଚାମ୍ବର ଭିତରେ ଚାମେଲିଙ୍କ ସହିତ ମାରପିଟ ଓ ଦୁର୍ବ୍ୟବହାର ଅଭିଯୋଗର ତଦନ୍ତ କରିବ କମିଶନ୍ । ଏଥିପାଇଁ ଏକ ୩ ଜଣିଆ ଟିମ୍ ଅକ୍ଟୋବର ୫ ରେ କେନ୍ଦ୍ରାପଡାରେ ପହଞ୍ଚିବେ । ଏନେଇ କମିଶନଙ୍କ ଦିଲ୍ଲୀ କାର୍ଯ୍ୟାଳୟରୁ କେନ୍ଦ୍ରାପଡା ଏସପି ଓ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଛି । ଘଟଣାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ଭେଟି କମିଶନ ପଚରା ଉଚରା କରିବେ । ମହାକାଳପଡ଼ା ପୋଲିସ, ବିଡିଓ, ବିଡିଓଙ୍କ କାର୍ଯ୍ୟାଳୟର କର୍ମଚାରୀ, ଉପସ୍ଥିତ ପ୍ରତ୍ୟକ୍ଷଦର୍ଶୀ, ତଦନ୍ତକାରୀ ଅଧିକାରୀ ଓ ଡାକ୍ତରଙ୍କୁ ପଚରାଉଚରା କରାଯିବ ବୋଲି ଜଣାପଡିଛି । ତେବେ ଏ ନେଇ ଜିଲ୍ଲା ପ୍ରଶାସନ ଅଥବା ପୋଲିସ ର ପ୍ରତିକ୍ରିୟା ମିଳି ପାରି ନାହିଁ ।



ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀପାଳନ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ନେତୃବୃନ୍ଦ (ଫଟୋ-ଦିନଲିପି)

## ଏସୀୟ କ୍ରୀଡ଼ାରେ ଭାରତର ସ୍ୱର୍ଣ୍ଣିମ ସଫଳତା

# ୩୦ ମିନିଟରେ ଆସିଲା ୩ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨/୧୦: ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ଖେଳାଳିମାନେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ଶୁକ୍ରବାର ମାତ୍ର ୩୦ ମିନିଟ୍ ବ୍ୟବଧାନ ମଧ୍ୟରେ ଭାରତୀୟ ଦଳ ୩ଟି ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛି। ବକ୍ସିଂରେ ପରଭୀନ ହୁଡ୍ଡା ଓ ଅଙ୍କୁଶ ପାଂଘାଲ ଏବଂ ରେସଲିଂରେ ସୁଜିତ କଲକାଲ ଏହି ସ୍ୱର୍ଣ୍ଣ ପଦକ ସବୁ ନିଜ ନାମରେ କରିଛନ୍ତି। ଏହି ଚମତ୍କାର ପ୍ରଦର୍ଶନ ସହ ଭାରତର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ଦିନର ପ୍ରଥମ ସଫଳତା ବକ୍ସିଂ ରିଙ୍ଗ୍‌ରୁ ଆସିଥିଲା, ଯେଉଁଠି ମହିଳା ୬୫ କେଜି ବର୍ଗର ଫାଇନାଲ୍‌ରେ ପରଭୀନ ହୁଡ୍ଡା ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା



ପରେ ପୁରୁଷ ୬୫ କେଜି ଫ୍ରିଷ୍ଟାଇଲ୍ ରେସଲିଂରେ ସୁଜିତ କଲକାଲ ଏକ ଦମଦାର ଏବଂ ରୋମାଞ୍ଚକର ପ୍ରତ୍ୟାବର୍ତ୍ତନ କରିଥିଲେ। ମ୍ୟାଚ୍‌ର ଏକ ସମୟରେ ସେ ତାଜିକିସ୍ତାନର ରେସଲରଙ୍କଠାରୁ ୬-୯ ପଏଣ୍ଟରେ ପଛୁଆ ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବିରୋଧୀଙ୍କୁ ମ୍ୟାଟ୍‌ରେ କଚାଡ଼ି ସ୍କୋରକୁ ୧୦-୯ କରିବା ସହ ସ୍ୱର୍ଣ୍ଣ ପଦକ ଛଡ଼ାଇ ଆଣିଥିଲେ। ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ପୁଣି ବକ୍ସିଂରୁ ଆସିଥିଲା। ପୁରୁଷ ୮୦ କେଜି ବର୍ଗର ଫାଇନାଲ୍ ମୁକାବିଲାରେ ଅଙ୍କୁଶ ପାଂଘାଲ ଦକ୍ଷିଣ କୋରିଆର କିମ୍ ମିନସେଓଙ୍ଗ୍‌ଙ୍କୁ ୪-୦ରେ ଏକତରଫା ଭାବେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆରମ୍ଭରୁ ହିଁ ଅଙ୍କୁଶ ନିଜର ଆକ୍ରମଣାତ୍ମକ ଶୈଳୀ ଜାରି ରଖି ଜଜ୍‌ମାନଙ୍କ ୧୦-୯ ସ୍କୋର କାର୍ଡ ସହ ବିଜୟୀ ହୋଇଥିଲେ। ଏହି ସ୍ୱର୍ଣ୍ଣିମ ତ୍ରିମୁକୁଟ ବିଜୟ ସହ ଭାରତ ଚଳିତ ଏସୀୟ କ୍ରୀଡ଼ାର ପଦକ ତାଲିକାରେ ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ବର୍ତ୍ତମାନ ସୁଦ୍ଧା ଭାରତ ପାଖରେ ୧୫ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଏବଂ ୩୫ଟି କାଂସ୍ୟ ପଦକ ସହ ସର୍ବମୋଟ ୭୫ଟି ପଦକ ରହିଛି। ଆସନ୍ତା ୪ ଅକ୍ଟୋବର, ରବିବାର ଦିନ ଏହି କ୍ରୀଡ଼ା ମହାକୁମ୍ଭ ଉଦଯାପିତ ହେବାକୁ ଥିବା ବେଳେ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ପାଇଁ ଚୀନ ସହ ଫାଇନାଲ୍ ଲଢ଼େଇ କରୁଛି, ଯାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ସାରା ରାଜ୍ୟରେ ଗାନ୍ଧି ଜୟନ୍ତୀ ଉତ୍ସବ

**କାଶୀନଗର:** ଗାନ୍ଧୀ ଜୟନ୍ତୀ ଅବସରରେ କାଶୀନଗର ପଞ୍ଚାୟତ ସମିତିର ସମସ୍ତ ପଞ୍ଚାୟତରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ସବକୀ ଯୋଜନା ସବକା ବିକାଶ-୨୦୨୬' ଅଧୀନରେ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଗ୍ରାମ ବିକାଶ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ସରକାରୀ ସେବାର ଉନ୍ନତି ଓ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଏହି ସଭାରେ ଗୁରୁତ୍ୱ ଦିଆଯାଇଥିବା ନେଇ ବିଡ଼ିଓ ଡମ୍ବୁରୁଧର ମଲ୍ଲିକ ସୂଚନା ଦେଇଛନ୍ତି।

**ଆସିକା:** ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆସିକା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ନେତୃବୃନ୍ଦ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**କାକଟପୁର:** ଅଞ୍ଚଳର ବିଭିନ୍ନ ସ୍କୁଲ ଓ କଲେଜରେ ମହାତ୍ମା ଗାନ୍ଧୀ ଏବଂ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସାହର ସହ ପାଳିତ ହୋଇଯାଇଛି। ସକାଳୁ ଛାତ୍ରଛାତ୍ରୀମାନେ ପ୍ରଭାତଫେରୀ କରିବା ସହ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଭୁବନେଶ୍ୱର:** ପ୍ରୟାସ ଅନୁଷ୍ଠାନ ଓ ଗଙ୍ଗନଗର ୟୁଥ୍ କ୍ଲବ୍ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୬ ସହରାଞ୍ଚଳ ବୃଦ୍ଧାଶ୍ରମରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଭିନ୍ନ ଶୈଳୀରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ତେବାସୀଙ୍କ ଗହଣରେ ରାମଧୂନ୍ ଗାନ କରାଯିବା ସହ ସେମାନଙ୍କୁ ସ୍ୱାଦିଷ୍ଟ ଭୋଜନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଚିରଞ୍ଜିବୀ ରେଡି, ବିବେକାନନ୍ଦ ସ୍ୱାଇଁ ଏବଂ ସମାଜସେବୀ ନୀଳମଣି ମିଶ୍ର ଏଥିରେ ପ୍ରମୁଖ ସହଯୋଗ କରିଥିଲେ।

**ବାଙ୍କୀ:** ବାଙ୍କୀ ଅଞ୍ଚଳରେ ପବିତ୍ର ଗାନ୍ଧି ଜୟନ୍ତୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା କ୍ଷେତ୍ରବାସୀ ଦାସ ଓ ଅସୀତ ବରଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପିଏମ୍‌ଶ୍ରୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସଙ୍କ ସଭାପତିତ୍ୱରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଜନତା ଦଳ ପକ୍ଷରୁ ମହାତ୍ମା ଗାନ୍ଧି ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ବିଜେଡି ନେତା ସୌମେନ୍ଦ୍ର ମିଶ୍ର ଓ ଶ୍ରୀନିବାସ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସହରର ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ଓ ସ୍ୱେଚ୍ଛାସେବୀ ସହାୟିକାଙ୍କୁ ଫଳ ବଣ୍ଟନ କରିଥିଲେ।

**ନିମାପଡ଼ା:** ଏଠାରେ ଚାଲିଥିବା ବିଭିନ୍ନ ଅନୁଷ୍ଠାନରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଡିଏଭି ବିଦ୍ୟାଳୟରେ ଅଧ୍ୟକ୍ଷ ଏମ୍.ଏମ୍. ହକ୍ ଏବଂ ନାଗବସ୍ତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ମାଲ୍ୟାର୍ପଣ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବାବୁଲି ବାରିକଙ୍କ ନେତୃତ୍ୱରେ ସ୍ମୃତି ସଭା ଏବଂ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆୟୋଜନ କରାଯାଇଥିଲା।

**ଭବାନୀପାଟଣା:** ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା, ଭଜନ ସମାରୋହ ଏବଂ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପୁରୀ :** ସଦଭାବନା ସଭାଗୃହଠାରେ ପୁରୀ ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପୁରୁଷଙ୍କ ଆଦର୍ଶ ଉପରେ ଗୁରୁତ୍ୱ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ନିରାକାରପୁର:** ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ କଳିଙ୍ଗ ଭେଟେରାନ୍ସ ଆସୋସିଏସନ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଧୀରେନ୍ଦ୍ର କୁମାର ରାଉତରାୟ ଓ ଆସୋସିଏସନ୍ ସଭାପତି କ୍ୟାପଟେନ୍ ବିଜୟ ବାଳିଆରସିଂହଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏନସିସି, ଏନଏସଏସ ଓ ସ୍କାଉଟ୍ ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ପରିସରରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ସହ ବୃକ୍ଷରୋପଣ କରାଯାଇଥିଲା।

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଲେଇଗଡ ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଓ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନଳିନୀ କିଷାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ବିଭାଗର ଅଧିକାରୀ ଓ ଜନସାଧାରଣ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଆଲୋଚନା କରିବା ସହ ସ୍ୱଚ୍ଛତା ଉପରେ ଶପଥ ପାଠ କରିଥିଲେ।

**ସୋନପୁର:** ସୁବର୍ଣ୍ଣପୁର ଜିଲ୍ଲାରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଭକ୍ତିର ସହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଏସପି ନାରାୟଣ ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂସ୍କୃତି ଭବନଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଭଦ୍ରକ:** ଗାନ୍ଧୀ ପଡ଼ିଆଠାରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହେବା ସହ କଂଗ୍ରେସ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇଏମ୍‌ର ଦିବ୍ୟସିଂହ ନାୟକ ଓ ସିପିଆଇର ଶୁଭେନ୍ଦ୍ର ମହାନ୍ତିଙ୍କ ମିଳିତ ନେତୃତ୍ୱରେ ଗଣତନ୍ତ୍ରର ସୁରକ୍ଷା ତଥା ବିଭିନ୍ନ ଦାବି ନେଇ ଆସନ୍ତା ଅକ୍ଟୋବର ୮ ତାରିଖରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଏଥିରେ ନିଷ୍ପତ୍ତି ନିଆଯାଇଛି।

## ବିଜେଡି ପକ୍ଷରୁ ଜନସଂପର୍କ ପଦଯାତ୍ରା



ଭୁବନେଶ୍ୱର, ୨/୧୦(ନିପ୍ର): ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ ୫୨, ବିମାନବନ୍ଦର ରୋଡ୍ ସ୍ଥିତ ରାଜାପଡ଼ିଆଠାରେ ଆୟୋଜିତ ହୋଇଥିଲା । ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏହି ପଦଯାତ୍ରାର ଶୁଭାରମ୍ଭ କରି ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା ଓ ଭଲ କାମ ପାଇଁ ସର୍ବଦା ଲୋକଙ୍କ ହୃଦୟରେ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଲୋକଙ୍କ ହୃଦୟରେ ରହିବ। ଓଡ଼ିଶା ବର୍ତ୍ତମାନ ଏକ କଠିନ ସମୟ ଦେଇ ଗତି କରୁଛି । ସରକାର ନିଜକୁ ଲୋକଙ୍କ ସରକାର ବୋଲି କହୁଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଶୁଣୁନାହାନ୍ତି । ପିଲାମାନଙ୍କ ପାଖରେ ପାଠ୍ୟପୁସ୍ତକ ନାହିଁ, ବୟସ୍କ ଲୋକମାନେ ପେନସନ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ମା'ମାନେ ମଧ୍ୟ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ରାଜ୍ୟ ସରକାର ମହାପ୍ରଭୁଙ୍କ ରଥଯାତ୍ରାକୁ ମଧ୍ୟ ଠିକ୍ ଭାବେ ପରିଚାଳନା କରିପାରିଲେ ନାହିଁ । ବନ୍ୟା ବିପନ୍ନଙ୍କୁ ରିଲିଫ୍ ପ୍ରଦାନ, ଧାନ କିଣା, ନିଯୁକ୍ତି ପରୀକ୍ଷା ଓ ଆର୍ଥିକ ପରିଚାଳନାରେ ଅବ୍ୟବସ୍ଥା ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି । ଓଡ଼ିଶାର ଖଣିଜ ସମ୍ପଦ ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କେନ୍ଦ୍ର ସରକାର ଖଣିଜ ସମ୍ପଦ ଉପରେ ଥିବା ଓଡ଼ିଶାବାସୀଙ୍କ ଅଧିକାରକୁ ଛଡ଼ାଇ ନେଇଛନ୍ତି ।

## ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି: ରାଜ୍ୟପାଳ

ଭୁବନେଶ୍ୱର, ୨/୧୦(ନିପ୍ର): ଆର୍ଥିକ ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ପରିପୂରକ ହେବା ଆବଶ୍ୟକ। ଏଥିପାଇଁ ସ୍ୱଚ୍ଛ, ସ୍ମାର୍ଟ ଓ ଜଳବାୟୁ-ସହନଶୀଳ ବିକାଶ ମଡେଲ ଆପଣାଇବାକୁ ପଡ଼ିବ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ସମ୍ବାଦ ଗ୍ରୁପ୍ ପକ୍ଷରୁ ଆୟୋଜିତ ତୃତୀୟ 'ଆର୍ଥ ଏଗେନ୍ କନକ୍ଲେଭ୍-୨୦୨୬'ରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ହୋଇ ରହିନାହିଁ। ଅନିୟମିତ ବର୍ଷା, ବଢ଼ୁଥିବା ତାପମାତ୍ରା ଓ ଅନିୟମିତ ପାଣିପାଗ ଘଟଣା ଏବେ କୃଷି, ଜଳସମ୍ପଦ, ସ୍ୱାସ୍ଥ୍ୟ ଓ ଜୀବିକାକୁ ପ୍ରଭାବିତ କରୁଛି। 'ଜେନ୍ ସି-ଜେନେରେସନ୍ କ୍ଲାଇମେଟ୍' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ଦୂତ ହେବା ସହ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ



ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ରୋକିବା କେବଳ କୌଣସି ଗୋଟିଏ ଅନୁଷ୍ଠାନ କିମ୍ବା ସମାଜର ଗୋଟିଏ ବର୍ଗର ଦାୟିତ୍ୱ ନୁହେଁ। ଏହା ସମସ୍ତଙ୍କର ମିଳିତ ଦାୟିତ୍ୱ। ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ, ଗଣମାଧ୍ୟମ ଓ ସାଧାରଣ ନାଗରିକଙ୍କ ମିଳିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ କ୍ଷେତ୍ର ନିଯୁକ୍ତି, ଜୀବିକା ଓ ଆର୍ଥିକ ବିକାଶ ପାଇଁ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପରିବେଶ ପ୍ରତି ଅଧିକ ଦାୟିତ୍ୱଶୀଳ ହୋଇ ବିକାଶକୁ ଆଗେଇ ନେବା ଦରକାର। ପ୍ରଦୂଷଣ ହ୍ରାସ, ଶକ୍ତି ଓ ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ହ୍ରାସ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା କରୁଥିବା ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ପାଇଁ ସେ ଆହ୍ୱାନ ଦେଇଥିଲେ। ଯୁବପିଢ଼ିଙ୍କୁ ବୈଦ୍ୟୁତିକ ଯାନ ଓ ସ୍ୱଚ୍ଛ ପରିବହନ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ ଦେଇ ଲୋକ ଭବନରେ ସ୍ଥାପିତ ୬୩୫ କିଲୋୱାଟ୍‌ର ସୌର ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ରାଜ୍ୟପାଳଙ୍କ କାରକେଡ୍‌ରେ ମଧ୍ୟ ବୈଦ୍ୟୁତିକ ଯାନ ବ୍ୟବହାର ଆରମ୍ଭ ହୋଇଥିବା ସେ କହିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତି ୟୁନିଟ୍ ସ୍ଥାପନ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଅତିକମରେ ଏକ ବର୍ଷ ପାଇଁ ମାଗଣାରେ ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ସୁବିଧା ଦେବା ଏବଂ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ରେସ୍କୋ ମଡେଲକୁ ପ୍ରୋତ୍ସାହିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

## ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟ

### ୪୪ ଦିନିଆ ସଚେତନତା ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨।୧୦: ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଏକ ସ୍ୱତନ୍ତ୍ର ୪୪ ଦିନିଆ ଅଭିଯାନ ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୪ ନଭେମ୍ବର ଶିଶୁ ଦିବସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗ୍ରାମସଭାରେ ଶିଶୁ ଶ୍ରମ ବିରୋଧରେ ସଂକଳ୍ପ ଗ୍ରହଣ କରାଯାଇ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରାଯିବ।ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ କରିଛନ୍ତି। ସେହିପରି, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଓ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀମାନେ ମଧ୍ୟ ଭିଡିଓ ବାର୍ତ୍ତା ଜରିଆରେ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ପଂଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଜନସାଧାରଣଙ୍କୁ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଜଣାଇଛନ୍ତି।ଅଭିଯାନର ମୁଖ୍ୟ ଆଧାର ହେଉଛି ସମୁଦାୟର ସକ୍ରିୟ ଅଂଶଗ୍ରହଣ। ଗ୍ରାମ ପଞ୍ଚାୟତକୁ ଅଭିଯାନର ମୁଖ୍ୟ କାର୍ଯ୍ୟାନ୍ୱୟନ ଏକକ ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ନୂତନ କୌଣସି ସମାନ୍ତରାଳ ବ୍ୟବସ୍ଥା ସୃଷ୍ଟି ନକରି ବିଦ୍ୟମାନ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ନେଇ ଅଭିଯାନକୁ ଆଗେଇ ନିଆଯିବ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନ, ବିଦ୍ୟାଳୟ ଓ ସ୍କୁଲ୍ ମ୍ୟାନେଜମେଂଟ କମିଟି , ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ , ତୃଣମୂଳସ୍ତରୀୟ କର୍ମଚାରୀ ଏବଂ ଶ୍ରମ ପ୍ରଶାସନ ପ୍ରମୁଖ ଭାବେ ସାମିଲ ହେବେ।ଶିଶୁ ଶ୍ରମର ତୁରନ୍ତ ନିରାକରଣ ସହ ଏହାର ମୂଳ କାରଣଗୁଡ଼ିକର ସମାଧାନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି।

## ପୂର୍ବତଟ ରେଳପଥ ପକ୍ଷରୁ ଗାନ୍ଧୀଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ

ଭୁବନେଶ୍ୱର, ୨/୧୦(ପିଆଇବି): ଚାଲିଥିବା ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଅଂଶସ୍ୱରୂପ ପୂର୍ବତଟ ରେଳପଥ ପକ୍ଷରୁ ଆଜି ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯାଇଛି। ଏହି



ଅବସରରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ରେଳ ହାଉସ୍ ଗେଟ୍ ଠାରୁ ରେଳ କୁଞ୍ଜ କଲୋନୀ ଦେଇ ରେଳ ସଦନ ପର୍ଯ୍ୟନ୍ତ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା। ଏଥିରେ ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହିତ ଯୋଗଦେଇ ସ୍ୱଚ୍ଛତା ଏବଂ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଭାତ ଫେରୀ ପରେ ରେଳ ସଦନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ମାଧ୍ୟମରେ ପରିବେଶ ସୁରକ୍ଷା ଓ ସ୍ଥାୟୀ ପରିବେଶ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା ଶପଥ ଓ ସ୍ୱଚ୍ଛତା ପରିଚର୍ଚ୍ଚା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2026, ତା.29.09.2026

ଟେଣ୍ଡର ସଂ. 40266056A

ସାମଗ୍ରୀଗୁଡ଼ିକର ବିବରଣୀ : RDSO ବିନିର୍ଦ୍ଦେଶ ସଂ. RDSO/SPN/256/2025 ସଂସ୍କରଣ : 2.0 କିମ୍ବା ସଦ୍ୟତମ ଅନୁଯାୟୀ ଆର୍ଥ ଲିକେଜ୍ ଡିଟେକ୍ଟର (8 ଚ୍ୟାନେଲ୍) ଲେଭେଲ-2ର ଯୋଗାଣ ଏବଂ ସଂସ୍ଥାପନ, RDSO ଦ୍ୱାରା ନିରୀକ୍ଷଣ । CTR/IPS ଇତ୍ୟାଦିରେ ପାୱାର ସପ୍ଲାଇ ଠାରୁ ELD ପର୍ଯ୍ୟନ୍ତ ୱାୟରିଙ୍ଗ ଫାର୍ମ ଦ୍ୱାରା କରାଯିବ । ଆବଶ୍ୟକ ସମସ୍ତ ସାମଗ୍ରୀର ଯୋଗାଣ ଫାର୍ମ ଦ୍ୱାରା କରାଯିବ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.10.2026ରିଖ 1500 ଘଟିକାରେ ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-477/R/26-27


## ମହିଳା ରିକର୍ଭ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ

ଓକାଜାକି, ୨/୧୦: ଭାରତୀୟ ମହିଳା ରିକର୍ଭ ଦଳ ଶୁକ୍ରବାର ଏସୀୟ କ୍ରୀଡା ୨୦୨୬ ରେ ଇତିହାସ ସୃଷ୍ଟି କରିଛି। ଭାରତୀୟ ତ୍ରୟୀ କୀର୍ତ୍ତି, ଅଙ୍କିତା ଭକ୍ତ ଏବଂ କୁମକୁମ ମହମ୍ମଦ ଫାଇନାଲରେ ୧୦ ଥର ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ୫-୩ରେ ପରାସ୍ତ କରି ମହିଳା ରିକର୍ଭ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ୬ରୁ ହବିଷ୍ୟାଳୀ ଯୋଜନାର ଅନ୍‌ଲାଇନ ଆବେଦନ



ପୁରୀ, ୨/୧୦(ନିପ୍ର): କାର୍ତ୍ତିକ ବ୍ରତଧାରୀ ହବିଷ୍ୟାଳୀଙ୍କ ପାଇଁ ବଡ ଖବର । ଅକ୍ଟୋବର ୬ରୁ ଆରମ୍ଭ ହେବ ହବିଷ୍ୟାଳୀ ଯୋଜନାର ଅନଲାଇନ ଆବେଦନ । ଅକ୍ଟୋବର ୨୬ରୁ ନଭେମ୍ବର ୨୪ ତାରିଖ ଯାଏଁ ହେବ କାର୍ତ୍ତିକ ବ୍ରତ । ଏଣୁ ଆଗାମୀ ୬ ତାରିଖ ସକାଳ ୧୦ଟାରୁ ଧାର୍ଯ୍ୟ ୨ ହଜାର ୫ଶହ ଆସନ ପୂରଣ ହେବା ପାଇଁ ଅନଲାଇନ ଆବେଦନ ପ୍ରକ୍ରିୟା ଜାରି ରହିବ। ବୃନ୍ଦାବତୀ ନିବାସ ପୌର କଲ୍ୟାଣ ମଣ୍ଡପ ଏବଂ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ । ଏହି ୩ଟି ସ୍ଥାନରେ ୨ ହଜାର ୫ ଶହ ହବିଷ୍ୟାଳୀଙ୍କ ପାଇଁ ରହଣୀ, ସ୍ୱତନ୍ତ୍ର ଶ୍ରୀମନ୍ଦିର ଦର୍ଶନ ଏବଂ ମାଗଣା ମହାପ୍ରସାଦର ବ୍ୟବସ୍ଥା ରହିବ । ୩୦ଟି ଜିଲ୍ଲାରୁ ଆବେଦନ କରିପାରିବେ ଯୋଗ୍ୟ ମହିଳା । ୭୦ ବର୍ଷ ଯାଏଁ ବିଧବା ଏବଂ ୫୦ରୁ ୭୦ ବର୍ଷର ବିବାହିତା ମହିଳା ଆବେଦନ କରିପାରିବେ । ଯୋଗ୍ୟ ମହିଳାମାନେ edistrict.odisha.gov.in ଏହି ୱେବସାଇଟରେ ଆବେଦନ କରିପାରିବେ । ଏଥର ନୂଆ ଆବେଦନକାରୀଙ୍କୁ ମିଳିବ ପ୍ରାଧାନ୍ୟ ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

କୁଚିଣ୍ଡା, ୨।୧୦(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ଡ଼ିଭିଜନ ଅଧୀନସ୍ଥ କୁଚିଣ୍ଡା ରେଞ୍ଜ ବଡ଼ବାହାଲ ସେକ୍ସନରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ବୁର୍ଲା ଭୀମସାର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତ ବୃଦ୍ଧ ହେଲେ କୁସୁମୀ ପଞ୍ଚାୟତ ବେନିଆପୋଷି ଗ୍ରାମର ଭଗ କିଷାନ(୬୦)। ଶୁକ୍ରବାର ସକାଳୁ ଭଗ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ଫେରୁଥିବା ସମୟରେ ହାତୀ ହୁବୁଡରେ ପଡ଼ିଯାଇଥିଲେ। ଭଗ କିଷାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାରୀ ନିୟମ ଅନୁଯାୟୀ ବନ ବିଭାଗ ବହନ କରିବ ବୋଲି କୁଚିଣ୍ଡା ରେଞ୍ଜର ଲେଖାରାଣୀ ମହାନନ୍ଦ କହିଛନ୍ତି। ବଣାଇ ବନ୍ୟପ୍ରାଣୀ ଡିଭିଜନ ସୀମାକୁ ଲାଗିଥିବା ବାମରା ଡିଭିଜନର ବଡବାହାଲ ସେକ୍ସନ ଅଞ୍ଚଳରେ ୬ଟି ବଣୁଆ ହାତୀ ବିଚରଣ କରୁଥିବା ସମ୍ପର୍କରେ ବନବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି।

## ବ୍ୟାଙ୍କକ୍‌କୁ ପୁଣି ଆରମ୍ଭ ହେବ ବିମାନ ସେବା

ଭୁବନେଶ୍ୱର, ୨।୧୦: ପ୍ରାୟ ୩ ମାସର ବ୍ୟବଧାନ ପରେ ଆଜିଠାରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ପୁଣି ଆରମ୍ଭ ହେବ ବିମାନ ସେବା। ଏହାଦ୍ୱାରା ଓଡ଼ିଶାରୁ ଥାଇଲାଣ୍ଡ ଯାତ୍ରା କରୁଥିବା ଯାତ୍ରୀଙ୍କୁ ସୁବିଧା ମିଳିବ।ସୂଚନା ଅନୁଯାୟୀ, ବିମାନଟି ରାତି ୧୧ଟା ୫ ମିନିଟ୍‌ରେ ଭୁବନେଶ୍ୱରରୁ ଉଡ଼ାଣ ଭରିବ। ପରଦିନ ସକାଳ ପ୍ରାୟ ୫ଟା ୩୦ ମିନିଟ୍‌ରେ ବ୍ୟାଙ୍କକ୍‌ରେ ପହଞ୍ଚିବ। ପୁଣି ବିମାନ ସେବା ଆରମ୍ଭ ହେବା ଫଳରେ ଉଭୟ ସହର ମଧ୍ୟରେ ଯାତାୟାତ ଅଧିକ ସୁବିଧାଜନକ ହେବ।ଦୀର୍ଘ ବ୍ୟବଧାନ ପରେ ସିଧାସଳଖ ବିମାନ ସେବା ଆରମ୍ଭ ହେବା ନେଇ ଯାତ୍ରୀ ଓ ବ୍ୟବସାୟୀ ମହଲରେ ମଧ୍ୟ ଉତ୍ସାହ ପ୍ରକାଶ ପାଇଛି।


34001/922/2627

GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E-mail: eembbngr@yahoo.in)

Ltr. No.7824 // Dtd.24.09.2026

INVITATTIONS FOR BIDS (IFB)

E-Procurement Bid Identification No. S.E –BNJ-R&B-15 / 2026-27

| | | | |
|---|---|---|---|
| 1. | Name of work | :- | S/R to Bhanjanagar-Tilisingi-Tarasingi-Dasapalla Road (SH-37) such as repair of bad patches and potholes with BM and SDBC from 26/000 to 38/800 Km. |
| 2. | No. of works | :- | 01 No. Road work |
| 3. | No. of Covers | :- | Double Cover |
| 4. | Estimated cost | :- | Rs.67.37 lakhs |
| 5. | Period of Completion | :- | Three Calendar Months |
| 6. | Date of time of availability of bid document in the portal | :- | From 12.30 P.M. of dated 05.10.2026 to 5.00 P.M. of dated 15.10.2026. |
| 7. | Last date/time for receipt of bids in the portal | :- | Up to 5.00 P.M. of dated 15.10.2026. |
| 8. | Date of opening of bid documents | :- | At 11.00 A.M. of 16.10.2026 |
| 9. | Class of Contractor | :- | "B" Class Contractor |
| 10. | Name and address of officer inviting Bid | :- | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

24.9.26

Superintending Engineer
Bhanjanagar (R&B) Division

OIPR 34001/34015/1/26-27/0013



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ